




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 FEBRUARY 2022

Vol.No. 33 ■ No. 36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଞ୍ଚତତ୍ତ୍ୱରେ ବିଲୀନ ହେଲେ ଲତା ମଙ୍ଗେଶକର



ମୁମ୍ବାଇ, ୦୬/୦୨ (ନି.ପ୍ର): ରବିବାର ସନ୍ଧ୍ୟାରେ ସ୍ୱର ସମ୍ରାଜ୍ଞୀ ତଥା ଭରତ ରତ୍ନ ଲତା ମଙ୍ଗେଶକର ପାର୍ଥିବ ଶରୀର ପଂଚତତ୍ତ୍ୱରେ ବିଲୀନ ହୋଇ ଯାଇଛି । ଶିବାଜୀ ପାର୍କରେ ରାଜ୍ୟ ସମ୍ମାନ ସହ ଅନ୍ତିମ ସଂସ୍କାର କରାଯାଇଥିଲା। ଲତା ମଙ୍ଗେଶକରଙ୍କ ପାର୍ଥିବ ଶରୀରକୁ ତାଙ୍କ ଭାଇ ହୃଦୟନାଥ ମଙ୍ଗେଶକର ମୁଖାଗ୍ନି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ରାଜ୍ୟପାଳ ଭାଗବତ ସିଂ କୋଶିଆରି, ଶରଦ ପାୱାର, ଭାରତ ରତ୍ନ କ୍ରିକେଟର ସଚିନ ତେନ୍ଦୁଲକର, ଚଳଚ୍ଚିତ୍ର ଅଭିନେତା ଶାହରୁଖ ଖାନ ଏବଂ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଶିବାଜୀ ପାର୍କରେ ପୁଷ୍ପଗୁଚ୍ଛ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମଙ୍ଗେଶକର ପରିବାରକୁ ଭେଟି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହାପୂର୍ବରୁ ଲତା ମଙ୍ଗେଶକରଙ୍କ ମୃତଦେହ ପେଡର ରୋଡରେ ଥିବା ପ୍ରଭୁ କୁଞ୍ଜ ବାସଭବନରୁ ସାମରିକ ସମ୍ମାନ ସହ ଶିବାଜୀ ପାର୍କକୁ ନିଆଯାଇଥିଲା। ପ୍ରାୟ ଦୁଇ ଘଂଟା ପରେ ଲତା ଦିଦିଙ୍କ ଶବ ଶିବାଜୀ ପାର୍କ ଗ୍ରାଉଣ୍ଡରେ ପହଂଚିଲା । ତାଙ୍କ ଭାଇ ହୃଦୟନାଥ ମଙ୍ଗେଶକର, ଭଉଣୀ ଆଶା ଭୋସଲେ, ଉଷା ମଙ୍ଗେଶକର, ମୀନା ମଙ୍ଗେଶକର ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପେଡା ରୋଡରୁ ଶିବାଜୀ ପାର୍କ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶଂସକମାନେ ଲତା ମଙ୍ଗେଶକରଙ୍କୁ ▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

ନୂଆଦିଲ୍ଲୀ, ୦୬/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେଶକରଙ୍କ ଦେହାନ୍ତରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ପରିବାର ସହିତ କଥା ହେବା ସହ ସମବେଦନା ଜଣାଇଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ଆଗାମୀ ପୀଢିମାନେ ତାଙ୍କୁ ଭାରତୀୟ ସଂସ୍କୃତିର ଏକ କିମ୍ବଦନ୍ତୀ ଭାବରେ ମନେ ରଖିବେ, ଯାହାଙ୍କ ସୁମଧୁର ସ୍ୱର ଲୋକମାନଙ୍କୁ ଅଭିଭୂତ କରିବାର ଏକ ଅପୂର୍ବ ଦକ୍ଷତା ରଖିଥିଲା । ଏକ ଟୁଇଟରେ ପ୍ରଧାନମନ୍ତ୍ରୀ କହିଛନ୍ତି; "ମୋ ନିକଟରେ ଶବ୍ଦ ନାହିଁ । ଦୟାଳୁ ତଥା ଯତ୍ନଶୀଳ ଲତା ଦିଦି ଆମକୁ ଛାଡି ଚାଲିଯାଇଛନ୍ତି । ସେ ଆମ ଦେଶରେ ଏକ ଶୂନ୍ୟସ୍ଥାନ ଛାଡିଛନ୍ତି ଯାହା ପୂରଣ ହୋଇପାରିବ ନାହିଁ । ଆଗାମୀ ପୀଢି ତାଙ୍କୁ ଭାରତୀୟ ସଂସ୍କୃତିର ଏକ କିମ୍ବଦନ୍ତୀ ଭାବରେ ମନେ ରଖିବେ, ଯାହାଙ୍କ ସୁମଧୁର ସ୍ୱର ଲୋକଙ୍କୁ ଅଭିଭୂତ କରିବାର ଏକ ଅଦ୍ୱିତୀୟ ଦକ୍ଷତା ରଖିଥିଲା । "ଲତା ଦିଦି"ଙ୍କ ଗୀତ ବିଭିନ୍ନ ପ୍ରକାରର ଭାବନା ଆଣିଥିଲା । ସେ ଦଶନ୍ଧି ଦଶନ୍ଧି ଧରି ଭାରତୀୟ ଚଳଚ୍ଚିତ୍ର ଜଗତର ପରିବର୍ତ୍ତନକୁ ଅତି ନିକଟରୁ ଦେଖିଥିଲେ । ଚଳଚ୍ଚିତ୍ର ବ୍ୟତୀତ ସେ ସର୍ବଦା ଭାରତର ଅଭିବୃଦ୍ଧି ପ୍ରତି ଆଗ୍ରହୀ ଥିଲେ । ସେ ସର୍ବଦା ଏକ ଶକ୍ତିଶାଳୀ ତଥା ବିକଶିତ ଭାରତ ଦେଖିବାକୁ ଚାହୁଁଥିଲେ ।" "ମୁଁ ଏହାକୁ ମୋର ସୌଭାଗ୍ୟ ବୋଲି ମନେ କରେ ଯେ ମୁଁ ସର୍ବଦା ଲତା ଦିଦିଙ୍କ ଠାରୁ ଅପାର ସ୍ନେହ ପାଇଛି । ତାଙ୍କ ସହ ମୋର କଥାବାର୍ତ୍ତା ସ୍ମରଣୀୟ ହୋଇ ରହିବ । ଲତା ଦିଦିଙ୍କ ଦେହାନ୍ତରେ ମୁଁ ଭାରତବାସୀଙ୍କ ସହ ଅତ୍ୟନ୍ତ ଦୁଃଖିତ । ତାଙ୍କ ପରିବାର ସହିତ କଥା ହେବା ସହ ସମବେଦନା ଜଣାଇଛି । ଓମ୍ ଶାନ୍ତି ।"

# ଚରଣଜିତ ସିଂହ ଚନ୍ନି ପଞ୍ଜାବରେ କଂଗ୍ରେସର ମୁଖ୍ୟମନ୍ତ୍ରୀ ଚେହେରା ହେବେ



ଚଣ୍ଡିଗଡ଼, ୦୬/୦୨ (ନି.ପ୍ର): ଗତ ୧୧୧ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟକୁ ଷ୍ଟାମ୍ପ୍ କରି କଂଗ୍ରେସ ହାଇକମାଣ୍ଡ ପୁଣିଥରେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛି। ଚାରିମାସ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚରଣଜିତ ସିଂ ଚାନ୍ନିଙ୍କ ଉପରେ କଂଗ୍ରେସ ହାଇକମାଣ୍ଡ ବାଜି ଲଗାଇଛି। ପଞ୍ଜାବର ଲୁଧିଆନାରୁ ଏକ ଭର୍ଚୁଆଲ୍ ରାଲିକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଛନ୍ତି ଯେ ଏହା ପଞ୍ଜାବର ଲୋକଙ୍କ ନିଷ୍ପତି । ଯେଉଁଥିରେ ସେ ସହମତ ଅଟନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ ଭଏସ୍ କଲ୍, ଆଭ୍ୟନ୍ତରୀଣ ବାର୍ତ୍ତାଳାପ ମାଧ୍ୟମରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ଚେହେରାକୁ ବାଛିଛି। ରାହୁଲ ଗାନ୍ଧୀ କହିଛନ୍ତି ଯେ ଦଳ ଏହି ମାମଲାରେ ଚରଣଜିତ ସିଂ ହ ଚନ୍ନି ଏବଂ ନବଜୋତ ସିଦ୍ଧୁଙ୍କୁ ଅନ୍ତର୍ଭୁକ୍ତ କରିଛି। ଯେଉଁଥିପାଇଁ ପଞ୍ଜାବର ଲୋକମାନେ ଚରଣଜିତ ସିଂହ ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ପ୍ରଥମ ପସନ୍ଦ ଭାବରେ ବାଛିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଚେହେରା ଘୋଷଣା କରିବା ପାଇଁ କଂଗ୍ରେସ ଆଜି ଲୁଧିଆନାରୁ ଏକ ଭର୍ଚୁଆଲ୍ ରାଲିର ଆୟୋଜନ କରିଥିଲା। ଯେଉଁଥିପାଇଁ ସମସ୍ତ ଜିଲ୍ଲା ମୁଖ୍ୟାଳୟ ଏବଂ ରାଜ୍ୟର ୧୧୭ ବିଧାନସଭା ନିର୍ବାଚନମଣ୍ଡଳୀରେ ବଡ଼ ପରଦା ଲଗାଯାଇଥିଲା । ଚାମକାଉର ସାହିବର ଶସ୍ୟ ବଜାରରେ ସ୍ଥାପିତ ପରଦା ସାମ୍ନାରେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କ ପରିବାର ସାଧାରଣ ଲୋକଙ୍କ ମଧ୍ୟରେ ବସିଥିଲେ।

# ଝାଳ ବୁହାଇ ଅଦା ଅମଳ କରିଥିଲେ ଚାଷୀ : ହେଲେ ମିଳୁନି ଦାମ, କିଲୋ ୫ ଟଙ୍କାରେ ହେଉଛି ବିକ୍ରି



ଭୁବନେଶ୍ୱର, ୦୬/୦୨ (ନି.ପ୍ର): ଅଦା କିଲୋ ୫ ଟଙ୍କା । ଶୁଣିଲେ ଆର୍ଶ୍ଚର୍ଯ୍ୟ ଲଗୁଥିଲେ ବି କଥା ଟି ସତ । ଚିନ୍ତାରେ ଅଦା ଚାଷୀ । କେଉଁଠି ଜମିରୁ ବାହାରି ପାରୁନି ଅଦା । ତ କେଉଁଠି ଗୋଦାମ ଘରେ ଜମା ହୋଇ ପଡ଼ିରହିଛି ଶହ ଶହ କ୍ୱିଂଟାଲ ଅଦା । ରାଜ୍ୟ ତଥା ରାଜ୍ୟ ବାହାରକୁ ଅଦା ଯୋଗାଉଥିବା ଚାଷୀ ଏବେ ନିଜ ପେଟ ପାଇଁ ଆହାର ଖୋଜୁଛି । ଅଦାର ଅଭାବି ବିକ୍ରି । ଅଦା କିଲୋକୁ ୫ ଟଙ୍କା, କିଣିବାକୁ କେହି ନାହିଁ । କୋରାପୁଟ ଜିଲ୍ଲାରେ ଯେଉଁ ଅଦା କିଲୋ ପିଛା ୫୦ ରୁ ୬୦ ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ବଜାରରେ କେଜିକୁ ୫ ଟଙ୍କାରେ ବିକ୍ରି ହେଉଛି । କିନ୍ତୁ ନେବା ପାଇଁ ଗ୍ରାହକ ନାହାନ୍ତି । ଅଦାର ଅଭାବି ବିକ୍ରି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି । ବିକ୍ରି ହେଉନଥିବାରୁ ଚାଷୀ ଅଦା ଅମଳ କରୁନାହାନ୍ତି, ▶▶ପୃଷ୍ଠା ୭

# ମୋଦୀ ଓ ନବୀନଙ୍କ ବ୍ୟକ୍ତିତ୍ୱ ଅଲଗା ଓ କାର୍ଯ୍ୟ କରିବା ପଦ୍ଧତି ଭିନ୍ନ : ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୦୬/୦୨ (ନି.ପ୍ର): ଓଡିଶା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟରେ ବିଶେଷ ସ୍ଥାନ ରହିଛି। ଓଡିଶା ମାଟିର ଋଣ ଶୁଝାଇବା ଏବଂ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦ୍ୟୋୟ ମିଶନର ସ୍ୱପ୍ନକୁ ସାକାର କରିବା ଏବଂ ସାଢେ ୪କୋଟି ଓଡିଆଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଆମର ମୁଳ ଲକ୍ଷ୍ୟ । ଅତୀତରେ ଓଡିଶାର ବିକାଶ ପାଇଁ ଆବଶ୍ୟକୀୟ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳୁ ନଥିଲା । ମାତ୍ର ଆଜି ଯାହା ଦାବି କରାଯାଉଛି ତାହାଠୁ ଅଧିକ ମିଳୁଛି। ଉଦାହରଣ ସ୍ୱରୂପ, ୟୁପିଏ ଶାସନ କାଳରେ ୨୦୧୪ ମସିହା ପର୍ଯ୍ୟନ୍ତ ଓଡିଶା ରାଜ୍ୟକୁ ରେଳ ବିଭାଗ ପାଇଁ ହାରାହାରି ମାତ୍ର ୮୦୦ କୋଟି ଟଙ୍କାର ଅନୁଦାନ ଆସୁଥିବାବେଳେ ୨୦୧୪ ପରବର୍ତୀ ମୋଦି ସରକାର ଶାସନ କାଳରେ ଏହି ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ଚଳିତ ବର୍ଷ ପାଇଁ ୟୁପିଏ ସରକାର ତୁଳନାରେ ଓଡିଶାକୁ ୧୦ଗୁଣ ଅଧିକ ୯୭୩୪ କୋଟି ଟଙ୍କାର ରେଳ ବଜେଟ ଅନୁମୋଦନ ଏକ ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି କେନ୍ଦ୍ର ରେଳ ଏବଂ ସୁଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ଆତ୍ମନିର୍ଭର ଅର୍ଥନୀତି ଏବଂ ବଜେଟ ୨୦୨୨-୨୩" ଶୀର୍ଷକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'କୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗତ ୧ ତାରିଖ ଦିନ ଉପସ୍ଥାପନା କରିଥିବା "ବଜେଟ-୨୦୨୨"କୁ ଦେଶବ୍ୟାପୀ ପ୍ରଶଂସା ମିଳିଛି । କେନ୍ଦ୍ରୀୟ ବଜେଟରେ ଓଡିଶାକୁ ବିପୁଳ ମାତ୍ରାରେ ଅର୍ଥ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଏଥିରେ ବଡ ଭୂମିକା ଗ୍ରହଣ

## ଲତା ମଙ୍ଗେସକର ଅନନ୍ତକାଳ ପାଇଁ ନିଜ ସଙ୍ଗୀତ ମାଧ୍ୟମରେ ବଂଚି ରହିବେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ପ୍ରସିଦ୍ଧ ଗାୟିକା ଲତା ମଙ୍ଗେସକରଙ୍କ ବିୟୋଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ପରଲୋକବିଷୟରେ ଜାଣି ଗଭୀର ଦୁଃଖିତ। 'ମେଲୋଡି କୁଇନ୍ ଅଫ୍ ଇଣ୍ଡିଆ' ଆମର ସାମଗ୍ରିକ ଚେତନାରେ ଏକଶୂନ୍ୟସ୍ଥାନ ଛାଡ଼ିଯାଇଛି। ସେ ଅନନ୍ତକାଳ ପାଇଁ ନିଜ ସଙ୍ଗୀତ ମାଧ୍ୟମରେ ବଂଚି ରହିବେ। ମୋର ଚିନ୍ତାଧାରା ଏବଂ ପ୍ରାର୍ଥନା ଶୋକସନ୍ତପ୍ତପରିବାର ଏବଂ ତାଙ୍କ ଅଗଣିତ ପ୍ରଶଂସକଙ୍କ ସହିତ ଅଛି।

# ୨୫ କୋଟି ଟଙ୍କାର ହେରୋଇନ୍ ଜବତ

ମୁମ୍ବାଇ, ୦୬/୦୨ (ନି.ପ୍ର): କୋଟି କୋଟି ଟଙ୍କାର ହେରୋଇନ ଜବତ କଲା ମହାରାଷ୍ଟ୍ର ଏଟିଏସ। ପାଲଘର ଜିଲ୍ଲାରେ ଜୋତା ଭିତରୁ ମହାରାଷ୍ଟ୍ର ଏଟିଏସ ୨୫.୧୭ କୋଟି ଟଙ୍କାର ହେରୋଇନ୍ ଜବତ କରିଛି। ଏଟିଏସ ଜୁହୁ ୟୁନିଟି ଏବଂ ଥାଣେ ୟୁନିଟି ପକ୍ଷରୁ ମିଳିତ ଭାବେ ଫେବୃଆରୀ ୪ ଓ ୫ରେ ଏହି ରେଡ୍ କରାଯାଇଥିଲା। ବିଳମ୍ବିତ ରାତିରେ ଆରମ୍ଭ ହୋଇଥିବା ଏହି ଅପରେସନରେ ୧୭୨୪ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ଅନ୍ତର୍ଜାତୀୟ ବଜାରର ମୂଲ୍ୟ ଅନୁଯାୟୀ ଏହାର ଦାମ ୨୫.୧୭ କୋଟି ଟଙ୍କା ହେବ। ଏଥିସହ ୨.୬ ଲକ୍ଷ ଟଙ୍କାର କ୍ୟାସ ଜବତ କରାଯାଇଛି। ଏହି ଘଟଣାରେ ଏଡିପିଏସ ଆକ୍ଟ ୧୯୮୫ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଲିମ ଏମଡି ଅକ୍ତର ଏବଂ ଛୋଟା ଏମଡି ନାସିରଙ୍କୁ ଗିରଫ କରଯାଇଛି। ଉଭୟଙ୍କ ଘର ଉତ୍ତରାଖଣ୍ଡର ହରିଦ୍ୱାରରେ। କୋର୍ଟରେ ହାଜର ପରେ ଅଭିଯୁକ୍ତମାନଙ୍କୁ ଫେବୃଆରୀ ୧୧ ପର୍ଯ୍ୟନ୍ତ ଏଟିଏସ ରିମାଣ୍ଡରେ ନେଇଛି। ମହାରାଷ୍ଟ୍ର ଏଟିଏସ ମୁଖ୍ୟ ବିନିତ୍ ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ରେଡ୍ କରାଯାଥିଲା।

# କାହିଁକି ବିବାହ କରିନଥିଲେ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ?



ନୂଆଦିଲ୍ଲୀ, ୦୬/୦୨ : କୋକିଳ କଣ୍ଠୀ ତଥା ଭାରତ ରତ୍ନ ପୁରସ୍କାର ପ୍ରାପ୍ତ ଲତା ମଙ୍ଗେସକରଙ୍କ ବିୟୋଗ । ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି । ୯୨ବର୍ଷ ବୟସରେ ମୁମ୍ବାଇ ବ୍ରିଚ୍ କାଣ୍ଡି ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି । ସକାଳ ୮ଟା ୧୨ରେ ଦେହାନ୍ତ ନେଇ ସୂଚନା ମିଳିଛି । ୨୯ଦିନ ହେଲା ଭେଣ୍ଟିଲେଟରରେ ଥିଲେ ଲତା ମଙ୍ଗେସକର । ଜାନୁଆରୀ ୮ତାରିଖରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କରୋନା ସହିତ ନିମୋନିଆରେ ଲତା ପୀଡିତ ଥିଲେ । ଲତା ଆଜୀବନ ଅବିବାହିତ ରହିଛନ୍ତି । ତେବେ ଏଠି ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠୁଥିବା କାହିଁକି ବିବାହ କରିନଥିଲେ ଲତା । କ'ଣ ଥିଲା ଏହାର କାରଣ ? ଲତାଙ୍କ ପିତା ଦୀନାନାଥ ମଙ୍ଗେସକର ଜଣେ ଥିଏଟର କଳାକାର ଏବଂ ସଙ୍ଗୀତକାର ଥିଲେ । ଲତା ୫ବର୍ଷ ବୟସରୁ ତାଙ୍କ ପିତାଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ତାଙ୍କ ସହ ସାନ ଭଉଣୀ ଆଶା, ଉଷା, ମୀନା ଓ ଭାଇ ହୃଦୟନାଥ ମଧ୍ୟ ସଙ୍ଗୀତ ଶିକ୍ଷା କରୁଥିଲେ । ଲତା ମାତ୍ର ୧୩ ବର୍ଷର ହୋଇଥିବା ବେଳେ ତାଙ୍କ ପିତାଙ୍କର ହୃଦ୍‌ରୋଗରେ ଦେହାନ୍ତ ହୋଇଥିଲା । ବାପାଙ୍କ ପରେ ସେ ଘରର ଜ୍ୟେଷ୍ଠ ଥିଲେ, ତେଣୁ ଏହି କାରଣରୁ ସମସ୍ତଙ୍କ ଦାୟିତ୍ୱଭାର ଲତାଙ୍କ କାନ୍ଧରେ ପଡିଲା । ପରେ ପରିବାର ଭରଣପୋଷଣ ନିମନ୍ତେ ସେ ୧୯୪୨ରୁ ସଙ୍ଗୀତ ଜୀବନ ଆରମ୍ଭ କଲେ । ପିତାଙ୍କ ମୃତ୍ୟୁ ପରେ ଲତା ଘରର ଯତ୍ନ ନେବାକୁ ବାହାରିଲେ । ଏହି କାରଣରୁ, ତାଙ୍କୁ ନିଜ ପାଠପଢା ଅଧାରୁ ଛାଡିବାକୁ ପଡିଲା । କେବଳ ଘରର ଦାୟିତ୍ୱ ତୁଲାଇବା କାରଣରୁ ଲତା ମଙ୍ଗେସକର ବିବାହ କରିପାରିନଥିଲେ । ଏକ ସାକ୍ଷାତକାର ହୋଇଥିଲା, ଯେଉଁଥିରେ ସେ କହିଥିଲେ ଯେ ସେ ଅନେକ ଥର ବିବାହ ସମ୍ପର୍କରେ ଭାବିଥିଲେ କିନ୍ତୁ ଏହାକୁ କାର୍ଯ୍ୟକାରୀ କରିପାରି ନଥିଲେ । ପିତାଙ୍କ ବିୟୋଗ ପରେ ସମସ୍ତ କାର୍ଯ୍ୟଭାର ତାଙ୍କ ଉପରକୁ ଆସିଯାଇଥିଲା । ଘରର ଜ୍ୟେଷ୍ଠ ଯେହେତୁ ଭାଇଭଉଣୀ ଏବଂ ଘରର ଦାୟିତ୍ୱରେ ସମୟ ବିତିଗଲା । ସେ ଆଉ ବିବାହ କିରପାରିଲେ ନାହିଁ । ଲତାଙ୍କୁ କୁଇନ୍ ଅଫ୍ ମେଲୋଡି, ନାଇଟିଙ୍ଗେଲ ଅଫ୍ ଇଣ୍ଡିଆ କୁହାଯାଏ । ୧୯୮୯ରେ ସେ 'ଦାଦାସାହେବ ଫାଲକେ' ଆୱାର୍ଡ ପାଇଥିଲେ । ୨୦୦୧ ପାଇଥିଲେ ସର୍ବୋଚ୍ଚ ବେସାମରିକ 'ଭାରତ ରତ୍ନ' ପୁରସ୍କାର । ପ୍ରଥମ ଭାରତୀୟ ଭାବେ ଲଣ୍ଡନର ରୟାଲ ଆଲବର୍ଟ ହଲରେ ଗୀତ ଗାଇଥିଲେ । ୧୯୪୨ରେ ଲତା ପ୍ରଥମେ ଏକ ମରାଠୀ ଫିଲ୍ମରେ ଗୀତ ଗାଇଥିଲେ, ▶▶ପୃଷ୍ଠା ୭

## ପୁଣି ବଢ଼ିଲା ନିର୍ବାଚନୀ ପ୍ରଚାର କଟକଣା

ନୂଆଦିଲ୍ଲୀ, ୦୬/୦୨ ୫ଟି ରାଜ୍ୟ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କଟକଣାକୁ ବୃଦ୍ଧି କରିଛନ୍ତି ନିର୍ବାଚନ କମିଶନ। ନିର୍ବାଚନ ପାଇଁ ରୋଡ୍ ସୋ', ପଦଯାତ୍ରା, ଶୋଭାଯାତ୍ରା ଏବଂ ସାଇକେଲ ସହ ଯାନବାହାନ ରାଲି ଉପରେ ଲଗାଯାଇଥିବା ପ୍ରତିବନ୍ଧକ ଅବଧିକୁ ବୃଦ୍ଧି କରାଯାଇଛି। ତେବେ କୋଭିଡ ପ୍ରୋଟୋକଲ ମଧ୍ୟରେ ରାଜନୈତିକ ସଭାସମିତି ପାଇଁ କମିଶନ୍ କୋହଳ କରିଛନ୍ତି। କମିଶନ କହିଛନ୍ତି ଯେ, ଇଣ୍ଡୋର ହଲରେ ୫୦ ପ୍ରତିଶତ କ୍ଷମତାରେ ରାଜନୈତିକ ସଭା ସମିତି ହୋଇ ପାରିବ। ଖୋଲା ମୈଦାନରା ୩୦ ପ୍ରତିଶତ କ୍ଷମତାରେ ସଭାସମିତି ହୋଇପାରିବ। ଏହା ବାଦେ ଘରକୁ ଘର ବୁଲି କ୍ୟାମ୍ପେନି ପାଇଁ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି। ରାତି ୮ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପ୍ରଚାର କଟକଣାକୁ ବଳବତ୍ତର ରଖିଛନ୍ତି କମିଶନ। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବଙ୍କ ସହ ▶▶ପୃଷ୍ଠା ୭

# ଜମାଖାତାରୁ ୧୨ଲକ୍ଷ ଉଡାନ ମାମଲାରେ ୫ ଗିରଫ



ବାଲେଶ୍ୱର,୦୬/୦୨ (ନି.ପ୍ର): ବାଲେଶ୍ୱରରେ ସାଇବର ଥାନାରେ ରୁଜୁ ପ୍ରଥମ ମାମଲାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ। ୧/୨୯.୧୨.୨୦୨୧ ନଂର ମାମଲାରେ ଅନୁସନ୍ଧାନ ସହ ବିଭିନ୍ନ ରାଜ୍ୟରୁ ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମଙ୍ଗ ମୁର୍ଶିଦାବାଦ ଅଞ୍ଚଳର ସମଦ ଅଲିଙ୍କ ପୁତ୍ର ସମିମ ଅହମ୍ମଦ(୩୨), ଝାଡ଼ଖଣ୍ଡ ଦେଓଘର ଅଞ୍ଚଳର ମହମ୍ମଦ କୁରବାନଙ୍କ ପୁତ୍ର ମହମ୍ମଦ ଆଜାଦ ଅନସାରୀ(୨୫), କୋଲକାତାର ତଲତାଲାର ଏଜାଜ ଅହମ୍ମଦଙ୍କ ପୁତ୍ର ସାଜିଦ ଇକବାଲ (୧୯), କୋଲକାତା ପାର୍କଷ୍ଟ୍ରିଟ ଅଞ୍ଚଳର ସ୍ୱର୍ଗତ ମନୋବର ହୁସେନଙ୍କ ପୁତ୍ର ନିଆଜ ହୁସେନ ଓରଫ ଅର୍ମାନ (୨୮) ଏବଂ ଓଡ଼ିଶାର ସୁନ୍ଦରଗଡ଼ ଜିଲା ରଙ୍ଗାଡିପା ଅଞ୍ଚଳର ସ୍ୱର୍ଗତ ଅବଦୁଲ ରସିଦଙ୍କ ପୁତ୍ର ମହମ୍ମଦ ରାହିଲ ଓରଫ ରାହିଲ ମେମନ(୨୫)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୧୪ଗୋଟି ଏଟିଏମ କାର୍ଡ଼, ନଗଦ ୧ଲକ୍ଷ ୬୯ ହଜାର ଟଙ୍କା, ବିଭିନ୍ନ କମ୍ପାନିର ୩୯ଟି ସିମକାର୍ଡ଼ ସମେତ ୧୦ ଗୋଟି ମୋବାଇଲ ଫୋନ ପୁଲିସ ଜବତ କରିଥିବା ସାଇବର ଥାନା ଅଧିକାରିଣୀ ମୀନା ବିନ୍ଧାଣୀ ଏକ ସମ୍ବାଦିକ ସମ୍ମଳନୀରେ ସୂଚନା ଦେଇଛନ୍ତି । ନୀଳଗିରି ବାଲିଗୋହିରୀ ଅଞ୍ଚଳର ସମୀର ପ୍ରଧାନଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ପାତ୍ରଙ୍କ ବାଲେଶ୍ୱର ଇଣ୍ଡିସଇଣ୍ଡ ବ୍ୟାଙ୍କରେ ଥିବା ତାଙ୍କ ଜମାଖାତାରୁ ୧୨ ଲକ୍ଷ ୪୫ ହଜାର ଟଙ୍କାର ସ୍ଥାୟୀ ଜମା (ଫିକ୍ସଡ ଡିପୋଜିଟ)ରାଶି ଗତ ୨୮ ତାରିଖରେ ହଠାତ ଉଡାନ ହାଇଯାଇଥିଲା। ଏହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଶ୍ରୀମତୀ ପାତ୍ର ସାଇବର ଥାନାରେ ଏତଲା ଦେଇଥିଲେ। ସେହିକ୍ରମରେ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ ବିଭିନ୍ନ ରାଜ୍ୟକୁ ଯାଇ ସେଠାକାର ପୁଲିସ ସହାୟ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସୁନ୍ଦରଗଡ଼ର ରାହିଲ ମେନନଙ୍କୁ ପ୍ରଥମେ ଠାବ ସହ ପୁଲିସ ତାଙ୍କ ନିକଟରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା ବୋଲି ସାଇବର ଥାନାଧିକାରିଣୀ ଶ୍ରୀମତୀ ବିନ୍ଧାଣୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ର୍ୟାକେଟର ମୁଖ୍ୟ ତଥା ମାଷ୍ଟର ମାଇଣ୍ଡ ଦୁଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

## ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଭତ୍ତା

ଗଂଜାମ,୬/୨ (ନି.ପ୍ର): ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ। ସରକାର ଙ୍କ ଯୋଜନା ପାଲଟିଛି ସାତସପନ ପ୍ରହସନ ପାଲଟିଛି ଯୋଜନା। ବୟସ ୭୦ ପରେ ବି ମିଳୁନି ବାର୍ଦ୍ଧକ୍ୟ ଭତା କ୍ଷ ଜଣେ କି ଦୁଇଜଣ ନୁହଁ ଗ୍ରାମର ଶତାଧିକ ଲୋକ ଏହି ଭଳି ସରକାର ଙ୍କ ଯୋଜନା ରୁ ବଂଚିତ ହୋଇଛନ୍ତି। ଏମିତି ଏକ ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ବାଲିଛାଇ ଫଂଚାୟତର ରିସିପୁର ଗ୍ରାମରୁ କ୍ଷ ଗ୍ରାମରେ ପାଖାପାଖି ୬୦ ରୁ ଉର୍ଦ୍ଧ ବ୍ୟକ୍ତି ବାର୍ଦ୍ଧକ୍ୟ ଭତା ପାଇବାକୁ ଯୋଗ୍ୟ । ତଥାପି ଦୀର୍ଘଦିନ ଧରି ଗ୍ରାମର ବୃଦ୍ଧ ବୃଦ୍ଧା ସରକାରଙ୍କ ନିୟମ ମୁତାବକ ସମସ୍ତ କାଗଜ ପତ୍ର ଫଂଚାୟତ ଓ ବ୍ଲକ କାର୍ଯ୍ୟାଳୟ ରେ ଦାଖଲ କରି ବାରମ୍ବାର ଦୌଡିଲେ ମଧ ରାଜନୈତିକ ଆକ୍ରୋଶ ରଖି ଜାଣିଶୁଣି ଯୋଜନା ରେ ସାମିଲ କରାଯାଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେପଟେ ପଂଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରୁ ବଂଚିତ ରଖାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉ ଥିବା ଅଭିଯୋଗ ହେଉଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ନରସିଂହ ଗୁରୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

ବଲାଙ୍ଗିର ,୬/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ପାଇଥିବା ବଲାଙ୍ଗୀରର ବିଶିଷ୍ଟ ଲେଖକ , ଆକାଶବାଣୀ ଗୀତିକାର , ପ୍ରଥମ କୋଶଳୀ ଅଭିଧାନ ପ୍ରଣେତା ତଥା ଶିକ୍ଷାବିତ୍ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପରିଷଦର ସଭାପତି ମଳୟ ମିଶ୍ର , ଉପ-ସଭାପତି ବିଶ୍ୱମୟ ପୂଜାରୀ , ସମ୍ପାଦକ କପିଳେଶ୍ୱର ଖମାରୀ , କୋଷାଧକ୍ଷ ଅଜିତ କୁମାର ମହାନ୍ତି , ସଦସ୍ୟ ଜ୍ଞାନୀନ୍ଦ୍ର ମହାନ୍ତି ଓ ବିକାଶ ମହାକୁର ପ୍ରମୁଖ ତାଙ୍କ ବାସଭବନରେ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ପ୍ରକାଶ । ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦର ଜଣେ ଉପଦେଷ୍ଟା ଥିବା ଶ୍ରୀ ଗୁରୁ ତାଙ୍କୁ ଏହି ପଦ୍ମଶ୍ରୀ ମିଳିବାର ଶ୍ରେୟ ଲେଖକ ପରିଷଦକୁ ଦେଇଥିଲେ ଓ ତାଙ୍କ ବକ୍ତବ୍ୟରେ ଅନେକ ପୁରସ୍କାର ମିଳିଥିଲେ ହେଁ , ତାଙ୍କୁ ଲେଖକ ପରିଷଦ ପକ୍ଷରୁ "କୋଶଳ ପାଣିନୀ" ଉପାଧୀରେ ପ୍ରଥମେ ଭୂଷିତ କରାଯାଇଥିବାରୁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ତାଙ୍କର ଏହି ପଦ୍ମଶ୍ରୀ ପୁରସ୍କାର ସମଗ୍ର ଜିଲ୍ଲାର ଓ କୋଶଳୀଭାଷାକୁ ଏଥିରେ ସ୍ୱୀକୃତି ଦେଇଥିବା ଭାରତ ସରକାର ଏହିଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ତାଙ୍କର ଏକମାତ୍ର ଅଭିଳାଷ ବୋଲି କହିଛନ୍ତି ।

## ଦଳୀୟ ଅନୁଶାସନ ଭାଙ୍ଗି ୬ଜଣ ବିଜେପିରୁ ବହିଷ୍କୃତ

କେନ୍ଦ୍ରାପଡ଼ା,୬/୨ (ନି.ପ୍ର): ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ କେନ୍ଦ୍ରାପଡା ଜିଲ୍ଲା ବିଜେପିର ୬ଜଣଙ୍କୁ ଦଳରୁ ବହିଷ୍କାର କରାଯାଇ ଥିବା ଏକ ପ୍ରେସ୍ ବିଜ୍ଞପ୍ତି ରୁ ଜଣାପଡିଛି । ଏହି ୬ଜଣ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଜୋନରେ ପ୍ରତିଦ୍ୱନ୍ଦିତା କରୁଥିବାରୁ ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ସୁପାରିଶ ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି। ୬ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଦାସ ଓ ଚଳିତ ନିର୍ବାଚନରେ ୬ନଂ ପାଇଁ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ତାଙ୍କ ପତ୍ନୀ ରଶ୍ମିତା ଦାସ, ୨୩ ନଂ ଜୋନରେ ପ୍ରତିଦ୍ୱନ୍ଦିତା କରୁଥିବା ଅଚିନ୍ତ ମାଇତି, ୨୬ ନଂ ଜୋନରେ ପ୍ରତିଦ୍ୱନ୍ଦିତା କରୁଥିବା ମହିଳା ବିଜେପି ସାଧାରଣ ସଂପାଦିକା ଉଷାରାଣୀ ମିଶ୍ର, ୧୦ ନଂ ଜୋନରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦିତା କରୁଥିବା ନାରାୟଣ ପ୍ରସାଦ ସ୍ୱାଇଁ ଓ ସନ୍ତୋଷ କୁମାର ଜେନାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଶ୍ରୀ ଜେନା ବର୍ତମାନ ୯ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ଅଛନ୍ତି।

## ବିଶିଷ୍ଟ କଳାକାରଙ୍କ ପରଲୋକ

ନୂଆପଡା,୬/୨ (ନି.ପ୍ର): ନୂଆପଡା ଜିଲ୍ଲା କୋମନାର ବିଶିଷ୍ଟ କଳାକାର, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା କିର୍ତନ ଗୁରୁ କୁମୁଦ ସିଂ ମଲ୍ଲିକଙ୍କ ପରଲୋକ ହୋଇଯାଇଛି । ସେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସେ କୋମନାର ମାଁ ସମଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାର ବରିଷ୍ଠ ସଦସ୍ୟ ଥିଲେ। ଅନୁଷ୍ଠାନରେ ରହି ଅନେକ ଗୀତିନାଟ୍ୟ ରଚନା କରିଥିଲେ ।

## ଲୋକଙ୍କ କାମନା କରୁଥିବା ନେତାଙ୍କୁ ଜନତା ଏଥର ବରଖାସ୍ତ କରନ୍ତୁ: ନରସିଂହ

ବଲାଙ୍ଗିର, ୬/୨ (ନି.ପ୍ର): ଗ୍ରାମାଂଚଳର ଉନ୍ନତି ଉପରେ ସାରା ରାଜ୍ୟ ତଥା ଦେଶର ଉନ୍ନତି ନିର୍ଭର କରେ । ଏହି ତ୍ରିସ୍ତରିୟ ନିର୍ବାଚନରେ ଲୋକେ ଗ୍ରାମାଂଚଳର ସର୍ବାଙ୍ଗିନ ଉନ୍ନତି ପାଇଁ ପ୍ରତିନିଧି ନିର୍ବାଚିତ କରନ୍ତି । ଦିର୍ଘ ପାଂଚ ବର୍ଷର ଅପେକ୍ଷା ପରେ ପୁଣି ଗୁରୁତ୍ୱପୁର୍ଣ୍ଣ ନିର୍ବାଚନୀ ସମୟ ଆସିଛି । ଯାହା ଆଗାମୀ ପାଂଚ ବର୍ଷ ପାଇଁ ଗ୍ରାମାଂଚଳର ଭବିଷ୍ୟତ ନିର୍ଦ୍ଧାରିତ କରିବ । ଗତ ଥର ପଂଚାୟତ ନିର୍ବାଚିନରେ ଯେଉଁ ବ୍ୟକ୍ତି ବିଶେଷ କିମ୍ବା ରାଜନୈତିକ ଦଳ ଲୋକଙ୍କ ଭୋଟ ହାତେଇ ଅଂଚଳ ପାଇଁ କାମ କରି ନାହାନ୍ତି, ସେମାନଙ୍କୁ ଚିହ୍ନନ୍ତୁ ଜନତା । ଲୋକଙ୍କ ପାଇଁ କାମ କରୁ ନଥିବା ନେତା ତଥା ଦଳକୁ ଜନତା ଏଥର ବରଖାସ୍ତ କରନ୍ତୁ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଦେଓଗାଁ ବ୍ଲକ ଜୋନ ନଂ ୧୨ ଅନ୍ତର୍ଗତ ହାତିଶରା, ନାଇକେନଶିରା, ସାରସବାହାଲ, କୁତୁର୍ଲା, ମୁର୍ସିଙ୍ଗ, ସିକୁଆଁ, ସିଲେଟକାନି ଓ କରୁଆଁଝର ଗ୍ରାମବାସୀଙ୍କୁ ନିର୍ବାଚନ ପ୍ରଚାର ସମୟରେ କହିଛନ୍ତି । ଦେଓଗାଁ ବ୍ଲକ ୧୨ର କଂଗ୍ରେସ ପ୍ରାର୍ଥିନୀ କବିତା ଭୋଇଙ୍କ ପାଇଁ ଘର ଘର ବୁଲି ଭୋଟ ପ୍ରଚାର କରିବା ସମୟରେ ସେ ଆହୁରି କହିଛନ୍ତି ଯେ, ନିର୍ବାଚନ ପୁର୍ବରୁ ସମସ୍ତ ରାଜନୈତିକ ଦଳ ତଥା ନେତା ସଂପୃକ୍ତ ଅଂଚଳର ଜନ ସମସ୍ୟା ଚିହ୍ନଟ କରି ତାହକୁ ନିଜର ନିର୍ବାଚନ ପ୍ରଚାର ବା ପ୍ରତିଶୃତି ପତ୍ର ସ୍ଥାନିତ କରାନ୍ତି । ଜନତାର ବିଶ୍ୱାସ ଜିତି ନିର୍ବାଚିତ ହେଲା ପରେ ସେମାନେ ଅତି କମରେ ସେହି ପ୍ରତିଶୃତି ପୁରଣ କରିବା ଅନିବାର୍ଯ୍ୟ। କିନ୍ତୁ ଗତ ଥର ନିର୍ବାଚିତ ହୋଇଥିବା କିଛି ଦଳ ତଥା ନେତା ତାହକୁ ପୁରଣ କରିବା ତ ଦୁର ବିଷୟ ! ନିର୍ବାଚନ ଜିତିବା ପରେ ନିର୍ବାଚିତ କରିଥିବା ଗ୍ରାମବାସୀଙ୍କୁ ସେମାନଙ୍କ ଦେଖା ମଧ ମିଳି ନଥିବା ଅନେକ ନଜିର ରହିଛି । ଉଜ୍ଜ୍ୱଳ ଭବିଷ୍ୟତର ମିଛ ସ୍ୱପ୍ନ ଦେଖେଇ ଗାଦି ହାତେଇ ଥିବା ଦଳ ଓ ନେତା ନିର୍ବାଚନ ପରେ ଜନତାଙ୍କୁ ଭୋକ, ବେରୋଜଗାରି, ଅଭାବ, ଅସୁବିଧା ଓ ଅସୁକ୍ଷା ଭିତରକୁ ଠେଲି ଦେଇ ନିଜ ପିଠି ଥାପଡାଉଛନ୍ତି । ଗତ ପାଂଚ ବର୍ଷରେ ଚାଷ, ଶିକ୍ଷା , ରୋଜଗାର ଓ ସୁରକ୍ଷାର ଅବସ୍ଥା ଆହୁରି ଦୁର୍ବଳ ହୋଇଥିବା ବେଳେ ସମାଜରେ ଛାତ୍ର,ଯୁବକ,କୃଷକ ଓ ଶ୍ରମିକଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦିଆଯାଇଛି । ଦରଦାମ ବୃଦ୍ଧି ଓ ବେରୋଜଗାରି ପାଇଁ ଘର ଚଳାଇବା ମୁସ୍କିଲ ହୋଇ ପଡିଛି । ଅନ୍ୟ ପଟେ ରାଜନୈତିକ ଦଳ ଓ ନେତା ଆହୁରି ମାଲାମାଲ ହୋଇଛନ୍ତି । ତେବେ ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଜନତଙ୍କ ଭୋଟ ନେଇ ଗତ ପାଂଚ ବର୍ଷ ଏମାନେ କାହା ପାଇଁ କାମ କରୁଥିଲେ। ଜନତାଙ୍କ ପାଇଁ ନା ନିଜ ସ୍ୱାର୍ଥ ଓ ଦଳ ପାଇଁ ? ଏଥର ଜନତା ସେମାନଙ୍କୁ ଠିକ ଚିହ୍ନି, ଏଭଳି ନେତାଙ୍କୁ ନିର୍ବାଚନରେ ବରଖାସ୍ତ କରନ୍ତୁ ।

## ରେଳଯାତ୍ରୀଙ୍କୁ ଲୁଟ୍: ଦୁଇ ଗିରଫ

ସମ୍ବଲପୁର ,୬/୨ (ନି.ପ୍ର): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଂଚଳରୁ ବୁର୍ଲା ଆସିଥିବା ଜନୈକ ବ୍ୟକ୍ତି ଆଜି ନିଜ ଘରକୁ ଫେରିବା ପାଇଁ ସମ୍ବଲପୁର ମୁଖ୍ୟ ରେଳ ଷ୍ଟେସନରେ ଛାଡିଦେବାକୁ କହି ଜନୈକ ଅଟୋଚାଳକ ଫାଟକ ଷ୍ଟେସନରେ ଛାଡି ଛୁ ମାରିଥିଲା । ସିଦ୍ଧାର୍ଥ କୁଣ୍ଡୁ ନାମକ ଏହି ଯାତ୍ରୀ ସଠିକ୍ ସମୟରେ ମୁଖ୍ୟ ଷ୍ଟେସନକୁ ଯାଇ ଟ୍ରେନ ଧରିବା ଲାଗି ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ । ଯାତ୍ରୀଙ୍କ ଏହି ମୁହୁର୍ତ୍ତର ସୁଯୋଗ ନେଇ ସହାୟତା ଦେବାର ପ୍ରତିଶୃତି ଦେଇ ଧନୁପାଲି ଥାନା ଗୁଆଲପଡା ଅଂଚଳର ସେଖ୍ ରିଜ୍ୟୁୱାନ୍ ଅଲ୍ଲୀ (୩୦) ଓ ମୋତିଝରଣ ଅଂଚଳର ମହମ୍ମଦ ହୋସେନ୍(୪୨) ତାଙ୍କ ଠାରୁ ଜୋର ଜବରଦସ୍ତ କେତେକ ବ୍ୟାଙ୍କ ଏଟିଏମ୍, ଭୋଟ ପରିଚୟ ପତ୍ର ଆଦି ଛଡ଼ାଇ ନେଇଥିଲେ । ଏପରିକି ଧନକଉଡ଼ା ଅଂଚଳର ଏକ ଏଟିଏମ୍ କାଉଣ୍ଟରରୁ ତାଙ୍କ ଜମାଖାତାରୁ ୪୦ ହଜାର ଟଙ୍କା ବି ଉଠାଣ କରି ଚମ୍ପଟ୍ ମାରିଥିଲେ । ଲୁଟ୍ ର ଶିକାର ସିଦ୍ଧାର୍ଥ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଧନୁପାଲି ଥାନାରେ୩୬/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତନ୍ନା କରିଥିଲା । ବହୁ ଛାନଭିନ୍ ପରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସଫଳ ହୋଇଥିଲା । ନିଜୱାନ୍ ଠାରୁ ନଗଦ ୧୯ ହଜାର ଟଙ୍କା ସହ ଓଡି ୧୫ ଟି-୬୪୮୭ ନମ୍ବରର ଏକ ଦୁଇ ଚକିଆ ଏବଂ ମହମ୍ମଦ ହୋସେନ୍ ଠାରୁ ନଗଦ ୨୦ ହଜାର ଟଙ୍କା ଓ ଓଡି ୧୫ ଏ-୮୮୧୬ ନମ୍ବରର ଏକ ଦୁଇ ଚକିଆ ଯାନ ଜବତ କରିଛି । ଘଟଣା ସମ୍ପର୍କରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଭଲ ଭାବେ ଜେରା କରି ତଦନ୍ତ ସାରିବା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଉଭୟଙ୍କ ବିରୋଧରେ ଚୋରି, ଲୁଟ୍ ଓ ରାହାଜାନୀ ନେଇ ବହୁ ମାମଲା ଏକାଧିକ ଥାନାରେ ରହିଛି ବୋଲି ପୋଲିସ ସୂଚନା ଦେଇଛି ।

## ସାରଳା ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଅଭୟ ଚରଣ ଚଲାନଙ୍କ ଜନ୍ମ ଜୟନ୍ତୀ ପାଳିତ

ନୂଆପଡ଼ା,୬/୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କାସିପଲା ଗ୍ରାମ ଠାରେ ଅଭୟ ଚଲାନ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସାରଳା ପୁରସ୍କାରପ୍ରାପ୍ତ ସ୍ୱଂର୍ଗତ ଅଭୟ ଚରଣ ଚଲାନଙ୍କ ଜନ୍ମ ଜୟନ୍ତୀ-୨୦୨୨ ପାଳିତ ହୋଇଅଛି। ସଭାରେ ଡ଼ଃ.ଫାନିନ୍ଦମ ଦେଓ ସ୍ୱଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଶ୍ରୀକାନ୍ତ ଚାଟାର୍ଜୀ, ବିଶିଷ୍ଟ ଅତିଥି ଡ଼ଃ. ମହେନ୍ଦ୍ର ମିଶ୍ର, କବିୟତ୍ରୀ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ରୁଦ୍ରମାଧବ ବାରିକ, ଡ଼ଃ.ଶୁଶାନ୍ତ କୁମାର ବିଶି ପ୍ରମୁଖ ଯୋଗଦାନ କରିଥିଲେ। ତାଙ୍କ ସୁପୁତ୍ର ବିଭୁଦତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବହୁ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

## ହରଡ଼ାଟାଲଠାରେ ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବଲାଙ୍ଗିର ,୬/୨ (ନି.ପ୍ର): ଆଜି ସଦର ବ୍ଲକ ଅନ୍ତର୍ଗତ ହର୍ଡଟାଲ ଧୋବା ଭୋଇ ହାଇ ସ୍କୁଲ ପଡିଆ ରେ ଆରଆରସିସି ଆନୁକୁଲ୍ୟରେ ତ୍ରି ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ୧୬ ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ଆଜି ଫାଇନାଲ ମ୍ୟାଚ ରେ ମାଲପଡା, ବଲାଙ୍ଗିରକୁ ହରାଇ ରାଜୀବ ନଗର, ବଲାଙ୍ଗିର ବିଜୟ ହୋଇଥିଲା । ମୁଖ୍ୟ ଅତିଥି ସମାଜସେବୀ ଶ୍ରୀ ଜୟକୃଷ୍ଣ ମିଶ୍ର ଉଭୟ ଦଳ ଙ୍କୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ, ସମ୍ମାନିତ ଅତିଥି ଯୁବ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର, ବ୍ଲକ ଉପାଧକ୍ଷା ଯଶୋବନ୍ତୀ ବଘାର, ରାଧାକାନ୍ତ ଭୋଇ, ବିଜେଡି ନେତା ରାଜେନ୍ଦ୍ର ହୋତା, ଯୁବ ନେତା ପ୍ରମୋଦ ପଟେଲ, ଜିତୁ ସିଂଦେଓ, ସତ୍ୟବ୍ରତ ପୁଟେଲ, ଯସ୍ମିତା ଦଣ୍ଡସେନା, ପ୍ରମୁଖ ଯୋଗଦେଇଥିଲେ । ଆରଆରସିସି କମିଟି ର ଆଶୁତୋଷ ପଧାନ ଙ୍କ ସଂଯୋଜନା ରେ ପ୍ରମୋଦ ବେହେରା, ଜୟରାମ ଭୋଇ, ରଞ୍ଜିତ ବେହେରା, ସମ୍ଭୁ ଶଙ୍କର ମିଶ୍ର, ଯଶକେତନ୍ ବେହେରା, କରୁଣା, ସଙ୍କୀର୍ତନ, ରାଜେଶ, ଓଁକାର ପ୍ରମୁଖ ଆୟୋଜିତ କରିଥିଲେ । ଆମ୍ପେୟର ନିଲେସ ଦଣ୍ଡସେନା, ସଙ୍କୀର୍ତନ କୁମ୍ଭାର ଖେଳ ପରିଚାଳନା କରିଥିଲେ ।

## ଶାଳଦେଇ ଫଂଚାୟତ ନିର୍ବାଚନ ପ୍ରଚାରରେ କୋମଳମତି ଶିଶୁ

ଘସିପୁରା,୬/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ନିର୍ବାଚନ ପ୍ରଚାର ଏବେ ଜୋର୍ ଧରିଲାଣି। ଜିଲ୍ଲାର ଘଷିପୁରା ବ୍ଲକ ର ଶାଳଦେଇ ଫଂଚାୟତ ନିର୍ବାଚନ ପ୍ରଚାରରେ କୋମାଲମତି ଶିଶୁ ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ଫଂଚାୟତରେ ସରପଂଚ ପ୍ରାର୍ଥୀମାନଙ୍କ ସହିତ କୋମାଲମତି ଶିଶୁ ଶଙ୍ଖ ଚିହ୍ନ ଜୀନ୍ଦାବଦ କରୁଥିବା ବେଳେ ଶାନ୍ତିଲତା ବୋଇତେଇ,ରିତାଞ୍ଜଳି ବୋଇତେଇ, ବୈଜୟନ୍ତ ପଟନାୟକ ପ୍ରଭୃତି ଘରକୁ ଘର ବୁଲି ଭୋଟର୍ ମାନଙ୍କୁ ମନାଇବାରେ ଲାଗି ପଡିଛନ୍ତି । ସେ ଏଠାରେ ଘରକୁ ଘର ବୁଲି ଲୋକଙ୍କ ସମର୍ଥନ ଭିକ୍ଷା କରୁଥିବା ବେଳେ, ବିଜୟୀ ହେଲେ, ବିଭିନ୍ନ ଯୋଜନାରେ ଲୋକଙ୍କୁ ସେମାନଙ୍କର ମୌଳିକ ସୁବିଧା ଯୋଗାଇଦେବାରେ ସହାୟକ ହେବେ ବୋଲି କହିଛନ୍ତି। ଏହି ଫଂଚାୟତରେ ଏବେବି ଅନେକ ମୌଳିକ ସମସ୍ୟା ରହିଥିବା ବେଳେ, ସରଫଂଚ ଭାବେ ବିଜୟୀ ହେଲେ, ଏସବୁ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରିବେ ବୋଲି ସେମାନେ କହିଛନ୍ତି। ସେପଟେ, ସ୍କୁଲ ଛୁଟି ଥିବାରୁ ପଂଚାୟତ ନିର୍ବାଚନ ପ୍ରଚାରରେ କୋମାଲମତି ଶିଶୁ ପ୍ରଚାର କରିବା ପାଇଁ ସୁଯୋଗ ପାଇ ଶଙ୍ଖ ଚିହ୍ନ ଜୀନ୍ଦାବଦ କରୁଥିବା ଦେଖିବା କୁ ନେଇ ଚରିଆ ଡେ ଚର୍ଚ୍ଚା ହେଉଛି । ଭୋଟର୍ ମାନେ ଯେଉଁ ପ୍ରାର୍ଥୀ ସୁଖ,ଦୁଃଖରେ ନିସ୍ୱାର୍ଥପର ଭାବେ ସେମାନଙ୍କ ସମସ୍ୟା ଦୂର କରିବା ଦିଗରେ ଧ୍ୟାନ ଦେବେ, ସେଭଳି ପ୍ରାର୍ଥୀକୁ ଭୋଟ୍ ଦେବେ ବୋଲି କହିଛନ୍ତି। ପୂର୍ବରୁ ଏହି ଫଂଚାୟତ ବିଜେଡ଼ି ଦଖଲ କରିଥିବା ବେଳେ ଏବେ ଏହା କଂଗ୍ରେସ ଆୟତ ରେ ଅଛି। ଚଳିତ ନିର୍ବାଚନ ରେ ଭୋଟର କାହା ମୁଣ୍ଡ ଉପରେ ସୁନାକଲସ ଢ଼ାଳିବେ ତାହା ଦେଖିବାକୁ ବାକି ରହିଲା ।

## ଆୟୁର୍ବେଦ ପରିଷଦର ପ୍ରସ୍ତୁତି ବୈଠକ

ଜୟପୁର ,୬/୨ (ନି.ପ୍ର): ଦକ୍ଷିଣ ଓଡିଶା ଆୟୁବେଦ ବିକାଶ ପରିଷଦର ସ୍ଥାନୀୟ କାଯ୍ୟାଳୟରେ ଅନୁଷ୍ଠିତ ହୋଇଛି । କବିରାଜ ପରମେଶ୍ୱର ପାତ୍ରଙ୍କ ଆହ୍ୱାନ କ୍ରମେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୦ ତାରିଖ ରବିବାର ଦିନ ଗ୍ଲୋକାଲ ହସପିଟାଲ ସମ୍ମୁଖରେ ଆୟୁବେଦ ଡାକ୍ତର ଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ସହ ମାଗଣା ଔଷଧ ବିତରଣ ପାଇ ଆୟୋଜୋନ କରାଯିବା କୁ ବୈଠକରେ ନିଷ୍ପତି ହୋଇଛି । ଏହି ବୈଠକରେ ସଭାପତି ସୁଦର୍ଶନ ଗୌଡ, ଉପ ସଭାପତି କ୍ଷେତ୍ରବାସୀ ପଣ୍ଡା, ସହ ସମ୍ପାଦକ ତସ୍ୟ ନାରାୟଣ ପରିଛା, କୋଷାଧକ୍ଷ ଭବାନୀ ଚରଣ ଆଚାଯ୍ୟ, ସକ୍ରିୟ ସବ୍ୟ ସୁଯ୍ୟ ନାରାୟଣ ମିଶ୍ର, ପ୍ରଦିପ୍ତ କୁମାର ନାୟକ ଶ୍ରୀ ରାମ ଗୌଡ, କାଳି ଚରଣ ମହାରାଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଗବାହାଲିରେ ଆଦିବାସୀ ସଚେତନତା ସଭା ଅନୁଷ୍ଠିତ

ବଲାଙ୍ଗିର୫ ଫେବୃଆରୀ(ହି.ସ.): ପାଟଣାଗଡ ଉପଖଣ୍ଡ ତମିଆଁ ଫଂଚାୟତ ଅନ୍ତର୍ଗତ ବାଗବାହାଲି ଗ୍ରାମର ଆମ୍ବବଗିଚାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ସଚେତନା ସଭା ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ସେବତୀ ଭୂଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନ ସଭାରେ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ନିରଞ୍ଜନ ବିଶି ମୁଖ୍ୟବକ୍ତା, ଜିଲ୍ଲା କାର୍ଯ୍ୟକାରୀ ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଭୋଇ ମୁଖ୍ୟ ଅତିଥି, ସଂପାଦକ ସାରଥି ବାଗ, ନିତ୍ୟାନନ୍ଦ ଶବର, ନିମାଇଁ ଗଡତ୍ୟା, ଗୌରୀଶଙ୍କର ବରିହା, ଧବଳେଶ୍ୱର ଭୋଇ, ଜଳ ଧରୁଆ, ସହଦେବ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆଦିବାସୀ ମାନଙ୍କ ଆର୍ଥିକ, ସାମାଜିକ ଶିକ୍ଷା, ରାଜନୈତିକ, ସ୍ୱାସ୍ଥ୍ୟ, ହକ୍ଅଧିକାର ଏବଂ ସରକ୍ଷଣ ଏକତା ଉପରେ ଆଲୋକପାତ କରିଥିଲେ । ଚଳିତବର୍ଷ ଫଂଚାୟତ ନିର୍ବାଚନରେ ଆଦିବାସୀ ମାନଙ୍କୁ ସଂରକ୍ଷଣ ଉଚ୍ଛେଦ କରିଥିବାରୁ ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ପକ୍ଷରୁ ସୁପ୍ରିମକୋଟରେ ବିଚାରଧିନ ରହିଛି ବୋଲି ମୁଖ୍ୟ ବକ୍ତା ଶ୍ରୀ ବିଶି ମତବ୍ୟକ୍ତ କରିଥିଲେ । ସୁପ୍ରିମକୋଟ ପାଇଁ ପ୍ରତ୍ୟେକ ଆଦିବାସୀ ସମାଜରୁ ଆର୍ଥିକ ସହାୟତା ସହ ଯୋଗାଯୋଗ କରିବାକୁ ଆହ୍ୱାନ କରାଯାଇଥିଲା । ତମିଆଁ ଫଂଚାୟତ ଆଦିବାସୀ କଲ୍ୟାଣ ସଙ୍ଘର ମଙ୍ଗଲୁ ବରିହା, ଅନ୍ତ ବରିହା, ଜଗନ୍ନାଥ ବରିହା, ନବିନ ଭୂଏ, ଜାଗେ ଧରୁଆଙ୍କ ସମେତ ଶତାଧିକ ଆଦିବାସୀ ମହିଳା ପୁରୁଷ ଯୋଗଦେଇଥିବା ବେଳେ ଧବଳେଶ୍ୱର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବଜାରରେ ମେଲିଛି ଜହର ପସରା: ପ୍ରଶାସନ ନୀରବଦ୍ରଷ୍ଟା ଅଭିଯୋଗ

ସମ୍ବଲପୁର ,୬/୨ (ନି.ପ୍ର): ରାସ୍ତା କଡ଼ରେ ଉଠା ଦୋକାନ ସହିତ ନାଳ ଉପରେ ବି ଜବର୍ ଦଖଲରେ ଚାଲିଛି ଶହଶହ ଦୋକାନ। ବିନା ଫୁଡ୍ ଲାଇସେନ୍ସ ବା ପଞ୍ଜିକରଣରେ ଏହି ବେପାର ଚାଲିଥିବା ବେଳେ ଅଚିନ୍ତା ନିଦରେ ଶୋଇରହିଛି ସମ୍ବଲପୁର ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି । ନିମ୍ନ ମାନର ଖାଦ୍ୟ ଓ ଅପମିଶ୍ରିତ ଖାଦ୍ୟ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଛି ସ୍ୱାସ୍ଥ୍ୟ ବିଭାଗ। ଅବାଧରେ ଖାଦ୍ୟ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ନିୟମିତ ଚଢ଼ାଉ କରାଯାଇ ଖାଦ୍ୟ ଯାଂଚ ସହିତ କଠୋର ଦଣ୍ଡ ବିଧାନ ନିୟମ ରହିଛି ମାତ୍ର ଏହା ସଠିକ୍ ରୁପେ ପରିଚାଳନା ହେଉନାହିଁ। ସହରକୁ ଚିକିତ୍ସା ପାଇଁ ହସ୍ପିଟାଲ, ପାଠ ପଢିବା ପାଇଁ ବିଶ୍ୱବିଦ୍ୟାଳୟ, ବିଭିନ୍ନ ଅଫିସ କାମରେ ହଜାର ହଜାର ଲୋକ ପ୍ରତିଦିନ ଆସିଥାନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଛୋଟ ଛୋଟ ଦୋକାନ ଉପରେ ନିର୍ଭର କରିଥାନ୍ତି। ଏପରି ସ୍ଥଳେ ଖାଦ୍ୟ ଯାଂଚ କାରୀ ଦଳ ନିଷ୍କ୍ରିୟ ପାଲଟିବା ଅତ୍ୟନ୍ତ କ୍ଷୋଭର ବିଷୟ ହୋଇଛି । ସହରରେ ବର୍ତ୍ତମାନ ଯେଉଁ ଭଳି ଭାବରେ ଅବାଧ ଖାଦ୍ୟ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି ଯଦି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୁଏ ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅନେକ ସଚେତନ ମହଲରୁ ବି ପ୍ରଶ୍ନ ଉଠିଲାଣି । ଏବେ ବୁର୍ଲା ସହରର ବିଭିନ୍ନ ରାସ୍ତା କଡ଼ରେ ନିମ୍ନ ମାନର ଖାଦ୍ୟ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି । ସେହି ଅନୁପାତରେ ଲୋକସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବୁର୍ଲା ସହରର ଗଳିକନ୍ଦି ଠାରୁ ମୁଖ୍ୟ ରାସ୍ତାରେ ଏବେ ଫାଷ୍ଟ ଫୁଡ୍ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀର ସମ୍ଭାରକୁ ନେଇ ହୋଟେଲ ଖୋଲିଥିବା ଦେଖାଯାଉଛି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଦୋକାନ ଗୁଡିକ ସର୍ବଦା ଗ୍ରାହକଙ୍କ ଉପସ୍ଥିତିରେ ଭିଡ ଦେଖିବାକୁ ମିଳିଥାଏ। ମାତ୍ର ପରିତାପର ବିଷୟ ଯେ ବିଭିନ୍ନ ହୋଟେଲ, ଉଠା ଠେଲା ଓ ରେଷ୍ଟୁରାଣ୍ଟ ଗୁଡିକରେ ପ୍ରସ୍ତୁତ ଅଧିକାଂଶ ଖାଦ୍ୟଗୁଡିକରେ କେଉଁ ମାନର ତେଲ, ମସଲାରେ ବ୍ୟବହୃତ ରଙ୍ଗ ସସ୍ ଆଦି କେବେ ବି ଯାଂଚ କରାଯାଉନଥିବା ନେଇ ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପ୍ରଶାନ୍ତ ପାଢ଼ୀ ଉଦବେଗ ପ୍ରକାଶ କରିବା ସହ ଗଣମାଧମ ଠାରେ ଅଭିଯୋଗ ମଧ କରିଛନ୍ତି। ଏପରିକି ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ସାମଗ୍ରୀ ବାସି କି ତାଜା ତାହା ମଧ ସଠିକ୍ ଭାବେ କହିହେବନି । ଏହି ପ୍ରକାର ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲାରେ କେହି ଖାଦ୍ୟ ସୁରକ୍ଷା ଅଧିକାରୀ ନ ଥିବେ ବୋଲି ମନେ କରୁଥିବା ଶ୍ରୀ ପାଢ଼ୀ କହିଛନ୍ତି। ଏହାର ଫାଇଦା ଅସାଧୁ ବ୍ୟବସାୟ ଉଠାଉଛନ୍ତି। ସୁରକ୍ଷା ଆଇନ୍ ୨୦୦୬ ଅନୁସାରେ ସୁରକ୍ଷା ଅଧିକାରୀ ୧୫ ଦିନ ବ୍ୟବଧାନରେ ଖାଦ୍ୟ ଯାଂଚ ସକାଶେ ନିୟମ ରହିଛି। ହେଲେ ବୁର୍ଲା ସହରରେ ସୁରକ୍ଷା ଅଧିକାରୀଙ୍କୁ ଦେଖିବାକୁ ମିଳେ ନାହିଁ। ଫଳରେ ଆସାଧୁ ବ୍ୟବସାୟିଙ୍କୁ ବେଶ୍ ମଉକା ମିଳୁଛି। ଅଧିକାଂଶ ରେଷ୍ଟୁରାଣ୍ଟ, ଉଠା ଦୋକାନୀ, ଠେଲା ହୋଟେଲରେ ଅତି ନିମ୍ନମାନର ଖାଦ୍ୟ ବିକ୍ରୀ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି ।

## ନାବାଳିକ ବିବାହକୁ ବନ୍ଦ କଲା ବଲାଙ୍ଗିର ଶିଶୁ ସୁରକ୍ଷା କମିଟି

ବଲାଙ୍ଗିର ,୬/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବାଲିପଦର ଗ୍ରାମରେ ଜଣେ ବିଭା ବୟସ ହୋଇନଥିବା ନାବାଳକକୁ ତା'ର ପିତାମାତା ଯୁବାମାଲ ଗ୍ରାମର ଜଣେ ଝିଅ ସହିତ ବିବାହ କରାଇବାକୁ ଠିକ୍ ଠାକ୍ କରୁ ଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇ ବଲାଙ୍ଗିର ୟୁଥ୍ ସର୍ଭିସ ସେଂଟର ଚାଇଲ୍ଡ ଲାଇନ୍ ପହଂଚି ବେଆଇନ ବାହାଘରକୁ ରୋକିବା ସହ ସରକାରଙ୍କ ଦ୍ୱାରା ଘୋଷିତ ବିବାହ ବୟସ ପୂର୍ବରୁ ପୁଅକୁ ବାହା ନ କରିବା ପାଇଁ ପିତାମାତାଙ୍କୁ ଉପସ୍ଥିତ ଗ୍ରାମବାସୀଙ୍କ ସମ୍ମୁଖରେ ରାଜି କରିଥିଲେ । ଏଥିରେ ସିଡିପିଓ ସରଶୀ ପଣ୍ଡା, ସୁପର ଭାଇଜର ନିଳାଦ୍ରୀ ଖମାରୀ, ଅଙ୍ଗନୱାଡୀ କର୍ମୀ ନମିତା ନାଗ, ବଲାଙ୍ଗିର ଚାଇଲ୍ଡ ଲାଇନର ଶ୍ରୀମନ୍ତ ଥନାପତି, ଟିମ୍ ଲିଡର ତ୍ରିଲୋଚନ ନାଗଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ଖୋର୍ଦ୍ଧା ଏସପି ଭାବେ ଯୋଗ ଦେଲେ ଅଲେଖ ଚନ୍ଦ୍ର ପହି

ଖୋର୍ଦ୍ଧା,୬/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ନୂତନ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଭାବେ ବରିଷ୍ଠ ଓପିଏସ ଅଧିକାରୀ ଅଲେଖ ଚନ୍ଦ୍ର ପହି ଶୁକ୍ରବାର କାର ?ୟରେ ଯୋଗଦେଇଛନ୍ତି। ଶ୍ରୀ ପହି ଏହା ପୂର୍ବରୁ କଟକ ଜିଲ୍ଲାରେ ଅତିରିକ୍ତ ଏସପି ଭାବେ କାର୍ଯ୍ୟରତ ଥିଲେ। ନିକଟରେ ପୂର୍ବତନ ଏସପି ରାଜକିଶୋର ଦୋରା ଜାନୁୟାରୀ ୩୧ରେ ଅବସର ଗ୍ରହଣ କରିବା ପରେ ଜିଲ୍ଲା ପୋଲିସ ମୁଖିଆ ପଦବୀ ଖାଲି ପଡିଥିଲା। ତେବେ ପଂଚାୟତ ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ଜିଲ୍ଲାରେ ଆଇନ ଶୃଙ୍ଖଳାର ସୁପରିଚାଳନା ପାଇଁ ନିର୍ବାଚନ କମିଶନରଙ୍କ ଅନୁମତି କ୍ରମେ ରାଜ୍ୟ ସରକାର ଶ୍ରୀ ପହିଙ୍କୁ ଖୋର୍ଦ୍ଧା ଜିଲ୍ଲା ପୋଲିସର ନୂତନ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଅବସ୍ଥାପିତ କରିଛନ୍ତି। ତେବେ ଜିଲ୍ଲାରେ ବଢୁଥିବା ଅପରାଧିକ ମାମଲା ଯେପରି ଗୋରୁ ଚାଲାଣ, ଖଣି ମାଫିଆ ଏବଂ ବ୍ରାଉନସୁଗାର ବେପାର ଆଦିକୁ ରୋକ ଲଗାଇବା ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ପହି କହିଛନ୍ତି।

## ଚାଷୀଙ୍କ ପିଛା ଛାଡୁନି ଅଦିନିଆ ବର୍ଷା

କେନ୍ଦ୍ରାପଡ଼ା,୬/୨ (ନି.ପ୍ର): ତୁହାକୁ ତୁିହା ଅଦିନିଆ ବର୍ଷା ଜିଲ୍ଲାର ଚାଷୀ ମାନଙ୍କ ଫସଲ ଉପରେ ଦାଉ ସାଧିବାରେ ଲାଗିଛି। କିଛିଦିନ ବ୍ୟବଧାନରେ ଥରକୁ ଥର ବର୍ଷା ହେଉଥିବାରୁ ପାଚିଲା ଧାନ ଗୁଡିକ ନଷ୍ଟ ହେବା ସହ ଚାଷୀ ମାନଙ୍କ ବର୍ଷକର ଆହାର ଛଡେଇ ନେବା ସହ ଓ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବାରେ ଲାଗିଛି । ପ୍ରତି ୧୫ ଦିନରେ ଅଚାନକ ପ୍ରବଳ ବର୍ଷା ଖଳାରେ ଗଦା ହୋଇଥିବା ଧାନରେ ପାଣି ପଶିଥିବା ବେଳେ ବିଲରେ ଶୁଖୁଥିବା ଧାନକୁ ଝଡେଇ ଦେଇଥିବା ଦେଖିବାକୁ ମିଳିଛି । ଯେଉଁଚାଷୀ ମାନେ ଖଳାକୁ ନେଇ ଆସିଥିଲେ ସେମାନେ ରାତି ଅଧିଆ ପ୍ରବଳ ବର୍ଷାରେ ଧାନଗଦା ରେ ପାଣି ପଶି ଧାନକୁ ନଷ୍ଟ କରିଥିବା ବେଳେ ବିଲରେ କଟା ହୋଇଥିବା ଧାନ ଉପରେ ଆଣ୍ଠୁଏ ପାଣି ଜମି ରହି ନଷ୍ଟ ହେବାକୁ ବସିଲାଣି। ଏହା ସହ ପରିବା ଚାଷ ପ୍ରବଳ ବର୍ଷାରେ ଉଜୁଡି ଯାଇଥିବା ବେଳେ ଧାନ ଫସଲ ଓ ପରିବା ଚାଷ ପ୍ରତି ବର୍ଷାମାଡ ବ୍ୟାପକ କ୍ଷତି ଘଟାଇଛି।

## ୨ ଜଣ ଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ

ଜୟପୁର,୬/୨ (ନି.ପ୍ର): ରୋଟାରି ଇମ୍ପେକଟ ତରଫରୁ ଗରିବ ମେଧାବି ୨ ଜଣ ଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କରାଯାଇଛି । ଜୟପୁର ସିଟି ହାଇସ୍କୁଲରରେ ପଢୁଥିବା ଷଷ୍ଠ ଶ୍ରେଣୀର ବର୍ଷା ବେହେରା , ଅଷ୍ଟମ ଶ୍ରେଣୀର ବି ଲଳିତା ଙ୍କୁ ଜଣକ ପିଛା ୧- ହଜାର ଟଙ୍କା ଚେକ ପ୍ରଦାନ କରାଯାଇଛି । ୨୦୨୨ -୨୩ ଶିକ୍ଷା ବର୍ଷ ପାଇ ପ୍ରଦାନ କରାଯାଇଛି । ଏହି ଅବସରର ରୋଟାରି ଇମ୍ପେକଟର ସଭାପତି ନେମାନି ଚୈତନ୍ୟ ଏହି ଆନ୍ତଜାତିକ ସଂସ୍ଥା ଅନେକ ସାମାଜିକ ମଙ୍ଗଳ କାଯ୍ୟକ୍ରମ କରୁଥିବା ଏବଂ ଗରିବ ଛାତ୍ରଙ୍କୁ ଚଳିତ ବର୍ଷ ଠାରୁ ସ୍କଲାରସିପ ଆରମ୍ଭ କରିଥିବା ସୁଚନା ଦେଇଥିଲେ । ଏହି କାଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବିରେଶ ପଟ୍ଟନାୟକ, ମେୟର ଏ. ଶ୍ରୀନିବାସ ରାଓ. ପି .ଶ୍ରୀନିବାସ ରାଓ, ବି ସତିସ, କେ ରାମକ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କଲେ ।

## ୫ଟି ସଚିବଙ୍କ ଶ୍ରୀଜୀଉ ଦର୍ଶନ ଓ ନିର୍ମାଣ କାର୍ଯ୍ୟ ପରିଦର୍ଶନ

ପୁରୀ ,୬/୨ (ନି.ପ୍ର): ଆଜି ସକାଳେ ୫ଟି ସଚିବ ଭି.କେ ପାଣ୍ଡିଆନ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉ ଙ୍କୁ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିବା ଜଣାପଡ଼ିଛି। ପଶ୍ଚିମଦ୍ୱାର ପଟେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ସେ ବୁଲି ଦେଖିଥିଲେ । ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି । ତେବେ ଆଜି ସେ ସପରିବାର ସହ ପୁରୀ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଥିବା ଜଣାପଡିଛି ।



# ମହାପୁରୁଷ ଅଚ୍ୟୁତାନନ୍ଦ




ଦିଲ୍ଲୀପ କୁମାର ସାହୁ
ଶଙ୍କରପୁର,
ଚାରବାଟିଆ, କଟକ
ମୋ:୯୮୬୧୧୨୬୧୯୭


କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଛୋଟ ଗାଟିଏ ନେମାଳ। ପୁଣ୍ୟତୋୟା ମହାନଦୀର ଶାଖା ଚିତ୍ରୋତ୍ପଳା କୂଳରେ ଅବସ୍ଥିତ ନେମାଳ ଗାଁ ମୁଣ୍ଡରେ ଅଛି ଶହଶହ ବର୍ଷର ପୁରୁଣା ବରଗଛଟିଏ । ସେହି ବରଗଛ ମୂଳରେ ରହିଛି ଜଣେ ମହାପୁରୁଷଙ୍କ ସମାଧି । ସାଧାରଣରେ ତାହା ନେମାଳ ଗାଦି ଭାବରେ ଖ୍ୟାତ । ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସେଠାରେ ବଡ ମେଳା ବସେ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଗାଦି ନିକଟରେ ଶ୍ରଦ୍ଧା ନିବେଦନ କରିଥାନ୍ତି । ଦିନସାରା ମହାପୁରୁଷଙ୍କ ନାମ କିର୍ତ୍ତନରେ ସ୍ଥାନ ଉଚ୍ଛୁଳି ପଡିଥାଏ । ସେହି ମହାପୁରୁଷ ହେଉଛନ୍ତି ଭକ୍ତି ଯୁଗୀୟ ପଞ୍ଚଶଖାଙ୍କ ମଧ୍ୟରୁ ଜଣେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ, ସମାଜ ସଂସ୍କାରକ, ସାରସ୍ୱତ ସାଧକ ତଥା ଶୂନ୍ୟବାଦର ଗଭୀର ବିଶ୍ୱାସୀ ଅଚ୍ୟୁତାନନ୍ଦ ଦାସ।

ଅଚ୍ୟୁତାନନ୍ଦଙ୍କ ଜନ୍ମ ବୃତାନ୍ତ ତାଙ୍କ ରଚିତ ଶୂନ୍ୟ ସଂହିତା ପୁସ୍ତକରେ ସେ ନିଜେ ବର୍ଣ୍ଣନା କରିଛନ୍ତି । ତାଙ୍କର ଜନ୍ମ ସ୍ଥାନ ତିଳକଣା, ଯାହାକି ନେମାଳ ଠାରୁ ଅଳ୍ପ ଦୂରରେ ଅବସ୍ଥିତ । ମାଘମାସ ଶୁକ୍ଳପକ୍ଷ ଏକାଦଶୀ ନିଶାର୍ଦ୍ଧରେ ତାଙ୍କର ଜନ୍ମ । ପିତା ଦୀନବନ୍ଧୁ ଖୁଣ୍ଟିଆ ଓ ମାଆ ପଦ୍ମାବତୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାକରି ପୁତ୍ର ସନ୍ତାନଟି ପ୍ରାପ୍ତି ହୋଇଥିବାରୁ ନାମ ରଖିଥିଲେ ଅଚ୍ୟୁତାନନ୍ଦ ।

ଶୋଡଶ ଶତାବ୍ଦୀର ଆଦ୍ୟଭାଗରେ ଜନ୍ମିତ ଅଚ୍ୟୁତାନନ୍ଦ ପିଲାବେଳେ ଖୁବ୍ ଦୁଷ୍ଟ ଥିଲେ । ଥରେ ତିଳକଣାକୁ ଆସିଥିବା ଜଣେ ସନ୍ୟାସୀ ତାଙ୍କୁ କି ମନ୍ତ୍ର ସୁଙ୍ଘାଇ ଦେଲେ କେଜାଣି ତାପରଠାରୁ ସେ ସବୁବେଳେ ଚୁପଚାପ ବସୁଥିଲେ ଓ ଚିନ୍ତାମଗ୍ନ ରହୁଥିଲେ । ଆଦ୍ୟ କିଶୋର ବୟସରେ ପିତାମାତାଙ୍କ ସହ ଜଗନ୍ନାଥ ଦର୍ଶନ ନିମିତ୍ତ ପୁରୀ ଯାଇଥିବା ବେଳେ ଶ୍ରୀଚୈତନ୍ୟଙ୍କ କିର୍ତ୍ତନ ଦଳ ସହ ତାଙ୍କର ସାକ୍ଷାତ ହୋଇଥିଲା । ସେତେବେଳେ ସେ ମଧ୍ୟ ନାମ ସଂକିର୍ତ୍ତନରେ ଭାଗନେଇ ଏତେ ଭାବ ପ୍ରବଣ ହୋଇଯାଇଥିଲେ ଯେ ଶ୍ରୀଚୈତନ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀ ସନାତନ ଗୋସ୍ୱାମୀ ଅଚ୍ୟୁତାନନ୍ଦଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ। ସେହିଦିନଠାରୁ ଗଳାରେ ତାଙ୍କର ଶୋଭିତ ହେଲା ତୁଳସୀ ମାଳି ଓ କପାଳରେ ତିଳକ। ସେତେବେଳେ ସେ ସୁଲଳିତ କଣ୍ଠରେ ଗାଇ ପାରୁଥିଲେ ଓ ଖୋଳ ତାଳର ତାଳେତାଳେ ଭଲ ନାଚି ପାରୁଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଅଚ୍ୟୁତାନନ୍ଦଙ୍କ ଚିର ଉପାସ୍ୟ । ସେ ଦାରୁବ୍ରହ୍ମଙ୍କୁ ଶୂନ୍ୟ ପୁରୁଷ, ଅଲେଖ, ଅନାମ, ଅଣାକାର, ନିରାକାର, ଜ୍ୟୋତିବ୍ରହ୍ମ ଆଦି ନାମରେ ନାମିତ କରିଛନ୍ତି । ଅଚ୍ୟୁତାନନ୍ଦଙ୍କ ମତରେ ନୀଳାଚଳ ହେଉଛି ନିତ୍ୟ ଗୋଲକ ଧାମ ବା ମର୍ତ୍ତ୍ୟ ବୈକୁଣ୍ଠ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କ ମିଳିତ ତନୁ ।

ଅଚ୍ୟୁତାନନ୍ଦ ଅନ୍ୟ ଚାରିଜଣ ଶଖା, ବଳରାମ, ଜଗନ୍ନାଥ, ଅନନ୍ତ ଓ ଯଶୋବନ୍ତଙ୍କ ସହ ଭାରତବର୍ଷ ପରିକ୍ରମା କରିଥିଲେ । ସେତବେଳେ ସେ ଯେଉଁଠାରେ ରହୁଥିଲେ ସେଠାରେ ଗ୍ରନ୍ଥ ମାନ ରଚନା କରୁଥିଲେ । କୁହାଯାଏ ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥ ସଂଖ୍ୟା ଏକ ହଜାରରୁ ଅଧିକ । ଅଚ୍ୟୁତାନନ୍ଦ ଜାତିଗତ ବିଭେଦର ଘୋର ବିରୋଧୀ ଥିଲେ । ସେଥିପାଇଁ ସେ ନିଜେ କେଉଁ ଜାତିର ସେ କଥା କେଉଁଠି ଉଲ୍ଲେଖ କରି ନାହାନ୍ତି ।

ତାଙ୍କ 'ପାଟକ ଗୀତା'ରେ ସେ ବର୍ଣ୍ଣନା କରିଛନ୍ତି ଭଗବାନଙ୍କ ମନ୍ତ୍ର ବିଗ୍ରହରୁ ସମସ୍ତଙ୍କର ସୃଷ୍ଟି । ତେଣୁ କେହି ଉଚ୍ଚ ନୁହେଁ କି କେହି ନିଚ୍ଚ ନୁହନ୍ତି ।

ଅଚ୍ୟୁତାନନ୍ଦ ନୟାଗଡ଼ ଜିଲ୍ଲାର ରଣପୁର ଅନ୍ତର୍ଗତ ଅଖଣ୍ଡଚଳ ଗ୍ରାମରେ କିଛିକାଳ ଅତିବାହିତ କରିଥିଲେ । ସେଠାରେ ସେ ବ୍ୟାସଦେବ କୃତ ସଂସ୍କୃତ ହରିବଂଶ ପୁରାଣର ମର୍ମାନୁବାଦ କରିଥିଲେ । ହରିବଂଶ ତାଙ୍କ ରଚନା ଗୁଡିକ ମଧ୍ୟରୁ ସର୍ବଜନାଦୃତ ଶାସ୍ତ୍ର। ତାହା ସାତଖଣ୍ଡରେ ବିଭକ୍ତ ଓ ସେଥିରେ ମୁଖ୍ୟତଃ କୃଷ୍ଣଙ୍କ ଜୀବନ ଚରିତ ବର୍ଣ୍ଣନା କରାଯାଇଛି । ଶ୍ରୀକୃଷ୍ଣ ଓ ବଳରାମଙ୍କ ବାଲ୍ୟଜୀବନ, ବ୍ରଜଲିଳା, କଂସବଧ ଏବଂ ଦ୍ୱାରକା ଲିଳା ଆଦି ହରିବଂଶର ମୁଖ୍ୟ ଆଲୋଚ୍ୟ ବିଷୟ ।

ବୈଷ୍ଣବ କବି ଭାବରେ ଖ୍ୟାତ ଅଚ୍ୟୁତାନନ୍ଦଙ୍କ ଅନ୍ୟାନ୍ୟ ଲେଖା ମଧ୍ୟରେ ରହିଛି ୩୭ଟି ସଂହିତା, ୭୮ଟି ଗୀତା, ଦେଢଲକ୍ଷରୁ ଅଧିକ ପଦ୍ୟାବଳୀ ଏବଂ ୧୦୦ଟି ମାଳିକା।

ଅନେକ ପ୍ରାଚୀନ ଓଡ଼ିଆ କବି ମାଳିକା ରଚନା କରିଯାଇଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମାଳିକା କିନ୍ତୁ ଖୁବ୍ ସରଳ ଓ ବୋଧଗମ୍ୟ ହୋଇଥିବାରୁ ତାହା ସାଧାରଣରେ ବେଶ୍ ଆଦୃତ ହୋଇପାରିଛି । ପରମ ଯୋଗୀ ଅଚ୍ୟୁତାନନ୍ଦ ଯୋଗ ବଳରେ ଜାଣିପାରୁଥିଲେ ଭୂତ ଭବିଷ୍ୟତ କଥା । ତେଣୁ ତାଙ୍କ ମାଳିକାରେ ସେ ମହାବାତ୍ୟାଠାରୁ ଆରମ୍ଭ କରି ମହାମାରୀ ସଂକ୍ରମଣଯାଏ ଘଟୁଥିବା ବିଭିନ୍ନ ଅଘଟଣ ସମ୍ପର୍କରେ ପ୍ରାକ ସୂଚନା ଲିପିବଧ କରିଯାଇଛନ୍ତି । ଆଜିକୁ ପାଞ୍ଚଶହ ବର୍ଷତଳେ ଅଚ୍ୟୁତାନନ୍ଦ ଦିବ୍ୟ ଦୃଷ୍ଟି ବଳରେ ଜାଣିପାରିଥିଲେ ଭବିଷ୍ୟତରେ ପୃଥିବୀରେ କଣ ସବୁ ଘଟିବାକୁ ଯାଉଛି । ସରଳ ଓ ସୁଲଳିତ ଶୈଳୀରେ ସେ ଲେଖିଯାଇଛନ୍ତି ସେହି ଆଗତ ଭବିଷ୍ୟତ କଥା ସବୁ ତାଙ୍କ ମାଳିକା ଗୁଡିକରେ ।



ଅଚ୍ୟୁତାନନ୍ଦଙ୍କ ଆଉଏକ ଲୋକପ୍ରିୟ ରଚନା ହେଲା ଗୋପାଳ ଉଗାଳ ଯେଉଁଥିରେ ପୌରାଣିକ କଥାବସ୍ତୁ ଗୀତ ଆକାରରେ ଲିଖିତ । ସେହି ଗୀତ ଗୁଡିକୁ ଗୋପାଳ ବାଳକମାନେ ଗାୟନକରି ଲଉଡି ଖେଳ ପରିବେଷଣ କରିଥାନ୍ତି । ଦୋଳ ପୂର୍ଣ୍ଣିମା ଅବସରରେ ଗୋପାଳ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ଗ୍ରାମରେ ଲଉଡି ଖେଳ ପରିବେଷଣ କରାଯାଇଥାଏ । ବାଳକ ମାନଙ୍କ କଣ୍ଠରେ ଅଚ୍ୟୁତାନନ୍ଦଙ୍କ ରଚିତ ସରଳ ତରଳ ଗୀତ ଶ୍ରୋତା ମାନଙ୍କ ମନ ମୋହି ନେଇଥାଏ ।

ଅଚ୍ୟୁତାନନ୍ଦ ଦାସଙ୍କ ଶ୍ରୀକ୍ଷେତ୍ର ରହଣୀ କାଳରେ ତାଙ୍କର ସାଧନା ପୀଠଥିଲା ଗନ୍ଧର୍ବ ମଠ । ତାଙ୍କର ଜଣେ ଶିଷ୍ୟ ସୁନ୍ଦରାନନ୍ଦ ଗୋସ୍ୱାମୀଙ୍କ ଦ୍ୱାରା ମଠଟି ପ୍ରତିଷ୍ଠା ହୋଇଥିଲା । କୀମ୍ବଦନ୍ତୀ ଅଛି ସେଠାରେ ଅଚ୍ୟୁତାନନ୍ଦ ଏକ ବାମ୍ଫି ବା କୂଅ ମଧ୍ୟରେ ଶୂନ୍ୟରେ ରହି ସାଧନା କରୁଥିଲେ ।

ଅଚ୍ୟୁତାନନ୍ଦଙ୍କ ଶେଷ ଜୀବନ ଅତିବାହିତ ହୋଇଥିଲା ନେମାଳରେ । ସେଠାରେ ଥିବା ଏକ ଝଙ୍କାଳିଆ ବରଗଛ ମୂଳରେ ସେ ଆଶ୍ରମ ପ୍ରତିଷ୍ଠା କରି ତାଙ୍କର ଆଧାତ୍ମିକ ଓ ସାରସ୍ୱତ ସାଧନା ଜାରି ରଖିଥିଲେ । ୧୬୦୯ ମସିହାରେ ସେହିଠାରେ ଅଚ୍ୟୁତାନନ୍ଦ ଇଚ୍ଛାମୃତ୍ୟୁ ବରଣ କରି ସଶରୀରରେ ଶୂନ୍ୟରେ ମିଳେଇ ଯାଇଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପାର୍ଥିବ ଦେହ କାଳ ଗର୍ଭରେ ଲୀନ ହୋଇଯାଇଛି ସତ, ହେଲେ ଅମର ହୋଇ ରହିଛି ତାଙ୍କର ପବିତ୍ର ବାଣୀ । ସତ୍ କର୍ମ, ସତ୍ ଚିନ୍ତା, ସତ୍ ବିଶ୍ୱାସ, ସତ୍ ଜୀବନଯାପନ ଦିବ୍ୟ ଦର୍ଶନର ମାର୍ଗ ଦେଖାଇ ଥାଏ । ସ୍ୱରୂପ ଦର୍ଶନରେ ଶିଦ୍ଧି ମିଳେନାହିଁ, ସିଦ୍ଧି ମିଳେ ଆତ୍ମ ଦର୍ଶନରେ ।

ଅହଂକାର ଶୂନ୍ୟ ସେବା ହିଁ ସେବା । ଅହଂକାର ଶୂନ୍ୟ ଜ୍ଞାନ ହିଁ ଜ୍ଞାନ ଓ ଅହଂକାର ଶୂନ୍ୟ ଆଶା ହିଁ ପ୍ରାପ୍ତି । ଆସନ୍ତୁ ଚିତ୍ତ ସୁଦ୍ଧି କରି ଅହଂକାର ଶୂନ୍ୟ ଭାବରେ ସତ୍ କର୍ମ କରିବା, ଯାହାଦ୍ୱାରା ନିଜର ମଙ୍ଗଳ ସହିତ ସମାଜର ହିତ ସାଧନ ମଧ୍ୟ ସମ୍ଭବ ହୋଇପାରିବ ।

# କଲରା ଖାଇଲେ ଦୂର ହେବ ଏହି ସବୁ ସ୍ୱାସ୍ଥ୍ୟଗତ ସମସ୍ୟା



କଥାରେ ଅଛି ଉତ୍ତମ ଖାଦ୍ୟ ଓ ସୁନିଦ୍ରାର କୌଣସି ବିକଳ୍ପ ନାହିଁ। ଭଲ କରି ଖାଇବା ଓ ଭଲ ଭାବେ ଶୋଇବା ଅଭ୍ୟାସ ରଖିଥିବା ବ୍ୟକ୍ତିମାନେ ପ୍ରାୟତଃ ସୁସ୍ଥ ରହିଥାନ୍ତି। ମାତ୍ର ଏପରି କିଛି ଖାଦ୍ୟ ଅଛି ଯାହାକୁ ଖାଇବା ଦ୍ୱାରା ଶରୀରରୁ ଅନେକ ରୋଗକୁ ଦୂରେଇ ଦେଇ ହୁଏ।

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟି ଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସଂପୂର୍ଣ୍ଣ ନିରାକରଣ ଅସମ୍ଭବ, ମାତ୍ର ଉତ୍ତମ ଜୀବନ ଶୈଳୀ ଆପଣାଇଲେ ଏହି ରୋଗକୁ ଆୟତ୍ତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇ ପାରେ।

ତେବେ ଆପଣ ଯଦି ଏହି ରୋଗକୁ ଆୟତ୍ତରେ ରଖିବାକୁ ଚାହାନ୍ତି ତେବେ କଲରା ଖାଇବା ହେଉଛି ଉତ୍ତମ ଉପାୟ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା ବା କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ କରାଯାଇ ପାରେ।

ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍ସୁଲିନ୍ ପୋଲିପେପ୍ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲିସେମିଆ କମ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ।

ଆପଣ କଲରାକୁ ଭଜା ବା ତରକାରି କରି ଖାଇପାରିବେ। ମାତ୍ର ମନେ ରଖନ୍ତୁ ଯଦି କଲରା ଜୁସ୍ ବନାଉଛନ୍ତି ତେବେ ସେଥିରୁ ମଞ୍ଜି ନିଶ୍ଚୟ କାଢ଼ି ଦିଅନ୍ତୁ।

କଲରା ଖାଲି ମଧୁମେହ ନୁହେଁ, କର୍କଟ ରୋଗୀଙ୍କ ପାଇଁ ମଧ ଭଲ ହୋଇଥାଏ। ପ୍ରଚୁର ପରିମାଣର କଲରା ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କର୍କଟ ରୋଗ ହେବାର ଖୁବ୍ କମ୍ ସମ୍ଭାବନା ଥାଏ। କେହି କେହି ଓଜନ ହ୍ରାସ ପାଇଁ ମଧ କଲରା ରସ ପିଇଥାନ୍ତି। କଲରା ରସ ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ ବୋଲି ଖାଦ୍ୟ ବିଶେଷଜ୍ଞ ମତ ରଖନ୍ତି।

## ସୁସ୍ଥ କିଡନୀ ପାଇଁ

ଆମ ଶରୀର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା କିଡନି । ରକ୍ତକୁ ବିଶୁଦ୍ଧ ହେୁଛି ଏହାର ପ୍ରମୁଖ କାମ । ଥରେ କିଡନି ସମସ୍ୟା ଦେଖାଦେଲେ ପ୍ରାୟ ସମ୍ପୂର୍ଣ୍ଣ ଶାରୀରିକ ସ୍ଥିତି ବିଗିଡ଼ି ଯାଇଥାଏ । କିଡନି ଯଦି ସୁସ୍ଥ ରହେ ତେବେ ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ସନ୍ତୁଳିତ ରହିଥାଏ । କିଡନିଜନିତ ସମସ୍ୟା ଯୋଗୁ ଶରୀରର ପ୍ରତ୍ୟେକ ଅଙ୍ଗ କାମ କରିବାକୁ ଆବଶ୍ୟକ ମୁତାବକ ରକ୍ତ ମିଳି ନ ଥାଏ । ଆମ ଶରୀରରୁ ବିଷାକ୍ତ ପଦାର୍ଥ ପରିସ୍ରା ଆକାରରେ ବାହାରି ଯାଇଥାଏ । ଯଦି କିଡନି ପ୍ରଭାବିତ ହୁଏ ତେବେ ପରିସ୍ରାରେ ତାରତମ୍ୟ ଦେଖାଦିଏ, ଯାହାଫଳରେ କେତେକ ଗୁରୁତର ଶାରୀରିକ ସମସ୍ୟା ସୃଟ୍ଟି ହୋଇଥାଏ । ଏପରି କି ଭୋକ କମିଯାଏ । କିଡନିଜନିତ ସମସ୍ୟା ଦେଖାଦେଲେ ବାନ୍ତି ଲାଗିଥାଏ, ପାଦ, ଗୋଇଠି ଫୁଲିଯାଏ, ହାଲିଆ ଲାଗେ, ଶରୀର କୁଣ୍ଡାଇ ହୁଏ, ଭଲ ଭାବେ ନିଦ ମଧ୍ୟ ନ ଲାଗିବାର ଲକ୍ଷଣ ଦେଖାଯାଇଥାଏ । ଏଭଳି ଲକ୍ଷଣ ଜାଣିବା ମାତ୍ରେ ବିଳମ୍ବ ନ କରି କିଡନି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଦରକାର । ପ୍ରାଥମିକ ସ୍ତରରେ ଏଭଳି ସମସ୍ୟାରୁ ମୁକ୍ତି ପାଇବାର ସମ୍ଭାବନା ରହିଛି, ହେଲେ ଯେତେବେଳେ ଏହା ଜଟିଳ ଆକାର ଧାରଣ କରେ ସେତେବେଳେ ଏହାର ଚିକିତ୍ସା ବ୍ୟୟ ବହୁଳ ହୋଇଥାଏ ।



## ପିଆଜ ରସୁଣ ହ୍ରାସ କରିବ କ୍ୟାନସର୍ ଆଶଙ୍କା



ପିଆଜ, ରସୁଣ ଏବଂ ପିଆଜ ପ୍ରଜାତିର ବିଭିନ୍ନ ପରିବା ସେବନ ଦ୍ୱାରା ଉଦର ଏବଂ ମଳାଶୟ କ୍ୟାନସର ଆଶଙ୍କା ହ୍ରାସ ପାଇଥାଏ । ନିକଟରେ ହୋଇଥିବା ଏକ ଗବେଷଣାର ନିଷ୍କର୍ଷରୁ ଏହା ଜଣାପଡ଼ିଛି । ଆହାର ନାଳର ତଳ ଭାଗରେ ଥିବା ଉଦର ଏବଂ ମଳାଶୟ କ୍ୟାନସରକୁ କୋଲୋରେକ୍ଟାଲ କ୍ୟାନସର କୁହାଯାଏ । ଏସିଆ ପେସିଫିକ୍ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ଅନକୋଲଜିରେ ପ୍ରକାଶିତ ଏହି ଗବେଷଣାରୁ ଜଣାପଡ଼ିଛି, ପିଆଜ ପ୍ରଜାତିର ପରିବା ସେବନ କରୁଥିବା ବୟସ୍କଙ୍କ ମଧ୍ୟରେ କୋଲୋରେକ୍ଟାଲ କ୍ୟାନସର ଆଶଙ୍କା ୭୯ ପ୍ରତିଶତ ହ୍ରାସ ପାଇଥାଏ । ଚାଇନା ମେଡିକାଲ ୟୁନିଭର୍ସିଟିର ଫରେଷ୍ଟ୍ରି ହସ୍ପିଟାଲର ଗବେଷକ ଝି ଲି'ଙ୍କ ମତରେ ଗବେଷଣାରୁ ଦେଖିବାକୁ ମିଳିଛି, ପିଆଜ କିମ୍ବା ପିଆଜ ଷଣ୍ଢା ସେବନ ଦ୍ୱାରା ଅନ୍ୟ ପରିବା ଅପେକ୍ଷା ଶରୀରକୁ ରୋଗ ଭୟ କମ ଥାଏ । ବିଶେଷକରି କ୍ୟାନସର ଭଳି ଦୂରାରୋଗ୍ୟ ରୋଗର ଆଶଙ୍କା ହ୍ରାସ ପାଇଥାଏ । ଗବେଷଣାର ମୁଖ୍ୟ ଲକ୍ଷ୍ୟ ଥିଲା, ପରିବର୍ତ୍ତିତ ଜୀବନଶୈଳୀରେ କୋଲୋରେକ୍ଟାଲ କ୍ୟାନସର ପ୍ରାରମ୍ଭିକ ସ୍ତରରୁ ରୋଗ ଲଗାଇବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, କୋଲୋରେକ୍ଟାଲ କ୍ୟାନସର ବର୍ତ୍ତମାନ ବିଶ୍ୱରେ ସାଧାରଣ ରୋଗ ପାଲଟିଲାଣି । ୨୦୧୮ ରେ ଏହି ରୋଗର ୧୮ ଲକ୍ଷ ମାମଲା ସାମ୍ନାକୁ ଆସିଥିଲା । ଯେଉଁଥିରୁ ୮,୬୨,୦୦୦ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ପୁରୁଣା ରୋଗରୁ ଉପଶମ ଦେବ ବ୍ୟାୟାମ



ପୁରୁଣା ରୋଗରୁ ମୁକ୍ତି ପାଇଁ ଲୋକ ବିଭିନ୍ନ ପ୍ରକାରର ପ୍ରକ୍ରିୟାକୁ ଆପେଣେଇଥାନ୍ତି । ଏଥିପାଇଁ ଡାକ୍ତରଙ୍କର ମଧ୍ୟ ବିଭିନ୍ନ ପରାମର୍ଶ ନେଇଥାନ୍ତି । ଏହା ବ୍ୟତୀତ ନିୟମିତ ଔଷଧ ଖାଇବା ସହ ଆଉ କେତେକ ଜିନିଷ ପ୍ରତି ଦୃଷ୍ଟି ଦେବାକୁ ପଡ଼େ । କିନ୍ତୁ ଏଥିରୁ ଉପଶମ ପାଇବାର ଏକ ସହଜ ଉପାୟ ରହିଛି । ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ତେବେ ଏହାଦ୍ୱାରା ପୁରୁଣା ରୋଗରୁ କେତେକାଂଶରେ ଉପଶମ ମିଳିପାରିବ ବୋଲି ଆମେରିକୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି । ଏଥିପାଇଁ ପୁରୁଣା ରୋଗ ସହ ସଂଘର୍ଷ କରୁଥିବା କିଛି ବ୍ୟକ୍ତିଙ୍କୁ ନିୟମିତ କିଛି ସମୟ ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଥିଲା । ପାଖାପାଖି ଦୁଇମାସ ପରେ ସେମାନଙ୍କର ସ୍ୱାସ୍ଥ୍ୟ କିପରି ଅଛି ତାହା ପରୀକ୍ଷା କରିଥିଲେ ବିଶେଷଜ୍ଞମାନେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୦ ପ୍ରତିଶତ ବ୍ୟକ୍ତି ପୁରୁଣା ରୋଗରୁ କେତେକାଂଶରେ ଆରୋଗ୍ୟ ଲାଭ କରିଥିଲେ । ହେଲେ ନିଜ ସାମାର୍ଥ୍ୟ ଅନୁସାରେ ବ୍ୟାୟାମ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ସୌନ୍ଦର୍ଯ୍ୟ ଟିପ୍ସ



ଶୁଖିଲା ଗୁଆର ଚୋପାକୁ ପୋଡ଼ି ସେଥିରୁ ବାହାରୁଥିବା ଭସ୍ମରେ ଅଳ୍ପ ଲୁଣ ମିଶାଇ ତାକୁ ଦାନ୍ତରେ ଘଷିଲେ ସବୁପ୍ରକାର ଦନ୍ତରୋଗ ନିବାରିତ ହୁଏ । ଏହାଛଡ଼ା ଦାନ୍ତ ପରିଷ୍କାର ହୋଇ ଚକ୍ ଚକ୍ ଦେଖାଯାଏ ।



## କେମିତି ପ୍ରସନ୍ନ ହେବେ ଶିବ!

ଶିବ ଲିଙ୍ଗ ହେଉଛନ୍ତି ମହାଦେବଙ୍କ ସାକ୍ଷାତ୍ ସ୍ୱରୂପ । ଏହାର ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରାଗଲେ ସମସ୍ତ ଦେବାଦେବୀ ମଧ ପ୍ରସନ୍ନ ହୁଅନ୍ତି ଓ ଭକ୍ତଙ୍କୁ ସେମାନଙ୍କ କୃପା ପ୍ରାପ୍ତି ହୋଇଥାଏ । ଶିବ ଲିଙ୍ଗ ପୂଜନ ସମ୍ପର୍କରେ କେତେକ ନିୟମ ରହିଛି, ଯାହାର ପାଳନ କରିଲେ, ଭୋଳାନାଥ ଶୀଘ୍ରାତି ଶୀଘ୍ର ପ୍ରସନ୍ନ ହୋଇଥାଆନ୍ତି । ଶିବ ଲିଙ୍ଗରେ କେତେକ ସାମଗ୍ରୀ ଦିଆଯାଇଥାଏ, ମାତ୍ର ହଳଦୀ ଦେବା ଅନୁଚିତ । ହଳଦୀକୁ ଶିବ ଲିଙ୍ଗରେ ନୁହେଁ ବରଂ ଜଳାଧାରା ଉପରେ ଅର୍ପିତ କରାଯିବା ଉଚିତ୍ । ଶାସ୍ତ୍ର ଅନୁଯାୟୀ ଅଧିକାଂଶ ଦେବତାଙ୍କର ପ୍ରିୟ ହେଉଛି ହଳଦୀ । ପୂଜନ କାଣ୍ଡରେ ମଧ ହଳଦୀର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । କେତେକ ପୂଜନବିଧିରେ ହଳଦୀ । ପୂଜନ କାଣ୍ଡରେ ମଧ ହଳଦୀର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । କେତେକ ପୂଜନବିଧିରେ ହଳଦୀ ବିନା ପୂଜା ଅସମ୍ପୂର୍ଣ୍ଣ ବୋଲି କୁହାଯାଇଛି । ହଳଦୀକୁ ମହିଳାମାନେ ସୌନ୍ଦର୍ଯ୍ୟ ଉପଚାରରେ ପ୍ରୟୋଗ କରିଥାଆନ୍ତି । ଯେହେତୁ ଶିବଲିଙ୍ଗ ପୁରୁଷତ୍ୱର ପ୍ରତୀକ, ଏଣୁ ଏଥିରେ ହଳଦୀ ଦିଆଯିବାକୁ ବାରଣ କରାଯାଇଛି । ଜଳଧାରାରେ ଅଭିଷେକ କଲେ ଅନେକ ମନସ୍କାମନା ପୂରଣ ହୋଇଥାଏ । ଏହା ସବୁଠୁଁ ସହଜ ସରଳ ଏବଂ ଶ୍ରେଷ୍ଠ ଉପାୟ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାନତା ଆସିବ କେବେ !!

ସଂସଦରେ ଉପସ୍ଥାପିତ ହୋଇ ସାରିଛି ଅର୍ଥନୀତିକ ସର୍ଭେ ଏବଂ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ କେନ୍ଦ୍ର ବଜେଟ୍ । ସର୍ଭେ ରିପୋର୍ଟ ଆବଶ୍ୟକତାକୁ ସୂଚାଇ ଥିବା ବେଳେ ବଜେଟ୍ ସରକାରଙ୍କ ଅନୁଦାନ ବ୍ୟବସ୍ଥାକୁ ସର୍ବ ସମ୍ମୁଖକୁ ଆଣିଛି । ଏହି ପରିପ୍ରେକ୍ଷୀରେ ମହାମାରୀ କାଳରେ ବାହାରକୁ ଜଣା ପଡୁ ନଥିଲେ ବି ଅଶେଷ କ୍ଷତିର ସମ୍ମୁଖୀନ ହୋଇ ସାରିଥିବା ଶିକ୍ଷା କ୍ଷେତ୍ର ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ଏ କ୍ଷେତ୍ରରେ ବଜାୟ ରହିଥିବା ଅସମାନତାକୁ ଦୂର କରିବାରେ କ୍ୱଚିତ୍ ସମର୍ଥ ହେବ ବୋଲି କୁହାଯାଇପାରେ । ଏମିତିରେ ବାହାରକୁ ଦେଖିଲେ ତ ବଜେଟ୍‌ରେ ଏହି କ୍ଷେତ୍ର ପାଇଁ ପୂର୍ବ ବର୍ଷ ୨୦୨୧-୨୨ ତୁଳନାରେ ୧୧,୦୫୪ କୋଟି ଟଙ୍କା ଅଧିକ ଅନୁଦାନର ବ୍ୟବସ୍ଥା କରାଯାଇଛି । ତେବେ ବାହାରକୁ ଚିକ୍‌ଚିକ୍ ଦେଖା ଯାଉଥିବା ସବୁ ଜିନିଷ ଯେପରି ସୁନା ନୁହେଁ, ସେହିପରି ଶିକ୍ଷାକ୍ଷେତ୍ର ପାଇଁ ବ୍ୟବସ୍ଥା କରାଯାଇଥିବା ୧,୦୪,୨୭୮ କୋଟି ଟଙ୍କାର ଅନୁଦାନ ସେପରି ବିଶେଷ କିଛି ବିପୁଳ ପରିମାଣ ନୁହେଁ । ଏହା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩ ପ୍ରତିଶତରୁ ସାମାନ୍ୟ ଅଧିକ-ଜାତୀୟ ଶିକ୍ଷା ନୀତି ୨୦୨୦ ସୁପାରିସ କରିଥିବା ସରକାରୀ ବ୍ୟୟର ୬ ପ୍ରତିଶତରୁ ଢେର୍ କମ୍ । କେବଳ ଏତିକି ନୁହେଁ, ତା'ଠୁ ଆହୁରି ଅଧିକ ବଡ଼କଥା ହେଉଛି, ଶିକ୍ଷା ବଜେଟ୍ ଭିତରେ ମଧ୍ୟ ବିଭିନ୍ନ କ୍ଷେତ୍ର ପାଇଁ ପ୍ରଦାନ କରାଯାଇଥିବା ଅନୁଦାନଗୁଡ଼ିକରେ ରହିଥିବା ଅନ୍ତର । ବଜେଟ୍ ଉପସ୍ଥାପିତ ହେବାର ମାତ୍ର ଦିନକ ପୂର୍ବରୁ ଉପସ୍ଥାପିତ ହୋଇଥିବା ଅର୍ଥନୀତିକ ସର୍ଭେ ରିପୋର୍ଟ ଉଲ୍ଲେଖ କରିଥିଲା ଯେ ମହାମାରୀ ଯୋଗୁଁ କାମଧନ୍ଦା ହରାଇ ଲୋକମାନେ ଘରୋଇ ସ୍କୁଲଗୁଡ଼ିକର ଦେୟ ପ୍ରଦାନ କରିବାରେ ଅସମର୍ଥ ହେବାରୁ ଯେହେତୁ ସରକାରୀ ସ୍କୁଲଗୁଡ଼ିକରେ ନାମଲେଖା ହାର ଯଥେଷ୍ଟ ବୃଦ୍ଧି ପାଇଛି, ତେଣୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ଅଧିକ ପରିମାଣର ଅର୍ଥ ନିବେଶ କରାଯିବାର ଜରୁରୀ ଆବଶ୍ୟକତା ରହିଛି । ଅନ୍ୟଥା ବର୍ଦ୍ଧିତ ସଂଖ୍ୟା ନିମନ୍ତେ ପ୍ରସ୍ତୁତ ନଥିବା ସରକାରୀ ସ୍କୁଲଗୁଡ଼ିକର ଭିତ୍ତିଭୂମି ଅଧିକ ଦୋହଲି ଯିବ । ତଥାପି ପ୍ରାଥମିକ ସ୍କୁଲ କ୍ଷେତ୍ର, ବିଶେଷକରି ଭାରତର ସର୍ବବୃହତ୍ ଶିକ୍ଷା ଯୋଜନା ସମଗ୍ର ଶିକ୍ଷା ଅଭିଯାନ ନିମନ୍ତେ ଗତବର୍ଷ ବଜେଟ୍ ଅନୁଦାନ କମ୍ ରହିଥିଲା । ଚଳିତ ବର୍ଷ ଏହା ମଧ୍ୟ ପ୍ରାକ୍-ମହାମାରୀ ସ୍ତରରେ ପହଞ୍ଚିବାରେ ବିଫଳ ହୋଇଛି । ସମାନ ଭାବରେ ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି- ମହାମାରୀ ସମୟରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ଜାତୀୟ ପ୍ରୋତ୍ସାହନ ଯୋଜନାକୁ ବନ୍ଦ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯିବା, ସେତେବେଳେ କି ମହାମାରୀ ଯୋଗୁଁଡ ସ୍କୁଲଗୁଡ଼ିକ ବନ୍ଦ ହୋଇଯିବାରୁ ବାଲ୍ୟ ବିବାହ ଏବଂ ମାନବ ଚାଲାଣ ଯଥାକ୍ରମେ ୨୭ ଓ ୩୪ ପ୍ରତିଶତ ବୃଦ୍ଧି ପାଇଛି । ତଫସିଲଭୁକ୍ତ ଜାତି ଏବଂ ଜନଜାତି ବର୍ଗର ବାଳିକାମାନଙ୍କ ନାମଲେଖା ସଂଖ୍ୟାରେ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏନ୍‌ଏସ୍‌ଆଇଜିଏସ୍‌ଇ ଭଳି ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହା ଏହି ବର୍ଗର ପିଲାମାନଙ୍କୁ ଆକୃଷ୍ଟ କରିବାର ଉଦ୍ଦେଶ୍ୟ ବହନ କରୁଥିଲା, ଯେଉଁମାନଙ୍କ ସ୍ଥିତି ଅନ୍‌ଲାଇନ୍ ଶିକ୍ଷାଦାନ ଯୋଗୁଁ ଆହୁରି ଅସମାନୁପାତିକ ଭାବରେ ଖରାପ ହୋଇ ଯାଇଛି । ମଧ୍ୟାହ୍ନ ଭୋଜନ ଯୋଜନା ନିମନ୍ତେତ ବଜେଟ୍ ଅନୁଦାନରେ ମଧ୍ୟ କାଟ୍ କରାଯାଇଛି । ଏଣିକି ପିଲାମାନେ କେବଳ ସ୍କୁଲ ଖୋଲିବା ପରେ ହିଁ ସ୍କୁଲ ଦିବସଗୁଡ଼ିକରେ ଥରେ ରନ୍ଧାଖାଦ୍ୟ ଖାଇବାକୁ ପାଇବେ । ନିଃସନ୍ଦେହରେ ଏହା ଅଧିକ ସଂଖ୍ୟକ ପିଲାଙ୍କୁ ଅଧାରୁ ପାଠ ଛାଡ଼ିବା ଦିଗରେ ବାଟ କଢ଼େଇ ନେବ ଏବଂ ଶିଶୁମାନଙ୍କ ଅନାହାର ପ୍ରସଙ୍ଗକୁ ଅଧିକ ଜଟିଳ କରିବ । ଦେଶର ୧୭ ପ୍ରତିଶତ ସ୍କୁଲରେ ଏବେସୁଦ୍ଧା ବିଦ୍ୟୁତ୍ ସଂଯୋଗର ଅଭାବ ରହିଥିବା ବେଳେ ଟେଲିଭିଜନ୍ ଚ୍ୟାନେଲ କେମିତି ସମସ୍ୟାର ସମାଧାନ କରି ପାରିବ ? ତେଣୁ ସରକାରୀ ସ୍କୁଲଗୁଡ଼ିକରେ ପୁଞ୍ଜିନିବେଶ କରାଯିବା ହିଁ ବର୍ତ୍ତମାନ ସମୟର ଏକ ପ୍ରମୁଖ ଆବଶ୍ୟକତା । ଏହା ବାଦ୍ ସରକାରଙ୍କ ଉଦାସୀନତା ମଧ୍ୟ ଏକପାଖିଆ ହୋଇନାହିଁ- ଏହା ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରକୁ ପ୍ରଭାବିତ କରିଛି । ସରକାରୀ ଅନୁଦାନପ୍ରାପ୍ତ କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣାମୂଳକ କାର୍ଯ୍ୟକ୍ରମଗୁଡ଼ିକ ନିମନ୍ତେ ଅନୁଦାନ ବେଶ୍ କେତେବର୍ଷ ହେଲା ହ୍ରାସକୁ ତ ପରିଲକ୍ଷିତ କରି ଆସୁଛି; ଚଳିତ ବର୍ଷର ବଜେଟ୍‌ରେ ମଧ୍ୟ ସେହି ଧାରା ବଜାୟ ରହିଛି । ଏସବୁକୁ ମିଶାଇ ଦେଖିଲେ, କହିବା ଅସମୀଚୀନ ହେବନାହିଁ ଯେ ଶିକ୍ଷା କ୍ଷେତ୍ରରେ ହାନି ଏକା ପ୍ରକାରର ହୋଇଛି ଏବଂ ଏହା କେବଳ ସମାଜର ସବୁ ସ୍ତରର ନୁହେଁ, ଶିକ୍ଷାର ସବୁ ସ୍ତରର ବିଦ୍ୟାର୍ଥୀମାନଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ

## ଲତାଜୀ ତୁମେ ଚିରଅମର



ବୈଷ୍ଣବ ମେହେର

ସଙ୍ଗୀତର ବୁଲବୁଲ୍ କୋକିଳ କଣ୍ଠୀ ଲତାଜୀଙ୍କୁ ଅବା କିଏ ନ ଜାଣେ । ଭାରତୀୟ ସୁର ସାମ୍ରାଜ୍ଞୀ ଲତା ମଙ୍ଗେସକର ତାଙ୍କ ସୁମଧୁର କଣ୍ଠସ୍ୱର ପାଇଁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱରେ ସୁପରିଚିତ । ନିଜ ସ୍ୱରରେ ଅନେକ ପିଢ଼ିର ହୃଦୟକୁ ଜିଣି ପାରିଥିବା ଲତାଙ୍କ ଏହି ରବିବାର ସକାଳ ୮ ଘଣ୍ଟା ୧୨ ମି.ରେ ଦେହାନ୍ତ ହୋଇଯାଇଥିବା ଖବର ସମସ୍ତଙ୍କୁ ସ୍ତବଧ କରିଦେଇଛି । ଏହି ମାର୍ମିକ ଖବରରେ ବାଷ୍ପରୁଦ୍ଧ ହୋଇଗଲା ସମଗ୍ର ସଙ୍ଗୀତ ଓ କଳା ଜଗତ । ମୁମ୍ବାଇର ବ୍ରିକ୍ କ୍ୟାଣ୍ଡି ହସ୍ପିଟାଲରେ ୨୯ ଦିନର ସଂଘର୍ଷ ପରେ ଲତାଜୀ ୯୨ ବର୍ଷ ବୟସରେ ଇହଧାମରୁ ଲେଉଟି ଗଲେ ସିନା ତାଙ୍କୁ ଭଲପାଉଥିବା ବିଶ୍ୱର କୋଟି ଜନତାଙ୍କ ହୃଦୟରେ କିନ୍ତୁ ସବୁଦିନ ପାଇଁ ବସାବାନ୍ଧି ରହିଗଲେ । ଲତାଙ୍କ ପରେ ଭାରତୀୟ ସଙ୍ଗୀତ ଜଗତରେ ଗୋଟିଏ ସୁବର୍ଣ୍ଣ ଯୁଗର ଅବସାନ ଘଟିଲା, ଏହା ନିସଙ୍କୋଚରେ କୁହାଯାଇପାରେ ।

ଲତା ମଙ୍ଗେସକର ଥିଲେ ଭାରତୀୟ ପ୍ରଚ୍ଛଦପଟ୍ଟ ଗାୟିକା ଓ ସଙ୍ଗୀତ ଜଗତର ପ୍ରାଣସ୍ପର୍ଶୀ ଜୀବନ୍ତ କିମ୍ବଦନ୍ତୀ । ବର୍ତ୍ତମାନର ଅନେକ ଗାୟକଗାୟିକା ତାଙ୍କୁ ସଙ୍ଗୀତର ଦେବୀ ବୋଲି ମଣନ୍ତି ।

ଲତାଜୀଙ୍କ ଜନ୍ମ ହୁଏ ୧୯୨୯ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ମଧ୍ୟ ପ୍ରଦେଶର ଇନ୍ଦୋର ସହରର ଏକ ସାଧାରଣ ମଧ୍ୟବିତ୍ତ ପରିବାରରେ । ତାଙ୍କର ପିତା ଥିଲେ ବିଶିଷ୍ଟ ଶାସତ୍ରିୟ ସଙ୍ଗୀତ ଗାୟକ ତଥା ମଂଚ କଳାକାର ଦିନାନାଥ ମଙ୍ଗେସକର ଏବଂ ମାତା ଥିଲେ ସେବନ୍ତୀ ମଙ୍ଗେସକର । ଛୋଟ ସମୟରେ ଲତାଙ୍କ ନାମ ପ୍ରକୃତରେ ହେମା ମଙ୍ଗେସକର ଥିଲା କିନ୍ତୁ ପିତାଙ୍କ ନାଟକର ଏକ ଚରିତ୍ରର ନାମରେ ପ୍ରଭାବିତ ହୋଇ ତାଙ୍କ ନାମ ହେମାରୁ ଲତା ମଙ୍ଗେସକର ରଖାଯାଇଥିଲା । କଳାକାର ପରିବାରରେ ଜନ୍ମ ନେଇଥିବା ଲତା ଛୋଟବେଳୁ ବାପାଙ୍କ ଠାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିବା ସହ ମାତ୍ର ପାଂଚ ବର୍ଷ ବୟସରୁ ନିଜ ପିତାଙ୍କ ସଙ୍ଗୀତ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲେ । ଯେତେବେଳେ ଲତାଙ୍କୁ ମାତ୍ର ନଅ ବର୍ଷ ବୟସ ହୋଇଥିଲା ସେ ପ୍ରଥମଥର ପାଇଁ ସାଧାରଣ ଲୋକଙ୍କ ସାମନାରେ ସଙ୍ଗୀତ ଗାନ କରିଥିଲେ । ଦୁଃଖଦ ଘଟଣା କ୍ରମେ ଲତାଙ୍କୁ ତେର ବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଗଲା । ଲତାଙ୍କ ତଳେ ତାଙ୍କର ତିନି ଭଉଣୀ ଆଶା, ଉଶା, ମୀନା ଓ ଛୋଟ ଭାଇ ହୃଦୟନାଥ ରହିଥିବା ବେଳେ ଘରର ବଡ଼ ଝିଅ ଭାବରେ



ପରିବାରର ସଂପୂର୍ଣ୍ଣ ଦାୟିତ୍ୱ ସେ ନିଜେ ବହନ କରିଥିଲେ ।

୧୯୪୨ ମସିହାରେ ମରାଠୀ ଚଳଚ୍ଚିତ୍ର 'କିଟି ହାସଲ'ରୁ ଲତା ମଙ୍ଗେସକର ଗାୟିକା ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ୧୯୪୨ରୁ ୧୯୪୮ ମଧ୍ୟରେ ସେ ଆଠଟି ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ଅନ୍ଦାଜ, ବରସାତ୍, ମହଲ୍ ଚଳଚ୍ଚିତ୍ରରେ ଗାଇଲା ପରେ ପରେ ଲତା ସଙ୍ଗୀତ ଜଗତର ଏକ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ । ୧୯୬୩ ମସିହାରେ ଭାରତ-ଚୀନ ଯୁଦ୍ଧ ସମୟରେ ଲତା ଗାଇଥିବା 'ଏ ମେରେ ୱତନ୍ କେ ଲୋଗୋ...' ଗୀତ ସେତେ ବେଳର ପ୍ରଧାନମଂତ୍ରୀ ଜବାହରଲାଲ ନେହେରୁଙ୍କୁ ଭାବବିହ୍ୱଳ କରି ନଥିଲା ବରଂ ଦେଶର କୋଟି ଜନମନଙ୍କ ଭିତରେ ଦେଶ ପ୍ରତି ଓ ବୀର ସହିଦଙ୍କ ପ୍ରତି ଏକ ସମର୍ପଣ ମନୋଭାବ ସୃଷ୍ଟି କରିଥିଲା । ଆଜି ମଧ୍ୟ ଏ ଗୀତ ଶୁଣିଲେ ସମସ୍ତଙ୍କ ହୃଦୟ ଦେଶପ୍ରୀତିର ଗଭୀର ଭାବନାରେ ବାଷ୍ପରୁଦ୍ଧ ହୋଇ ପଡ଼େ । ଏହା ପରେ ଲତା ମଙ୍ଗେସକର ଲଗଜା ଗଲେ, ପ୍ୟାର କା ନଗମା, ସିସା ହୋ ୟା ଦିଲ୍, ତେରେ ବିନା ଜିନ୍ଦେଗୀ ସେ କୋଇ ସିକୱା ତ ନେହିଁ, ଭଳି ଲୋକପ୍ରିୟ ଗୀତ ଗାଇ ସମସ୍ତଙ୍କ ଖୁବ ଆପଣାର ହୋଇ ଯାଇଥିଲେ । ଲତା ପ୍ରାୟ ୩୬ଟି ଭାଷାରେ ପଚାଶ ହଜାରରୁ ଅଧିକ ଗୀତ ଗାଇଥିବା ଜଣାଯାଏ । ୨୦୦୧ ମସିହାରେ ଭାରତର ସର୍ବୋଚ୍ଚ ସମ୍ମାନ ଭାରତରତ୍ନରେ ଲତାଜୀଙ୍କୁ ସମ୍ମାନିତ କରାଯାଇଥିଲା । ଏହା ପୂର୍ବରୁ ୧୯୫୮ରେ ପ୍ରଥମ ଫିଲ୍ମ ଫେୟାର ଆୱାର୍ଡ, ୧୯୬୯ରେ ପଦ୍ମଭୂଷଣ ଓ ଶ୍ରେଷ୍ଠ ପ୍ରଚ୍ଛଦ ଗାୟିକା, ୧୯୮୯ରେ ଦାଦା ସାହେବ ଫାଲକେ ପୁରସ୍କାର, ୧୯୯୩ରେ ଜୀବନ ବ୍ୟାପି ସାଧନା ପୁରସ୍କାର, ୧୯୯୭ରେ ମହାରାଷ୍ଟ୍ର ଭୂଷଣ ପୁରସ୍କାର, ୧୯୯୯ରେ ପଦ୍ମବିଭୂଷଣ ଓ ପୁଣି ସେହି ବର୍ଷ ଏନଟିଆର୍ ଜାତୀୟ ସମ୍ମାନ, ୨୦୦୯ରେ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଅନେକ ଏଭଳି ବଡ଼ବଡ଼ ପୁରସ୍କାର ପାଇବା ସହ ୨୦୧୧ ମସିହାରେ ଲତା ଗିନିଜ୍ ବୁକ୍ ଅଫ ୱାର୍ଲଡ଼ ରେକର୍ଡରେ ମଧ୍ୟ ସ୍ଥାନ ପାଇଥିଲେ । ୧୯୭୪ ମସିହାରେ ସର୍ବାଧିକ ଗୀତ ଗାଇ ରେକର୍ଡ ସୃଷ୍ଟି କରିଥିଲେ ସୁର ସାମ୍ରାଜ୍ଞୀ । ଫ୍ରାନ୍ସ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅଫିସର ଅଫ୍ ଦ ଲିଜିୟନ ଅଫ୍ ଅନର'ରେ ମଧ୍ୟ ଲତାଜୀ ସମ୍ବର୍ଦ୍ଧିତ ହୋଇଥିଲେ ।

ଆଜି ଲତାଙ୍କ ଅବର୍ତ୍ତମାନ ପରେ ଭାରତୀୟ ସଙ୍ଗୀତ ଜଗତ ପାଇଁ ଏହା ଠାରୁ ଭଳି ବଡ଼ ଶୂନ୍ୟସ୍ଥାନ ଆଉ କିଛି ହୋଇ ନପାରେ । କିନ୍ତୁ ପ୍ରସିଦ୍ଧ ଗୀତିକାର ଗୁଲଜାରଙ୍କ ରଚିତ ଓ ସ୍ୱୟଂ ଲତାଜୀ ନିଜେ ଗାଇଥିବା ଏକ ଗୀତ 'ନାମ୍ ଗୁମ୍ ଯାଏଗା, ଚେହେରା ୟେ ବଦଲ୍ ଯାଏଗା, ମେରି ଆୱାଜ୍ ହି ମେରି ପେହେଚାନ୍ ହୈ... 'ସ୍ପଷ୍ଟ କରେ ଯେ ଯେତେ ଦିନ ପର୍ଯ୍ୟନ୍ତ ସଙ୍ଗୀତ ରହିଛି ସେତେ ଦିନ ଯାଏ କୋଟିକୋଟି ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ଲତା ମଙ୍ଗେସକର ଚିର ଅମର ହୋଇ ରହିବେ ।


ସଂପାଦକ
ସ୍ୱର ସଙ୍ଗମ କଳା ପରିଷଦ
ସିନାପାଲି, ନୂଆପଡ଼ା


## ଅବହେଳିତ ଶିକ୍ଷାବ୍ୟବସ୍ଥା



ଗୋପାଳ ମହାପାତ୍ର

କିନ୍ତୁ ସେ ସବୁକୁ କାର୍ଯ୍ୟକାରୀ କରିବା ସଂଘୀୟ ବ୍ୟବସ୍ଥା ଅନୁସାରେ ରାଜ୍ୟର ଅଧିକାରଭୁକ୍ତ ।

ଦେଶ ସ୍ୱାଧୀନ ହେବାପରେ ଦେଶରେ ଶିକ୍ଷାର ଯେତିକି ପ୍ରଚାର-ପ୍ରସାର ହୋଇଛି ତାକୁ ବଡ଼ ଉପଲବ୍ଧି ବୋଲି କୁହାଯାଇପାରେ । ଏବେ ଏମିତି କୌଣସି ଲୋକ ନାହାନ୍ତି ଯିଏ ତାଙ୍କ ପିଲାମାନଙ୍କୁ ଭଲ ସ୍କୁଲରେ ପଢ଼ାଇବା ପାଇଁ ଚାହାଁନ୍ତି ନାହିଁ। କିନ୍ତୁ ଦୁର୍ଭାଗ୍ୟ ଯେ ଆମ ବ୍ୟବସ୍ଥା ଏମାନଙ୍କୁ ସହଯୋଗ କରିପାରେ ନାହିଁ । ବ୍ୟବସ୍ଥାର ସମ୍ବେଦନହୀନତାର କୁପରିଣାମ ସ୍ୱରୂପ ସରକାରୀ ସ୍କୁଲଗୁଡ଼ିକର ଗୁରୁତ୍ୱ କମୁଛି। ଦେଶର ବୌଦ୍ଧିକ ସମ୍ପତ୍ତିର ବିକାଶ ପଥରେ ଏହା ହେଉଛି ସବୁଠାରୁ ବଡ଼ ବାଧକ । ଏକବିଂଶ ଶତାବ୍ଦୀରେ କୌଣସି ସଭ୍ୟ ଦେଶ ତାର ପଚାଶ ପ୍ରତିଶତରୁ ଅଧିକ ପିଲାଙ୍କୁ ବ୍ୟକ୍ତିତ୍ୱ ବିକାଶର ଅବସରରୁ ବଞ୍ଚିତ ରଖି ପ୍ରଗତି କରିପାରିବ ନାହିଁ । ଯେଉଁ ସ୍କୁଲରେ ଛାତ୍ର ଓ ଶିକ୍ଷକଙ୍କ ଅନୁପାତ ଠିକ୍ ରହେନାହିଁ ସେ ସବୁ ସ୍କୁଲର ପିଲାଏ କେବଳ ସାର୍ଟିଫିକେଟ୍ ପାଇଥାନ୍ତି କିନ୍ତୁ ଆବଶ୍ୟକ ଜ୍ଞାନ, କୌଶଳ ଏବଂ ବ୍ୟକ୍ତିତ୍ୱ ବିକାଶରୁ ବଞ୍ଚିତ ହୋଇଥାନ୍ତି ।

ଦେଶରେ ଏମିତି ଲକ୍ଷାଧିକ ସ୍କୁଲ ଅଛି ଯେଉଁଠି ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ତଥ୍ୟ ଅନୁସାରେ ଦେଶରେ ଏଗାର ଲକ୍ଷ ଶିକ୍ଷକ ପଦବୀ ପୂରଣ ନହୋଇ ପଡ଼ି ରହିଛି । ଓଡ଼ିଶାରେ ମଧ୍ୟ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଛି । ଭାରତ ଏବେ ଏମିତି ଗରୀବ ଦେଶ ବା ସଂସାଧନହୀନ ଦେଶ ନୁହେଁ ଯେଉଁଠି ପିଲାଙ୍କ ଶିକ୍ଷା ପାଇଁ ସମୁଚିତ ବ୍ୟବସ୍ଥା କରାଯାଇପାରିବ ନାହିଁ । ଆହ୍ଲାବାଦ ହାଇକୋର୍ଟ ୨୦୧୫ ମସିହା ଅଗଷ୍ଟ ୧୯ ତାରିଖରେ ଏକ ଐତିହାସିକ ରାୟରେ କହିଥିଲେ ଯେ ସରକାରୀ ତହବିଲରୁ ଦରମା ନେଉଥିବା ସବୁ ବ୍ୟକ୍ତି ତାଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢ଼ାଇବା ଉଚିତ । କିନ୍ତୁ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ କି ଅନ୍ୟ ରାଜ୍ୟମାନେ ଏଥିରୁ କିଛି ଶିକ୍ଷାଲାଭ କଲେ ନାହିଁ । ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ । ସରକାରୀ ସ୍କୁଲ ଗୁଡ଼ିକର ସ୍ଥିତି ପାଇଁ ଲୋକଙ୍କ ମନରେ ଯେଉଁ ଅବିଶ୍ୱାସ ଭାବ ଜାଗି ଉଠିଛି ତାହା ପୁରାମାତ୍ରାରେ ସ୍ଥିତିକୁ ବିଗାଡ଼ି ଦେଉଛି । ଯେତେବେଳେ ସଂଭ୍ରାନ୍ତ ବର୍ଗର ପିଲାଙ୍କ ପାଇଁ ଘରୋଇ ସ୍କୁଲଗୁଡ଼ିକରେ ସମସ୍ତ ସୁବିଧା ଉପଲବ୍ଧ ହୋଇପାରୁଛି ସେତେବେଳେ ସେମାନେ ସରକାରୀ ସ୍କୁଲ ଉପରେ ଦୃଷ୍ଟି ଦେବେ କାହିଁକି ? ନୂଆ ଶିକ୍ଷାନୀତି ୨୦୨୦ କ୍ରିୟାନ୍ୱୟନ ସମୟରେ ଏ କଥାକୁ ଦୃଷ୍ଟି ଦିଆଯିବା ଦେଶ ପାଇଁ ହିତକର ହେବ । ନୂଆ ଶିକ୍ଷାନୀତି ଅନୁସାରେ ବୁନିଆଦି ସୁବିଧା, ଛାତ୍ର-ଶିକ୍ଷକଙ୍କ ଅନୁପାତ ଠିକ୍ ଥିବା ଏପରିକି ନିୟମିତ ଏବଂ ପ୍ରଶିକ୍ଷିତ ଶିକ୍ଷକ ଥିବା ସ୍କୁଲରେ ସବୁ ପିଲା ପଢ଼ିବେ । କିନ୍ତୁ ଅନେକ ରାଜ୍ୟରେ ନିୟମିତ ପୂର୍ଣ୍ଣକାଳୀନ ଶିକ୍ଷକଙ୍କର ଘୋର ଅଭାବ ରହିଛି । ରାଜ୍ୟମାନଙ୍କରେ ଅନିୟମିତ ଶିକ୍ଷକଙ୍କୁ ସ୍ୱଳ୍ପ ବେତନରେ ନିଯୁକ୍ତି ଦିଆଯାଉଛି । ଏହି କାରଣରୁ ନିୟମିତ ଶିକ୍ଷକମାନେ ସେବାନିବୃତ୍ତ ହେବାପରେ ନିୟମିତ ପଦ ଖାଲି ପଡ଼ିଯାଉଛି ।

ଦେଶରେ ଏବେ ଶିକ୍ଷକ ଏବଂ ଏକାଡେମିକ ନେତୃତ୍ୱ ଯେଉଁ ସ୍ଥାନରେ (ପଦବୀ) ନିଯୁକ୍ତି ପାଇବା କଥା ସେ ସବୁ ପଦବୀରେ ସିଭିଲ ସେବା ଅଧିକାରୀ (ପ୍ରଶାସନିକ ଅଧିକାରୀ) ସ୍କୁଲ ବୋର୍ଡ, ପାଠ୍ୟପୁସ୍ତକ ବୋର୍ଡ, ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ ଭଳି ସଂସ୍ଥାମାନଙ୍କରେ ଅବସ୍ଥାପିତ ହେଉଛନ୍ତି । ଶିକ୍ଷକ ନିଯୁକ୍ତି, ପଦସ୍ଥାପନା ଏବଂ ପ୍ରଶିକ୍ଷଣକୁ ନେଇ ଅନେକ ସମସ୍ୟା ରହିଛି ଓ ଏ ନେଇ ଅନେକ ସମୟରେ ଅନେକ କଥା ଆଲୋଚନାକୁ ଆସୁଛି । ୧୯୮୬ରେ ପ୍ରଣୀତ ରାଷ୍ଟ୍ରୀୟ ଶିକ୍ଷାନୀତିକୁ ଲାଗୁ କରାଯିବା ସୟମରେ ଏ କଥା ସ୍ଥିର କରାଯାଇଥିଲା ଯେ ଦେଶରେ ଏମିତି କୌଣସି ସ୍କୁଲ ରହିବ ନାହିଁ ଯେଉଁଠି ୨ ଜଣରୁ କମ୍ ଶିକ୍ଷକ ଥିବେ । ଅପରେସନ ବ୍ଲାକବୋର୍ଡ ଯୋଜନା ଅନୁସାରେ ରାଜ୍ୟ ସରକାର ଯେଉଁ ତଥ୍ୟ ଦେଇଥିଲେ ତାକୁ କାର୍ଯ୍ୟକାରୀ କରାଯାଇଥିଲା ଓ ଦେଶରେ ସାଢ଼େ ପାଞ୍ଚଲକ୍ଷ ପ୍ରାଥମିକ ବିଦ୍ୟାଳୟର ଭବନ ନିର୍ମାଣ, ଶିକ୍ଷଣ ସାମଗ୍ରୀ ସହିତ ଏକଲକ୍ଷ ୩୪ ହଜାର ଶିକ୍ଷକ ନିଯୁକ୍ତି ପାଇଁ କେନ୍ଦ୍ରସରକାର ଅର୍ଥ ପ୍ରଦାନ କରିଥିଲେ । ଅର୍ଥ ସିନା କେନ୍ଦ୍ର ସରକାର ଦେଇଥିଲେ ହେଲେ କାର୍ଯ୍ୟକୁ ସମ୍ପନ୍ନ କରିବା ରାଜ୍ୟ ସରକାରଙ୍କ କାର୍ଯ୍ୟ ଥିଲା । ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟ ଭବନ ନିର୍ମାଣ, ଶିକ୍ଷଣ ସାମଗ୍ରୀ ଆଦି କ୍ରୟ କାର୍ଯ୍ୟ ମଧ୍ୟ ଅଧିକାଂଶ ରାଜ୍ୟ କରିପାରିନଥିଲେ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ବଡ଼ ଲୋକଙ୍କ ବିଚାର



ସୁବ୍ରତ କର

ବଡ଼ ଲୋକଙ୍କ ମନରେ ନୁହଁ ଧନରେ । ଯାହା ଯେତେ ପଇସା ସେ ଭଦ୍ରଲୋକ ଆମ ଦେଶରେ ବଡ଼ଲୋକଙ୍କ ହିସାବରେ ଗଣତି ହୁଅନ୍ତି । ସେହିପରି ଜଣେ ଭଦ୍ରଲୋକ ହେଉଛନ୍ତି ମୁକେଶ ଆମ୍ବାନି । ତାଙ୍କର ବାପା ଧିରୁ ଭାଇ ଆମ୍ବାନି ତାଙ୍କ ସମୟରେ ବିଶେଷ ପଇସାବାଲା ନଥିଲେ । ସେ ପ୍ରଥମ ଜୀବନରେ ଫେରି କରି ଚଳୁଥିଲେ କିନ୍ତୁ ଈଶ୍ୱର ସାହାରା ହେଲେ ଏବଂ କଠିନ ପରିଶ୍ରମ ଫଳରେ ପର ସ୍ତରରେ ପଇସା କରି ପାରିଥିଲେ । ମୁକେଶ ତାଙ୍କର ବଡ଼ପୁଅ । ସେ ମଧ୍ୟ ତାଙ୍କର ଚେଷ୍ଟା, ଅଧ୍ୟବସାୟ ଏବଂ ପରିଶ୍ରମ ଫଳରେ ଆଜି ଏସିଆରେ ଦ୍ୱିତୀୟ ଧନୀ ବ୍ୟକ୍ତି (ଆଦାନି ଏବେ ଏବେ ପ୍ରଥମ ହୋଇଛନ୍ତି) ଏବଂ ସାରା ବିଶ୍ୱରେ ଜଣଜଣଙ୍କ ମଧ୍ୟରେ ଜଣେ ।

ଏବେ ଏବେ ମୁକେଶ ଆମ୍ବାନି ଦୁଇଟି ଖବର ପାଇଁ ବିଶେଷ ଭାବରେ ସମସ୍ତଙ୍କ ଆଖି ଦୃଶିଆ ହୋଇପାରିଛନ୍ତି । ପ୍ରଥମଟି ହେଲା କିଛିଦିନ ତଳେ ତାଙ୍କର ସ୍ତ୍ରୀଙ୍କର ଜନ୍ମଦିନ ପାର୍ଟିରେ ପ୍ରାୟ ୨୫୦କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଦ୍ୱିତୀୟଟି ହେଲା କିଛିଦିନ ତଳେ ଏକ ରୋଲସ୍ ରଏସ୍ ଗାଡ଼ି (ଯାହାର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା) କିଣି । ଏଥିରେ ନିଶ୍ଚିତ ଭାବରେ ସାଧାରଣ ଜନତାଙ୍କ ମୁଣ୍ଡ ଖେଳେଇବାର କିଛି ନାହିଁ କାରଣ ତାଙ୍କର ପଇସାରେ ସେ କିଣିଲେ । ଏଇଠି କହିବାର କଥା ହେଲା ଯୋଉ ଦେଶରେ ଶତକଡ଼ା ୩୦ ଭାଗ ଲୋକଙ୍କ ଭୋକ ଉପାସରେ ବିତାଉଛନ୍ତି, ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ପାଖରେ ଚାକିରୀ ନାହିଁ । ପଇସା ରୋଜଗାରର ବାଟ ବାଛି ନେଇଛନ୍ତି ଠକେଇ, ଛିନ୍‌ତାଇ, ଡାକ୍ତରଙ୍କ ଅଭାବ, ସାଧାରଣ ଜନତାଙ୍କ ପାଖରେ ଚିକିତ୍ସା କରିବାର ଟଙ୍କାର ଅଭାବ ଏହିସବୁ ଅବସ୍ଥାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ଷ୍ଟାଟସକୁ ଲୋକମାନଙ୍କ ଆଗରେ ଜାହିର କରିବାର ଏହାର ମାନେ କଣ? ଏହି ଦେଶରେ ପୁଣି ଜଣେ ଶିଶୁର ମା (୩ବର୍ଷ) ଏକ ଦୂରାରୋଗରେ ପିଡ଼ିତ ହୋଇ ଏକ ଇଂଜେକ୍‌ସନ ପାଇଁ ଓଡ଼ିଶା ଛାଡ଼ି ବମ୍ବେ ପର୍ଯ୍ୟନ୍ତ (ସନୁ ନିଗମ) ପହଞ୍ଚିବାକୁ ପଡ଼ିଥିଲା ଏବଂ ଶେଷରେ କଣ ହେଲା ସେହି ଶିଶୁଟିର ଏବେ ଆଉ କାହାକୁ ଜଣାନାହିଁ । ଏଇଥିପାଇଁ ଯେ ସେ ଶିଶୁଟିର ମା ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଗୁହାରୀ କରିବାକୁ ଯାଇ ପୁଲିସ ଦ୍ୱାରା ନିର୍ଯ୍ୟାତିତ ହେଲା ଏବଂ ସେ ନିଶ୍ଚୟ ଭାବିନେଇଥିବ ଶେଷରେ ଈଶ୍ୱର ଯାହା କରିବେ । ହଁ ନିଶ୍ଚିତ ସମସ୍ତଙ୍କ ପାଇଁ ଈଶ୍ୱର ଶେଷ ଭରସା ଏବଂ ସେହି ଈଶ୍ୱର ମୁକେଶଙ୍କ ଭାଇଙ୍କୁ ରାସ୍ତାରେ ବସେଇ ସାରିଲେଣି ଏବଂ ଆଗ ଭଳି ଆଉ ପାରିବା ପଣିଆ ନାହିଁ । ଏହାମାନେ ନୁହେଁଯେ ମୁକେଶ ବାବୁ ମଧ୍ୟ ଏହି ଅବସ୍ଥାକୁ ଆସନ୍ତୁ । ଏହା ନିଶ୍ଚୟ ଭାରତବର୍ଷ ଭଳି ଗରିବ ଦେଶରେ ମୁକେଶ ଭଳି ଜଣେ ଲୋକ ଏସିଆର ୧ ନମ୍ବର ଧନୀ ବ୍ୟକ୍ତି ହେବା ଦେଶପାଇଁ ଗର୍ବ ଏବଂ ଗୌରବର କଥା । କିନ୍ତୁ ଈଶ୍ୱରଙ୍କୁ ଭୁଲିଯିବା, ଦେଶକୁ ଭୁଲିଯିବା, ସାଧାରଣ ଜନତାଙ୍କୁ ଭୁଲିଯିବା, କରୋନାକୁ ଭୁଲିଯିବାକୁ ଈଶ୍ୱର ସହିବେ ତ? ଅନିଲ ଭାଇ ଭଳି ହେବେନି ତ? ଈଶ୍ୱର ତାଙ୍କର ମଙ୍ଗଳ କରନ୍ତୁ ।






### ହେ ଲତା

ଅରୂପ କୁମାର ବିଶ୍ୱାଳ

ସ୍ୱର ସମ୍ରାଜ୍ଞୀ ଭାରତର ରତ୍ନ
କୋକିଳ କଣ୍ଠି ହେ ଲତା,
ମଧୁର ମୂର୍ଚ୍ଛନା ସଂଗୀତ କଳ୍ପନା
ତୁମେ ପରା ପ୍ରତିଷ୍ଠିତା।

ସବୁ ଗୀତ ତୁମ ଅଲିଭା ଭାସ୍ୱର
ହୃଦୟତନ୍ତ୍ରୀକୁ ଛୁଏଁ,
ଏ ଜଗତ ନିଶ୍ଚେ ମନେ ପକାଇବ
ତୁମ କଥା କହିଯାଏ।

ତିରିଶି ହଜାର ସଂଗୀତ ଗାୟିକା
ମିଠାମିଠା ତୁମ କଣ୍ଠ,
ଶ୍ରୋତା ମନ ମୋହି ନେଇଥାଅ ତୁମେ
ସାରା ବିଶ୍ୱେ ତୁମେ ଶ୍ରେଷ୍ଠ।

ସାତ ଦଶନ୍ଧିର ରାଜତ୍ୱ ତୁମର
ସଭିଙ୍କ ହୃଦୟେ ରହି,
ସଙ୍ଗୀତରେ ତୁମେ ଅଟ ହେ ଅନନ୍ୟ
ଝୁରେ ବିଶ୍ୱ ତୁମ ପାଇଁ।

ଅପାଶୋରା ତୁମ କଣ୍ଠ ଯାଦୁକରି
ଚିର ସବୁଜିମା ଭରା,
ବିଧାତାଙ୍କ ହସ୍ତେ ତୁମକୁ ଗଢିଲେ
ଦେଇ କଣ୍ଠ ମଧୁଝରା।

ତୁମ ଶୂନ୍ୟସ୍ଥାନ ରହିବ ଅପୂର୍ଣ୍ଣ
ହେ ଲତା ମଙ୍ଗେସକର,
ଅମର ପୁରରେ ତୁମେ ତ ଅମର
ଗର୍ବ ତୁମେ ଭାରତର।


♥ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
(ମୋ) ୯୦୪୦୮୭୦୧୦୦


### ବିଦାୟ

ସୁଧାକର ରାଉତ



ବ୍ୟଥାତୁର ଆଜି ସବୁରି ହୃଦୟ
କି ଦୁଃସମ୍ବାଦ ଆହା ଦେଲାଏ ସମୟ
ଆସିବା ପୂର୍ବରୁ ବସନ୍ତ
ସ୍ୱରର କୋକିଳା ହଜିଗଲେ କାହିଁ
ବରଷେ ଦୁଃଖ ଅନନ୍ତ ।

ବାଲ୍ୟକାଳୁ ଅତି ନିକଟେ ଜୀବନ
ଦେଖିଥିଲ ପରା ହୋଇ ତେଜିୟାନ
ତ୍ୟାଗ ନିଷ୍ଠାର ପ୍ରତୀକ
ପରିବାର ବୋଝ ବୋହି ପ୍ରାରମ୍ଭରୁ
ଛୁଇଁ ନଥିଲା ତ ଶୋକ ।

ସଂଗୀତରେ ନଥିଲା ରୁଚି ଗାଢ଼ ତୁମ
ଜୀବନ ଜଞ୍ଜାଳ କରିନାହିଁ ଭ୍ରମ
ସ୍ୱର ତାଳ ସଙ୍ଗେ ଲୟ
ନିଃସଙ୍ଗ ଜୀବନକୁ ଏଡି ଦେଇଣ
ରଖିଥିଲ ସମନ୍ୱୟ ।

ହେ ସ୍ୱର ସାମ୍ରାଜ୍ଞି ତୁମ ସ୍ୱର ଭାବ
ସୃଷ୍ଟି କରେ ଅପରୂପ ଅନୁଭବ
ପ୍ରେମ, ଦେଶପ୍ରୀତି, ଭକ୍ତ
ଆବେଗମୟ ସେ ସଙ୍ଗୀତ ମାଧୁର୍ଯ୍ୟ
କି ବର୍ଣ୍ଣିବ ଶବ୍ଦ ଶକ୍ତି ।

ସଙ୍ଗୀତର ତୁମେ ସ୍ରୋତସ୍ୱିନୀ ଧାରା
ତୁମ ଗୀତ ମନେ ସଦା ଅପାଶୋରା
ତୁମେ ଭାରତର ସ୍ୱର
ସଙ୍ଗୀତାକାଶ ତୁମ ବିହୁନେ
ଘୋଟିଲାକି ଅନ୍ଧକାର
ସପ୍ତ ଦଶକ ବ୍ୟାପୀ ସଙ୍ଗୀତ କ୍ଷେତ୍ରେ
ତୁମ ଅବଦାନ ବହେ ଦେଶ ଗାତ୍ରେ
ସ୍ୱର ତୁମ ପରିଚୟ
ବିଶ୍ୱ କୋଣ ଅନୁକୋଣେ ଗୁଞ୍ଜରିତ
ହେବନି କେତେ ତା କ୍ଷୟ ।

ତୁମ ତିରୋଧାନେ ସଙ୍ଗୀତ ଜଗତେ
ଅପୂର୍ଣ୍ଣ କ୍ଷତି କି ସୃଷ୍ଟି ହେଲା ସତେ
ବିଭୁଙ୍କ ପଦରେ ଅଳି
ତୁମ ଆତ୍ମାର ସଦଗତି କାମନା କରି
ଦେଉଅଛୁ ଶ୍ରଦ୍ଧାଞ୍ଜଳି ।


♥ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨


### ନିର୍ବାଚନ ରଣନୀତି

ବିନୟ କୁମାର ସାମଲ



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ
ବଢୁଛି ପ୍ରଚାର ତାତି,
କୋଭିଡ଼ ନିୟମ କଟକଣା ସତ୍ୱେ
ସବୁ ଉଠିଛନ୍ତି ମାତି ।
ସବୁ ପ୍ରାର୍ଥୀ ନିଜ ସମର୍ଥକ ସାଥୀ
ସହ ବୁଲି ଘର ଘର,
ନିଜ ସପକ୍ଷରେ ସମର୍ଥନ ଲୋଡ଼ି
ଭୋଟ ଭିକ୍ଷା ଦ୍ୱାର ଦ୍ୱାର ।
ଯୁବା ବୃଦ୍ଧ ସର୍ବେ ମହିଳା ବି ଏବେ
ନିର୍ବାଚନ ରଣାଙ୍ଗନେ,
ଯେ ହେଉ ବି ପ୍ରାର୍ଥୀ ତାଙ୍କ ନିଜ ସାଥୀ
ଲଢୁଛନ୍ତି ପ୍ରାଣପଣେ ।
ଆଉ କିଛି ପ୍ରାର୍ଥୀ ବିତରନ୍ତି ନୀତି
ଭୋଟରଙ୍କୁ ଭୋଜିଭାତ,
ମତଦାତା ମଦ୍ୟ ପାନେ ହିତାହିତ
ଜ୍ଞାନ ଭୁଲି ହୁଡ଼େ ପଥ ।
କେତେକ ସ୍ଥଳରେ ଦୁଇ ଯାଆ ମଧ୍ୟରେ
ପ୍ରତିଦ୍ୱନ୍ଦିତାର ତଥ୍ୟ,
ଶାଶୁ ବୋହୁ ମଧ୍ୟେ ନିର୍ବାଚନ ଯୁଦ୍ଧ
ବିରଳ ହେଲେ ବି ସତ୍ୟ ।
ସୁଖୀ ପରିବାର ସଂପର୍କ ମଧୁର
ତିକ୍ତ କରେ ରାଜନୀତି,
କ୍ଷମତାର ନିଶା ବିଶ୍ୱାସରେ ବିଷ
ମଂଜି ବୁଣି ସାଧେ କ୍ଷତି ।
ଗଣତନ୍ତ୍ରେ ନିର୍ବାଚନ କବଳିତ
ବାହୁବଳ ଅର୍ଥ ଦ୍ୱାରା,
ସ୍ୱଚ୍ଛ ଜନମତ ନିଶ୍ଚିତ ବିଭ୍ରାନ୍ତ
କଳୁଷିତ ଏଇ ଧାରା ।
ଅର୍ଥ ମଦ ମାଂସେ ପ୍ରଲୋଭିତ ବ୍ୟକ୍ତି
ଯୋଗ୍ୟ ପ୍ରାର୍ଥୀ ନ ଚିନ୍‌ହଇ,
ନିଜ ହାତେ ଗଣତନ୍ତ୍ର ହତ୍ୟାକରି
ସମାଜେ କ୍ଷତି ସାଧଇ ।
ବାପୁଙ୍କର ରାମ ରାଇଜର ସ୍ୱପ୍ନ
ଗ୍ରାମ ସ୍ୱରାଜର କଥା,
ଗଣତନ୍ତ୍ର ପ୍ରତି ରଖ ଲୟ ଭକ୍ତି
ହସିବ ଭାରତ ମାତା ।


♥ (ଅବସର ପ୍ରାପ୍ତ ଶିକ୍ଷକ)
ଗ୍ରାମ/ପୋ-ବେଡାପଡ଼ା
ଜିଲ୍ଲା-ଢେଙ୍କାନାଳ-୭୫୯୦୧୯
(ମୋ) ୯୩୩୭୨୪୯୦୬୮


### ଘରକୁ ସରଗ କରିବା

ହରେରାମ ପଣ୍ଡା

ଆମ ଘର ମୋର କେତେ ଯେ ନିଜର
ଯେଉଁଠି ଜନମ ମୋର,
ଏନ୍ତୁଡ଼ି ମୋହର ଜଳିଥିଲା ଏଠି
ହୋଇଥିଲା ଷଠି ଘର ।
ବାପା ଆମ ଦିଅଁ ମାଆ ଠାକୁରାଣୀ
ଦେଇ ତାଙ୍କ ପାଦେ ଧ୍ୟାନ,
ଜୀବନର ଚଲା ପଥରେ ଚାଲିବୁ
ସାର୍ଥକ ହେବ ଜୀବନ ।
ଗୋଟିଏ ବୃନ୍ତର ଫୁଲ ପରି ଆମେ
ସଭିଏଁ ଭଉଣୀ ଭାଇ,
ଆମରି ଖୁସିରେ ପୁରି ଉଠେ ଘର
କେବେ ରାଗରୁଷା ନାହିଁ ।
ଘରକୁ ଆମର ସ୍ୱଚ୍ଛ ରଖିବା
ଆମେ ସବୁ ମିଳିମିଶି,
ବାଡ଼ି ବଗିଚାରେ ଲଗାଇବା ଗଛ
ଦେଖିଲେ ଲାଗିବ ଖୁସି ।
ଆପଣା ଭିତରେ ନକରିବା କଳି
ହୋଇ ସବୁ ଏକମନ,
ଘରକୁ ଆମର ସରଗ କରିବା
ଏହି ଆମ୍ଭ ଦୃଢ଼ ପଣ ।


♥ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ,
ମେର୍ଦ୍ଧା କାଟିଆଛକ, ଯାଜପୁର
(ମୋ)୯୪୩୮୦୬୫୧୯୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୭ ଫେବୃଆରୀ, ସୋମବାର, ୨୦୨୨

# ଅନ୍ତର୍ଦାହ



**ସିଦ୍ଧି ପ୍ରସାଦ ସାହୁ**

ବାପା ନରହରି ନିର୍ବାକ। ପାଟିରୁ କଥା ବାହାରୁନାହିଁ। ସତେ ଯେପରି କାଠ କି ପାଷାଣର ମୂର୍ତ୍ତିଟିଏ । ମା ସାବିତ୍ରୀ ଦେବୀ କିନ୍ତୁ ବାୟାଣୀ ପରି ଗପୁଛି ଯେ ଗପୁଛି । ଆଉ କହୁଛି, 'ଏଇ ମୋ କାହ୍ନା ଆସୁଛି । ମୋ କହ୍ନେଇ ମ । ମୋ କହ୍ନେଇ ଗୋ ଗୋଠରୁ ଫେରୁନି ମ । ମୋ କହ୍ନେଇ ଗାଈ ପଲ ଧରି ଜଙ୍ଗଲରୁ ଫେରୁନି ମ । ମୋ କହ୍ନେଇ ନାଲିବତୀ ଗାଡ଼ିରେ ଫେରୁଛି । ଅଫିସର ହୋଇ ଫେରୁଛି । ଆଗରେ ପୋଲିସ ଗାଡ଼ି, ପଛରେ ବି ପୋଲିସ ଗାଡି। ମୋ କାହ୍ନୁ ବଡ଼ ଅଫିସର ହୋଇଛି । କଣ କହନ୍ତି ତ .......? ହଁ ହଁ କଲେକ୍ଟର ହୋଇଛି । 'ଏମିତି କେତେ କଣ ଗପି ଚାଲିଛନ୍ତି ମା ସାବିତ୍ରୀ ଦେବୀ । ଆଖିରେ ଆଉ ଲୁହ ନାହିଁ । ଯାହା ଯେମିତି ଯେଉଁ ଲୁହ ଧାରଟିଏ ଗଡ଼ି ପଡୁଚି , ସେ ଲୁହ ନୁହେଁ ତ ଲହୁ ଧାରଟିଏ । ସମସ୍ତଙ୍କ ପ୍ରବୋଧନା ତା ପାଇଁ ନିରର୍ଥକ । ହେବା କଥା ମଧ । ବାହାଘରର ୧୦ବର୍ଷ ପରେ କେତେ ଦିଅଁ ଦେବତା କରି , କେତେ ମନ୍ଦିରରେ ଗୁଆ ବସାଇ, ଶେଷକୁ ରାଧାକୃଷ୍ଣଙ୍କ ପାଖରେ ଅଧିଆ ପଡି ପାଇଥିଲା ତା ଏକଇର ବଳା ବିଶିକେଶନକୁ । ସେଇଥିପାଇଁ ତ, ତାକୁ ଯିଏ ଯେଉଁ ନାମରେ ଡାକିଲେ ମଧ ମା' ସାବିତ୍ରୀ ତାକୁ ଡାକନ୍ତି , 'କହ୍ନେଇ ବୋଲି , କାହ୍ନୁ ବୋଲି ।'

ଆଜିଯାଏଁ ସେ ଅସମାହିତ ପ୍ରଶ୍ନ ହୋଇ ରହି ଯାଇଛି । କାହିଁକି କାହ୍ନୁ ଏମିତି ନିଷ୍ପତ୍ତି ନେଲା ? ମେଧାବୀ ଛାତ୍ର । ରେଭେନ୍ସା କଲେଜରେ ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତରରେ ଶେଷ ବର୍ଷ ଛାତ୍ର । ମା'ର ସ୍ୱପ୍ନ ଥିଲା,'ମୋ ପୁଅ ହାକିମ ହେବ। ମାଟିର ମଣିଷ ସାଜିଥିବା ତା ବାପାର ଦୁଃଖ ଯିବ ।'

ସେଦିନ ସଂଧ୍ୟା ସମୟରେ କାହ୍ନୁ ମା'କୁ କହିଲା, 'ମା' ନଦୀ ପଠାରେ ଟିକିଏ ସମୟ ବିତାଇ ଆସୁଛି । ଆସିଲେ ବାପାଙ୍କ ସହିତ ଏକାଠି ବସି ଖାଇବି । 'କିନ୍ତୁ କାହ୍ନା ଗଲା ଯେ ଆଉ ଆସିଲାନି । ଭାତ ଖାଇବା ସମୟକୁ ଖୋଜା ପଡ଼ିଲା କାହ୍ନାକୁ। ବାପା , ମା ଦିଜଣ ଯାକ ହାତରେ ଲଣ୍ଠନ ଓ ବାଡି ଧରି ଖେଦି ଗଲେ ଗାଁଟା ଯାକ । କାହ୍ନାରେ, କାହ୍ନାରେ କହି ମା' ସାବିତ୍ରୀ ଦେବୀ ଚିଲେଇ ଚିଲେଇ କେତେ ଡାକିଲେ । କିନ୍ତୁ ସବୁ ଡାକ ସତେ ଯେମିତି ଅଦୃଶ୍ୟ ହୋଇ ଯାଉଥିଲା ସେହି ଅନ୍ଧକାର ଭିତରେ। ଶେଷରେ ନଦୀ ପଠାର ସେଇ ଝଙ୍କାଳିଆ ବରଗଛ ମୂଳେ ଗାଁର ସାଇପଡିଶା ସେ ଦୃଶ୍ୟ ଦେଖି ଅବାକ୍ ହେଇଗଲେ । ପାଟିରୁ ଫେଣ ବାହାରି ଭୂମି ଉପରେ ନିସ୍ତେଜ ହୋଇ ପଡି ରହିଛି କାହ୍ନୁ । ପାଖରେ ଖାଲି ପଡି ରହିଛି ବିଷ ଶିଶି । ଅନ୍ୟ ଏକ ବିଷ ଶିଶି ଖୋଲା ରହିଛି କିନ୍ତୁ ପୂର୍ଣ୍ଣ ଭାବରେ ଅବ୍ୟବହୃତ ହୋଇ ରହିଛି। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ , ' କାହିଁକି କାହ୍ନୁ ଏପରି ନିଷ୍ପତ୍ତି ନେଲା ? 'ଆଜି ଯଦି କାହ୍ନୁ ଦେହରେ ଜୀବନ ଥାନ୍ତା ସେ ହିଁ କହି ପାରିଥାନ୍ତା ଏହାର କାରଣ କିମ୍ବା କାହ୍ନୁର ଶରୀରଟି ବିଷ ଜ୍ୱାଳାରେ ନିସ୍ତେଜ ହୋଇ ଯାଉଥିବା ବେଳେ ପାଦର ରୁଣ୍ଣୁଝୁଣ୍ଣୁ ଶବ୍ଦ କରି ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଆଗକୁ ପଛକୁ ଚାହିଁ ସନ୍ତର୍ପଣରେ ଚାଲି ଯାଉଥିବା ସେହି ତନୁ ପାତେଳୀ ରୁପେସୀ ଝିଅଟି ହିଁ କହି ପାରିବ ଏହାର କାରଣ ।

ଆତ୍ମାର ପରମାତ୍ମା ସହିତ ମିଳନ ପରି ଚିତାର ଧୂଆଁରେ କୁଣ୍ଡଳାକୃତି କରି ଆକାଶରେ ମିଶି ଯାଉଥିଲା । ଆଉ ସେହି ସମୟରେ ଗାଁର ଜମିଦାର ଘରର ଝିଅ ଆଭାର ବିଭାଘରର ଖୁବ୍ ଧୁମ୍ ଧାମ୍‌ରେ ପାଳିତ ହେଉଥାଏ। ଆଭା ଯେତେବେଳେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ମନ୍ତ୍ରୀଙ୍କ ପୁଅକୁ ବିବାହ କରି ନାମୀ ଦାମୀ କାରରେ ବଧୂ ବେଶରେ ସାଜି ସୁନା ଗହଣରେ ଛାଉଣୀ ହୋଇ ଯାଇଥିଲା, କାହ୍ନୁ ଘରେ ସେତେବେଳେ ତିକ୍ତାନ୍ନ ରୋଷେଇ ଚାଲିଥାଏ । ରଙ୍ଗୀନ୍ ଭବିଷ୍ୟତ ନେଇ ଆନନ୍ଦରେ ଆତ୍ମହରା ହୋଇ ଯାଉଥିବା ଆଭା ମଧ ଆଡ ନୟନରେ କାହ୍ନୁର ଘର ଆଡ଼କୁ କିମ୍ବା କାହ୍ନୁ ଶରୀର ଲୋଟିଥିବା ସେହି ବରଗଛ ଆଡ଼କୁ ଚାହିଁ ନଥିଲା।

ସୁସଜ୍ଜିତ କାରଟି ଯେତିକି ଯେତିକି ଆଗକୁ ମାଡି ଚାଲିଥାଏ ଆଭାର ମନଟା କାହିଁକି କେଜାଣି ସେତିକି ସେତିକି ପଛକୁ ପଛକୁ ଫେରି ଆସୁଥାଏ ମାନେ ପୁରୁଣା ଅତୀତକୁ । ନୂଆ ନୂଆ ଯୌବନରେ ଆଭା ଯେତେବେଳେ ପାଦ ଥାପୁଥାଏ , ସେ ବର୍ଷ କାହ୍ନୁ ସମଗ୍ର ରାଜ୍ୟରେ ଦଶମ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥାଏ । କେତେ ଆଦର କେତେ ଅଭ୍ୟର୍ଥନା । ଟିଭିରେ କେତେ ସାକ୍ଷାତକାର । ଆଉ ମନେ ମନେ ଆଭା କାହ୍ନୁକୁ ଆଣି ନିଜ ହୃଦୟ ସାମ୍ରାଜ୍ୟରେ ସମ୍ରାଟ ବନେଇଦେଲା । କଲେଜରେ ପାଦ ଦେଇ ସେହି ବର୍ଷ ରଜ ପର୍ବରେ କାହ୍ନୁ ଫେରିଥାଏ ଗାଁକୁ। ସବୁଠି କାହ୍ନୁର ପ୍ରଶଂସା । କିଏ କହୁଥାଏ କାହ୍ନୁ ହାକିମ ହେବ, କିଏ କହୁଥାଏ କାହ୍ନୁ ଜିଲ୍ଲାପାଳ ହେବ ଇତ୍ୟାଦି ଇତ୍ୟାଦି । ରଜପର୍ବର କାହ୍ନୁ ଗାଁର ସମସ୍ତ ସାଙ୍ଗସାଥୀମାନଙ୍କ ସହିତ ସେହି ବରଗଛ ମୂଳକୁ ଯାଇଥାଏ ବାଗୁଡ଼ି ଖେଳିବାକୁ । ବରଗଛର ଗୋଟିଏ ପାଖରେ ଗାଁ ଟୋକା ମାନେ ମସଗୁଲ୍ ଥିବା ବେଳେ , ଅନ୍ୟ ପାଖରେ ଗାଁର କୁଆଁରୀମାନେ ଦୋଳି ଓ ପୁଚି ଖେଳର ଆସର ଜମାଇଥାନ୍ତି । ଆଭା ଲୁଚି ଲୁଚି ଚାଂହୁଥାଏ କାହ୍ନୁକୁ ।

କାହ୍ନୁର ନିଷିଦ୍ଧ ଇଲାକାକୁ କେତେବେଳେ ଯେ ଆଭାର ଅମାନିଆଁ ମନଟା ବନ୍ଧବାଡ ଡେଇଁ ପ୍ରବେଶ କରିଛି ଏକଥା କାହ୍ନୁ ମଧ ଜାଣି ପାରି ନଥିଲା । କେବଳ ସନ୍ଧ୍ୟା ସମୟରେ ଆଭା କାହ୍ନୁର ପାଖେ ଟିକେ ଟିକେ ଲାଗିଯାଇ ଓଠରୁ ଚେନାଏ ହସ ଝରାଇ କହିଲା, ' କାହ୍ନୁଭାଇ ଏ ବର୍ଷ ମୁଁ ମଧ ତୁମ ରେଭେନ୍ସା କଲେଜରେ ପାଠ ପଢିବି । 'ସରଳ ନିଷ୍ପାପ କାହ୍ନୁ କିନ୍ତୁ ଉପଦେଶ ଛଳରେ କହିଲା , ' ମନଦେଇ ପାଠ ପଢ , ଶତକଡ଼ା ୯୦ରୁ ଅଧିକ ରଖିଲେ ଆମ କଲେଜରେ ପାଠ ପଢ଼ିବ ।' ଯଦିଓ ଆଭା ସେତେ ଭଲ ଛାତ୍ରୀ ନଥିଲା, ତଥାପି ପରିବାରର ଅଭିଜାତ୍ୟକୁ ପାଥେୟ କରି ଅନ୍ୟ କୌଣସି ଅସଦ ଉପାୟରେ ଶତକଡ଼ା ୮୦ ଭାଗ ନମ୍ବର ରଖି ଦଶମ ପରୀକ୍ଷାରେ କୃତ କାର୍ଯ୍ୟ ହେଲା । ବାପାଙ୍କ ସହ ଜିଦ୍ କରି କଟକର ରେଭେନ୍ସା କଲେଜରେ କଳା ବିଭାଗରେ ନାମ ଲେଖାଇଲା। ସେଠି ନାମ ଲେଖାଇବାର ମୂଳ ଲକ୍ଷ୍ୟ ଥିଲା କାହ୍ନା ।

ପ୍ରତ୍ୟେକ ଦିନ କାହ୍ନା ସହିତ ସାକ୍ଷାତ । କାହ୍ନାକୁ ଦେଖି ଭାଇ ଭାଇ ଡାକି କାହ୍ନା ସହିତ ପ୍ରଥମେ ପ୍ରଥମେ ଆଳାପ । ମୃଦୁ୍ୟ ମୃଦୁ୍ୟ ହସ । ଆଖିରେ ଆଖିରେ କଥା । ଟିକେ ଟିକେ ମିଠା ଲାଗିଲା । କଥାରେ କୁହାଯାଏ , ' ଇନ୍ଦ୍ରିୟାଣାଂ ବଳବତ୍ତର ମୁନୀନାଂ ଅପିକର୍ଷିତ ।' ସେ ଅବା ଏଥିରୁ କେମିତି ବାଦ୍ ପଡିଥାନ୍ତା । କେତେବେଳେ କେମିତି ପାର୍କ ବୁଲି ଯିବା , ମଲ୍‌କୁ ଯିବା , ସିନେମା ହଲକୁ ଯିବା ପାଇଁ ଆଭା ସବୁବେଳେ କାହ୍ନାକୁ କହେ । ଆଭା ମଧ ସବୁବେଳେ କାହ୍ନା ପଛରେ ବହୁତ ଅର୍ଥ ବିନିଯୋଗ କରେ । ଚଣ୍ଡୀ ମନ୍ଦିରରେ ସିନ୍ଦୂର ଆଦାନ ଥିଲା ସେମାନଙ୍କ ଜୀବନରେ ସବୁଠୁ ଚରମ ପଦକ୍ଷେପ । ଏସବୁ କିନ୍ତୁ ଚାଲିଥିଲା ଦୁଇ ପରିବାରର ଅଜ୍ଞାତରେ ।

କାହ୍ନୁର ସ୍ନାତକୋତ୍ତର ଶେଷ ବର୍ଷ ଆଉ ଆଭର ପ୍ରଥମ ବର୍ଷ । ରାଜ୍ୟ ମନ୍ତ୍ରିମଣ୍ଡଳର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ପୁଅ ସହିତ ଆଭାର ବିଭାଘର ପ୍ରସ୍ତାବ ଉଠିଲା । ଆଭାର ବାପା ଆଭାକୁ ଗାଡ଼ି ପଠାଇ ଡକେଇ ପଠାଇଲେ । ବିବାହ କଥା ଶୁଣି ଆଭା ସମ୍ପୂର୍ଣ୍ଣ ଅରାଜି ହେଲା ପରେ ପାଠ ପଢା ଶେଷ ହେଲେ ଏମିତି ବାଆଁରେଇ କେତେକଣ କଣ କହି ଆଭା ମନା କଲା । କିନ୍ତୁ ଜମିଦାର ସାହେବଙ୍କ ଏକା ଜିଦ୍ ଆଭକୁ ବିବାହ ସେଠାରେ ନିଶ୍ଚୟ ଦେବ। ଏମିତି ପ୍ରସ୍ତାବକୁ ହାତ ଛଡ଼ା କଲେ ପରେ ମିଳି ନପାରେ । ଆଭାର ବୋଉ ଆଭାକୁ ପ୍ରଲୋଭନ ଦେଖାଇ କେତେକଣ କହିଲା। ମନ୍ତ୍ରୀ ଘର। ଦିଲ୍ଲୀ , ମୁମ୍ବାଇ , ଚେନ୍ନାଇ ଚାରିଆଡ଼େ ବଙ୍ଗଳା। କୋଟି କୋଟି ଟଙ୍କାର ବ୍ୟାଙ୍କ ଜମା। ମାନ ସମ୍ମାନ କାହିଁରେ କଣ। କୋଟି କୋଟି ଟଙ୍କାର ବେପାର । ଆଭା ଚିନ୍ତା କରି ପାରୁ ନଥାଏ କାହାର ହେବ ? ସୁନା ଝୁଲଣାରେ ଝୁଲିବ ନା ଅନିଶ୍ଚିତ ଭବିଷ୍ୟତରେ ବଞ୍ଚି ରହିବ। ମନ ଓ ବିବେକ ଭିତରେ ଚାଲିଥିବା ଦ୍ୱନ୍ଦରେ ମନ ହିଁ ଜୟଲାଭ କଲା। ଶେଷରେ କାହ୍ନାର ଚଣ୍ଡିମନ୍ଦିର ସିନ୍ଦୂର ଓ ପ୍ରେମକୁ ତୁଚ୍ଛ କରି ହଁ ଭରିଲା ବିବାହ ପ୍ରସ୍ତାବରେ।

ବିବାହର କିଛିଦିନ ବେଶ୍ ମଉଜ ମଜଲିସ୍‌ରେ କଟିଲା। କିନ୍ତୁ ଆଭାକୁ ପତିଦେବଙ୍କ ଚଳଣି ଅଡୁଆ ଅଡୁଆ ଲାଗିଲା। ଆଭା ଜାଣି ପାରିଲା ତା ପତିଦେବ କେତେ ସତ କେତେ ଅସତ। ଚାରି ନିଶାରେ ମସଗୁଲ ଥିବା ପତି ଦେବ ଯେତେବେଳେ ରାତି ଅଧରେ ଘରକୁ ଫେରନ୍ତି ସେତେବେଳେ , ପତି ଦେବଙ୍କ ପାଟିରୁ ତ ଖାଲି ମଦ ଗନ୍ଧ ବାହାରୁ ନଥାଏ , ସେପଟୁ ମୋବାଇଲରେ କେହି ଜଣେ ସୁଲଳିତ କଣ୍ଠରେ ପଚରୁଥାଏ, 'ହାଏ ଡାର୍ଲିଂ , ଭଲରେ ପହଞ୍ଚିଲ ତ ? ଗୁଡ୍ ନାଇଟ୍ ।' ଆଭାର ପ୍ରତିବାଦ ବଦଳରେ ମିଳେ ଅକଥନୀୟ ଯନ୍ତ୍ରଣା । ପ୍ରଥମେ ପ୍ରଥମେ ଆଭା ପ୍ରତି ଗାଳି, ତା ପରେ ମାଡ଼ ଓ ତା ପରେ ଛାଡ଼ ପତ୍ର ପାଇଁ ପ୍ରକ୍ରିୟା ।

ଯେଉଁଦିନ ଆଭା ତାର ସମସ୍ତ ଆସବାବ ପତ୍ର ଧରି ବିବାହ ବିଚ୍ଛେଦ ପତ୍ର ଧରି ଘରକୁ ଫେରୁଥାଏ, ଆଖିରୁ ତାହାର ଧାର ଧାର ହୋଇ ଲୁହ ଗଡ଼ି ଯାଉଥାଏ । ତା ଆଖିରୁ ଲୁହ ପଡୁ ନଥାଏ ତା ପତିଦେବଠାରୁ ଅଲଗା ହୋଇଛି ବୋଲି, ଝରୁ ନଥାଏ କୋଟିପତି ଶ୍ୱଶୁର ଘର ଛାଡ଼ି ଚାଲି ଯାଉଛି ବୋଲି । ଆଖିରୁ ଲୁହ ଝରୁଥାଏ, କାହ୍ନା ପାଇଁ, ଆଉ ତା କୃତ କର୍ମ ପାଇଁ । ନିଜକୁ ନିଜେ ଧିକ୍କାର କରି କହୁଥାଏ ,'କାହିଁକି ? କଣ ପାଇଁ କାହ୍ନାପରି ଜଣେ ନିରୀହ ନିଷ୍ପାପ ମେଧାବୀ ଛାତ୍ରକୁ ନିଜ ପ୍ରେମ ଜାଲରେ ଫସାଇ ମୃତ୍ୟୁର କାରଣ ହେଲି । କାହିଁକି ତା କୁମାରୀ ମାତୃତ୍ୱ କଥା ପ୍ରଘଟ ନ ହେବ ତେଣୁ କାହ୍ନାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କରି କଟକରୁ ଡକାଇ ତାକୁ ମାୟାର କୁହୁଡିରେ ପଂହରାଇ, ମିଳିତ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ , କାହ୍ନାର ବିଷ ପାନ ପରେ ନିଜେ ନିଜର ବିଷ ପାତ୍ର ଥୋଇ ଦେଇ ଚାଲିଗଲି ।' ସେ ଆହୁରି ଚିନ୍ତା କରୁଥାଏ ? 'କାହ୍ନା ତ କେବେ ପାଦେ ପରେ ପାଦେ ଆଗେଇ ନଥିଲା । ସେ ହିଁ ନିଜେ ତାକୁ ପ୍ରବର୍ତ୍ତାଇ ତା ହାତରେ ଚଣ୍ଡୀ ମନ୍ଦିରର ସିନ୍ଦୂରକୁ ତା ମଥାରେ ପିନ୍ଧିଥିଲା ।'

ଏମିତି କେତେ କଣ ଭାବୁ ଭାବୁ ଗାଡ଼ି ଅତିକ୍ରମ କରିବାକୁ ଲାଗିଲା, ସେହି ନଦୀ ପଠାର ବରଗଛ , ଯେଉଁଠି ଜଳି ଉଠିଥିଲା କାହ୍ନା ସହ ପ୍ରେମର ପ୍ରଥମ ଦିପାଳୀ, ଆଉ ଯେଉଁଠି ନିର୍ବାପିତ ହୋଇଥିଲା ସେଇ ପ୍ରେମ ଦୀପ ଶିଖାଟି । ଡ୍ରାଇଭରକୁ ଇଙ୍ଗିତ କରି ଗାଡ଼ି ରଖି ଆଭା ଲୋତକ ପ୍ଳାବିତ ଆଖିରେ ଚାଲିଲା ସେଇ ବରଗଛ ଆଡ଼କୁ । ତା ଇଚ୍ଛା ହେଉଥାଏ ଭୋ ଭୋ ହୋଇ କାନ୍ଦିବାକୁ । ଆଉ କାନ୍ଦି କାନ୍ଦି କଣ୍ଠ ଫଟାଇ ଚିତ୍କାର କରି କହିବାକୁ ତାର ଅତୀତର ପାପର ଗାଥାକୁ , କଣ୍ଠ ଫଟାଇ ଚିତ୍କାର କରି ଡାକିବାକୁ ତାର ବିଗତ ଦିନର ପ୍ରେମିକ କାହ୍ନାକୁ ।

ସେଇ ବରଗଛ ମୂଳରେ ଆଖିରୁ ଲୁହ ଝରାଇ କାହ୍ନା ଉଦ୍ଦେଶ୍ୟରେ ଆଣ୍ଠୁମାଡ଼ି ବସିପଡ଼ି ମୁଣ୍ଡ ନୁଆଇଁ କହିଲା, 'କାହ୍ନା ମୁଁ ପାପିନୀ। ମୋ ପାପକୁ ମୁଁ ସ୍ୱୀକାର କରୁଛି। ନିଶ୍ଚୟ ତୁମକୁ ଶତ ପ୍ରଣିପାତ କରି କ୍ଷମା ଭିକ୍ଷା କଲେ ବି ମୋ ପାପର ପ୍ରାୟଶ୍ଚିତ ନାହିଁ ।

ସେମିତି ନତଜାନୁ ଓ ମଥାନତ କରି କାହିଁ କେତେ ସମୟ ରହିବା ପରେ ଯେତେବେଳେ ଗାଁ ଲୋକ ତାକୁ ଉଠାଇବାକୁ ଯାନ୍ତି, ସେତେବେଳେ ସେ ହୋଇ ଯାଇଥିଲା ନିର୍ବାକ , ନିସ୍ତେଜ୍ ଓ ମାଟିର ପ୍ରତିମୂର୍ତ୍ତି ଟିଏ । ଗାଁ ଲୋକ ମିଶ୍ରିତ ପ୍ରତିକ୍ରିୟା ରଖିବା ବେଳେ କିନ୍ତୁ କାହ୍ନାର ଆତ୍ମା କହୁଥାଏ , କଣ ଆଭା , ନା ତୁମେ ରାଧା ହୋଇ ମୋ କାୟା ସହ ଛାୟା ପରି ରହି ପାରିଲ ନ ମୀରା ହୋଇ ମୋ ସହିତ ହଳାହଳ ବିଷକୁ ଆକଣ୍ଠ ପାନ କରି ପାରିଲ। ଏ କଥା ସତ୍ୟ ଯେ 'ନଦୀ, ନାରୀ ଓ ନକ୍ଷତ୍ର ସବୁବେଳେ ଅବୋଧ।'

+ସହକାରୀ ଶିକ୍ଷକ,
ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ, କଣିହାଁ
ମୋ:୭୦୦୮୪୫୦୨୪୫

# ସ୍ମୃତି ଏକ ରୂପାଜନ୍ମ

**ପ୍ରଫୁଲ୍ଲ ବାରିକ**

ଆସିବାର ଚାରିଦିନ ହେଲାଣି। ଲାଗୁଚି ଯିମିତି କାଲି ଆସିଛି । ଘରେ କେବଳ ଖିଆ ଆଉ ସୁଆ । ବାକୀ ଦିନଗୋଟା ଗାଁ ବୁଲା । ଗୋଟା ଗାଁ ବୁଲୁଚି ଘର ଘର। ସୁପ୍ତ ସମ୍ପର୍କରେ ସିଞ୍ଚୁଛି ପାଣି । କରୁଛି ସତେଜ, ତାଜା । ଯା' ଘରକୁ ନଗଲେ ତା'ର ଆପସାମରା। ଶେଷକୁ ଗାଁ କ୍ଲବ, ଅଙ୍ଗନବାଡି, ମହିଳା ମଣ୍ଡଳି କିଛି ବାଦ ଦେଇନି। ଗାଁ'ତ ଆଉ ନାଇଁ ଗାଁ ହେଇ। ବାହ୍ୟ ପରିବର୍ତ୍ତନ ଯିମିତି ଅବିଶ୍ୱାସନୀୟ, ମାନସିକତାରେ ଗାଁ ଲୋକ ଆଉ ନାହାନ୍ତି ମଫ ହେଇ । କୋଡିଏ ବର୍ଷ ତଳେ ଛାଡି ଯାଇଥିବା ଗାଁ ଆଉ ନାଇଁ ଏଇନେ ପୂର୍ବ ପରି। ଗାଁ 'ର ହେଇଚି ନବ କଳେବର। ସମ୍ପୂର୍ଣ ବଦଳି ଯାଇଛି ଗାଁ । ବଦଳି ଯାଇଛି ଗାଁ ଜୀବନ।

ମାତ୍ର ବର୍ଷ କୋଡିଏଟା । କେତେକି ? ପ୍ରଥମେ ପ୍ରଥମେ ଦିଲ୍ଲୀ ରହଣିରେ ଆସୁଥିଲା ଗାଁ'କୁ। ନୂଆ ନୂଆ ବୈବାହିକ ଜୀବନରେ ବିଦେଶ କରା । ଭୁଲି ହଉ ନଥିଲା ଗାଁ'କୁ ଦିଲ୍ଲୀ ଆକର୍ଷଣ ସତ୍ୱେ । ସୁଧାଂଶୁଙ୍କୁ ରାଜି କରି ଆସେ ଅନ୍ୟୁନ ବର୍ଷକୁ ଥରେ । ଧୀରେ ଧୀରେ ଗୋଟେ ପଟେ ସମ୍ପର୍କ ଚେର ମାରିବା ବେଳକୁ, ଗାଁ 'ର ଆକର୍ଷଣ ଶିଥିଳ ହେଲା। ପରେ ପରେ ପିଲା ସଂସାର ନେଇ ବ୍ୟସ୍ତତା ଭିତରେ ଗାଁ ସ୍ମୃତିରେ ଜମିଗଲା ଧୂଳି ଅଳନ୍ଧୁ। ଆକର୍ଷଣ ହେଲା ଶିଥିଳ।

ଏହା ଭିତରେ ବିତିଗଲାଣି କୋଡିଏ ବର୍ଷ । ପିଲାମାନେ ବଡ଼ ହେଇ ହେଲେଣି ସ୍ୱାବଲମ୍ବି । ନିଜ ଡେଣାରେ ଉଡିଲେଣି ମାଆର ବିନା ସହାୟତାରେ । ତଥାପି ଆସି ପାରେନା । ଆସିବାକୁ ଇଛା ହୁଏନା । ଏଥର କଉ ଆସିଥାଆନ୍ତା କି ? ବୋଉର ଆନ୍ତର୍ଭେଦି ବାକ୍ୟ ନଶୁଣେ, ନ ଆସେ । କୋଉ ଝିଅ ରହିପାରିବ ମାଆ ମୁହଁରୁ ଇମିତି ଶୁଣି ? ଅବଶ୍ୟ ସ୍ୱାର୍ଥାନ୍ଧ ହେଇ ସିଏ ଅନାଦାର କରିଛି ବାପା ବୋଉଙ୍କୁ। ବୋଉର କାକୁତି ମିନତିକୁ ବାଁରେଇ ଯାଇଛି ପିଲାଙ୍କ ପଢା ଆଉ ସୁଧାଂସୁଙ୍କ ଛୁଟୀ ନମିଳିବା ଆଳ ଦେଖେଇ। ବୋଉ ଧରିନିଏ ତା କଥାକୁ ସତି ସତିକ। ଜୋର ଦିଏନା। ଏଥର କିନ୍ତୁ ଭାଙ୍ଗି ଗଲା ବୋଉ ଧୈର୍ଯ୍ୟ ବାଲିବନ୍ଧ । ଆଉ ରହି ନପାରି ଫୋନରେ କହିଲା - ଦେଖିଲୁଣି ଆମ ଅବସ୍ଥାକୁ ? ଆସିଲେତ ଦେଖିବୁ । ଏଇନେ ନଆସେ, ମଲା ପରେ ଆସିବୁ । ବୋଉ ଆଉ ଅଧିକ ଗପିଲା ନାଇଁ। ଫୋନ କାଟି ଦେଲା, ଜଦିଚ ଘଣ୍ଟାଏ ନଗପିଲେ ସିଏ ଛାଡ଼େନା ଫୋନ। ସିଏ ଚାହୁଁ ଥିଲା ଆଉ କିଛି ସମୟ ବୋଉ ସାଙ୍ଗେ ଗପିବାକୁ। ବୋଉ ମାନସିକତା ଜଳ ଜଳ ଦିଶିଲା ତାକୁ । ଇମିତି ବ୍ୟବହାର କେବେ ପାଇନି ବୋଉଠୁ । ସେଇଠୁ ସିଧା ଘର । ସାଧାଂସୁଙ୍କ ଦାୟିତ୍ୱରେ ଦେଇ ଆସିଛି ପିଲାଙ୍କୁ । କିଛି ଅସୁବିଧା ଅବଶ୍ୟ ହେବନି।

ଗାଁ ଦୌରା ସାରି ଅପରାହ୍ନ ଚାରିଟାକୁ ବାହାରିଲା ନଈ ଆଡ଼େ। ଘର ପାଖରୁ ନଈ, ରାସ୍ତା ବେଶୀରେ ବେଶୀ ଗୋଟେ କିଲୋମିଟର । ନଈ ସହ ଯୋଡ଼ା



ତା ପିଲାଦିନ । ଏବେ ସ୍ମୃତିର ଖିଅ ହେଇ ଝିଂକୁଚି ତାକୁ । କହୁଛି, ଭୁଲି ଗଲୁ ମୋତେ ? ଟିକେ ଆସିବୁ ନାଇଁ ମୋ ଆଡ଼େ ? ତୁ ନ ହେଲୁ ନାଇଁ, ମୁ' ତ ଖୁସି ହେବି ଦେଖି ତୋ ଏବେର ଜୀବନକୁ। ସିଏ ବାହାରିଛି ନଈ କୂଳକୁ । ବୁଲିବା ବାହାନା, ସ୍ମୃତିର ହେବ ରୋମନ୍ଥନ। ଚାଲିଯିବ ପଢା ବେଳର ସେଇ କିଶୋରୀ ଜୀବନକୁ। କେଡେ ମଧୁର, ଆନନ୍ଦର ଛବି ସବୁ ଭାସିବ ଆଖିରେ । ବୋଉ କହିଲା -ଯିବୁ ଯଦି, ମୁ ପିଲାଟିଏ ଯୋଗାଡ଼ କରୁଛି, ସାଙ୍ଗରେ ଯିବ । ଏକା ଯାଆନା ।

---ବୋଉ, ଯୋଉ ବୟସରେ ଏକା ନଯିବା କଥା, ସେତେବେଳେ ଏକା ଛାଡି ମୋତେ ଘରେ ରହିଲୁ। ଆଉ ଏବେ, ବୟସ ମୋର କେତେ ହେଲାଣି ଜାଣୁ ? ପିଲା ପଠଉଛୁ ମୋ ସହ ?

ବୋଉ ଆତ୍ମ ସନ୍ତୋଷର ହସ କଲେ ହସି କହିଲେ --ସେ ବେଳ ଆଉ ନାଇଁଲୋ । ପୋଲ ହବା ଦିନରୁ ଘାଟ ଯାଇଛି । ଯାଇଛି ଘାଟ ସହ ନାଆ ଆଉ ନାଉରୀ । ଲୋକ ଭିଡ଼ ଭାଙ୍ଗି ଜାଗାଟା ଗୋଟା ଶୁନଶାନ । ଖାଲି ସର ସାର ଗାଡି ମଟର । କେହି ଅଟକିବାର ନାହିଁ । ତୁ ଏକାଟା ଯାଇ ସେଠି କଣ କରିବୁ ? ଇମିତି ଆମକୁ ବି ଡର ଲାଗେ ଅପରିଚିତଙ୍କ ଆଗରେ ।

ବୋଉମାନେ ସବୁ ଏଇଆ । ହାତେ ମାପି ଚାଖଣ୍ଡେ କଣ, ଆଣ୍ଠୁଳିଏ ବି ଚାଲିବାକୁ ଡର । ଆଗ ପଛ, ଇତିହାସ ଭୂଗୋଳ ସବୁ ଖୋଜିବେ କିଛି ଟିକେ କରିବା ଆଗରୁ। ବୋଉ କଥାକୁ କାନ ନଦେଇ ସିଏ ଚାଲିଲା ଏକା ଏକା। ଏଥିପାଇଁ ଯେ ସ୍ମୃତି ତାର । ସେଥିରେ ଗୋଟାପଣି ହଜି ଯିବାରେ ଆଉ କେହି ଯିମିତି ବାଧକ ନହଉ। ଗଲାବେଳେ କହିଗଲା, ମୁ ଏକା ଯାଉଛି, ସନ୍ଧ୍ୟା ପୂର୍ବରୁ ଫେରି ଆସିବି। ତୁ ବ୍ୟସ୍ତ ହବୁନି।

ଆସି ବସିଲା ନଈ ଧାରରେ। ପୋଲ ପାଖରୁ ସାମାନ୍ୟ ଦୁରେଇ। ଅନେଇଲା। ପଶ୍ଚିମକୁ ଝୁଲି ପଡିଲେଣି ସୂର୍ଯ୍ୟ। ସୁନେଲି ଆଭାରେ ନଈ ପାଣି ରକ୍ତାଭ ହେଇ ଆସୁଛି । ଛୋଟ ଛୋଟ ଉର୍ମିମାଳା ମିଳେଇ ଯାଉଛନ୍ତି କୂଳରେ ପିଟି ହେଇ । ପାଣି ଛିଟିକାର କ୍ଷୁଦ୍ର ରେଣୁ ପଡୁଛି ଦେହରେ। ଲାଗୁଚି ଆବେଗରେ ଆଉଁସୁଛି ନଈ ତାକୁ। ତାକୁ କୁତୁ କୁତୁ ଲାଗୁଚି । ହାତ ବଢ଼େଇ ପାଣି ଚଳେ ଆଣି ମୁହଁ ଧୋଇଲା। ପାଟିରେ ଦେଇ ଫୁ କଲା ସୂର୍ଯ୍ୟଙ୍କ ଆଡ଼େ ଚାହିଁ, ଦେଖିବାକୁ ଇନ୍ଦ୍ରଧନୁ। ଯିମିତି ଦେଖେ କରି ଝିଅ ବେଳେ। ଅନେଇଲା ଗାଁ ଆଡ଼େ । ଚାଳ ଘର ବଦଳରେ କୋଠା ଘରମାନ ଫୁଟି ଦିଶୁଛନ୍ତି। ଛୋଟକାଟର ସହରଟିଏ ଯିମିତି। ବିଲରେ ତାର ଖୁଣ୍ଟିରେ କଜଳପାତି, ଟିକି ଚଢେଇ ବସିଛନ୍ତି ମାଳ ମାଳ ଧାଡି ବାନ୍ଧି। ଅନେଇଲା ଘାଟ ଆଡ଼େ। ନାଇଁ ଘାଟ। ନାଇଁ ଡଙ୍ଗା। ଅଛି ସେଇ ଅଶ୍ୱତଥ୍ ଗଛ ସାକ୍ଷି ହେଇ । ଛୋଟ ଥିଲା। ଏବେ ବଢ଼ି ହେଇଚି ଦାରୁଟିଏ। ଶାଖା ପ୍ରଶାଖାରେ ଆବୋରିଛି ମାଣେ ସରିକି ଜାଗା। ତାରି ମୂଳରେ ଥିଲା ଘାଟିଆ ନରି କାକାର ଦୋକାନ। ଦୋକାନରେ ବସନ୍ତି ଖୁଡ଼ି। ନରୀକାକା ତାଙ୍କ ପୁଅ ସନିଆଁ ମିଶି ସମାଳନ୍ତି ଡଙ୍ଗା । ସାରା ଦିନ କଟେ ଡଙ୍ଗାରେ। ଖୁଡି ସେଇଠି ଭାତ ଡ଼ାଲମା କରି ନିଅନ୍ତି । ସମସ୍ତେ ଖାଇ ପୁଣି ଡଙ୍ଗାକୁ ଉଠନ୍ତି ବାପ ପୁଅ । ଖୁଡି ନଈରେ ବାସନ ଧୋଇ ଦୋକାନ ସମାଳେ । ସୌଦା ବୋଲି ଭଙ୍ଗା ପାନ, ପାଞ୍ଚ ଟାଙ୍କିଆ ବିସ୍କୁଟ ପାକେଟ, ଆଉ ଆଠଣିକିଆ ଚକୋଲେଟ । କଳସୀରେ ଥିବ ଥଣ୍ଡା ପାଣି। ଯାତ୍ରୀ ଅପେକ୍ଷା ବେଳେ ପିଅନ୍ତି। ପାନ, ବିସ୍କୁଟ ବି କଟେ ବେଶ। ସନ୍ଧ୍ୟାକୁ ଡଙ୍ଗାକୁ କୂଳରେ ଖଟେଇ ଫେରନ୍ତି ତିନି ପ୍ରାଣୀ ।

ନଈ ସେପଟ ଗାଁ'ରେ ହାଇସ୍କୁଲ। ସିଏ ପଢୁଥିଲା ସେଇ ସ୍କୁଲରେ । କି ଖରା, କି ବର୍ଷା, ଦିନେ ବି ଆବସେଣ୍ଟ ନାଇଁ । ଦଶମ ବୋର୍ଡ ପୂର୍ବରୁ ଏକ୍ସଟ୍ରା କ୍ଲାସ ହୁଏ ଛୁଟୀ ପରେ। ଛଅକୁ ଛୁଟୀ ।

ତା ବଉଳ କେତକୀ ସହ ସେ ଫେରେ । ନରିକାକା ଅପେକ୍ଷା କରିଥାଏ । ଆସୁ ଆସୁ ଡଙ୍ଗା ଲଗେଇବେ । ଦିନେ ଦିନେ ମୁହଁ ସଞ୍ଜ ହବଣି,କାକା ବସି ଅନେଇଥିବେ ଯାତ୍ରୀ ବନ୍ଦ ହେବା ପରେବି । କହିବେ, ଏତେ ଡେରି କରୁଚ କିଆଁ ? ଆଉ ଟିକେ ସଅଳ ଆସିବାକୁ କହୁନା ସାରଙ୍କୁ ?

---ସାର ଛାଡିଲେ ତ ?

ସିଏ ଉତ୍ତର ଦିଏ । ନରି କାକା ମୋଟେ ରାଗେନି, ଯଦିଚ ତାଙ୍କୁ ଘଣ୍ଟାଏ କାଳ ଅପେକ୍ଷା କରିବାକୁ ପଡିଥାଏ ତମାମ ଦିନ ଥକାପଣକୁ ସାଥିରେ ଧରି । ଅନ୍ଧାରରେ ସେମାନେ ଘରମୁହାଁ ହୁଅନ୍ତି । ଦିନେ ଦିନେ ଡେରି ଦେଖି ବାପା ମାଡି ଆସନ୍ତି ଟର୍ଚ୍ଚ ହାତରେ । ନରିକାକା ବାରଣ କରେ ବାପାଙ୍କୁ, ମୁ 'ପା ଅଛି କାଇଁ ବ୍ୟସ୍ତ ହେଇ ଆସିଲୁ ? ମୋର କଣ ସିଏ ଝିଅ ନୁହେଁ ?

ବାପା ଖାଲି ହସି ଦିଅନ୍ତି ବିଶ୍ୱାସ ଓ ଆତ୍ମ ତୃପ୍ତିର ହସ । ନରିକାକାଙ୍କ ମନ ପୂରିଯାଏ ସେଇଥିରେ ।

ନରିକାକା ଆଉ ନାହାନ୍ତି । ଖୁଡି ବୁଢ଼ୀ ହେଲେଣି । ପୋଲ ହେବା ପରେ ବୁଡିଗଲା ବେଉସା। ଡଙ୍ଗା, ଘାଟ, ଦୋକାନ ସବୁ ଗଲା। ତାକୁଇ ଝୁରି ହେଇ ହେଇ କାକା ଧରା ଛାଡିଲେ । ପୁଅ ସନିଆଁ କାମ ଦାମ ନପାଇ ଗଲାଯେ ସୁରାଟ, ସେଇଠି କାମ, ସେଇଠି କୋଉ ଗୋଟେ ଝିଅକୁ ବାହା ହେଇ ରହିଛି, ଆଉ ଆସିନି ଗାଁକୁ । ପର ଘରେ ଖଟି ଖୁଡି ବଞ୍ଚିଛନ୍ତି । ପଛ କଥା ମନେ ପଡିଲେ ବାହୁନନ୍ତି ଏକା ଏକା ବସି।

ସବୁ ମନେ ପଡୁଛି । ଦିଶିବି ଯାଉଛି ଜଳ ଜଳ ଛବି ପରି । ବର୍ଷ କୋଡିଏଟାରେ କି ପରିବର୍ତ୍ତନ ! ବିଶ୍ୱାସ ହଉନି ଦେଖି। ଏକୁ ପ୍ରଗତି କହିବ, ନା ଦୁର୍ଗତି ? ପୋଲ ଉପରେ ଧାଉଁଛି ଗାଡି ମଟର । ଯଉ ନଈକୁ ପାରି ହବାକୁ ଲାଗୁ ଥିଲା ଘଣ୍ଟାଏ, ଏବେ ମିନିଟିଏରେ ନଈ ପାର । କେଡେ ସହଜ ଆଉ ଅୟସସାଧ୍ୟ ଜୀବନ ଆଜି । ଖାଲି ଏଇ କଥାରେ ନୁହେଁ, ଫି' କଥାରେ। କାଦୁଅ ହିଡରେ, ବର୍ଷାରେ ଛତା ଧରି ଯାଉ ଯାଉ ଗୋଡ଼ ଖସି ଯାଏ । କେତେଥର ପଡି ଓଦା ହେଇଚି । ଏବେ ନାଇଠୁ ଗାଁ କଂକ୍ରିଟ ରାସ୍ତା। ଗାଁ'ରୁ ରାସ୍ତା ସହରକୁ ।

ନଈରୁ ଶେଷଚଳା ପାଣି ଆଣି ମୁହଁ ଧୋଇଲା । ଦୀର୍ଘଶ୍ୱାସ ଛାଡି ମନେ ମନେ କହିଲା, ମୁ ଯାଉଛି । ଆଉ କେବେ ଆସିଲେ ଆସିବି ତୋ ପାଖକୁ ।

ସୂର୍ଯ୍ୟ ଲୁଚିଲେଣି ଚକ୍ରବାଳରେ । ବୋଉ ବ୍ୟସ୍ତ ହଉଥିବ ଭାବି ସେ ନଜର ଫେରେଇଲା ଗାଁ ଆଡ଼େ । ତା ପୂର୍ବରୁ ଆଉଥରେ ସବୁ ଆଡୁ ନଜର ବୁଲେଇ ଆଣିବାର ଲୋଭ ସମ୍ବରଣ କରି ପାରିଲା ନାଇଁ, ଏକା ଘାଟକୁ ଛାଡି । ସିଆଡେ ଅନେଇଲେ ଆଖିରେ ନାଚନ୍ତି ନରିକାକା,ଖୁଡି, ଡଙ୍ଗା ସହ ତାଙ୍କ ଦୁଃଖୀ ସଂସାର ।

+ଚନ୍ଦନବିନ୍ଧା, ଚାନ୍ଦବାଲି,
ଭଦ୍ରକ,
ମୋ: ୯୨୩୮୯୨୦୪୦୫

# ପୌର ନିର୍ବାଚନ ବିଜ୍ଞପ୍ତି ରଦ୍ଦ ଦାବିରେ ନିର୍ବାଚନ କମିସନଙ୍କୁ ଭେଟିଲା ବିଜେପି

ଭୁବନେଶ୍ୱର ,୬/୨ (ନି.ପ୍ର): ରାଜ୍ୟରେ ପୌର ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ କମିସନ ଗତ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବା ସହ ୱାର୍ଡସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତି ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା 'ରାଜ୍ୟ ମ୍ୟୁନିସିପାଲ କର୍ପୋରେସନ ଆଇନ-୨୦୦୩'କୁ ସଂପୂର୍ଣ୍ଣ ଉଲ୍ଲଂଘନ କରୁଛି। ତେଣୁ ସାଧାରଣ ଭୋଟରଙ୍କ ମୌଳିକ ଅଧିକାର ଓ ସ୍ୱାର୍ଥ ଦୃଷ୍ଟିରୁ ତରବରିଆ ଭାବେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନୂତନ ଭାବେ ବିଜ୍ଞପ୍ତି ଜାରି କରିବାକୁ ବିଜେପି ରାଜ୍ୟ ନିର୍ବାଚନ କମିସନଙ୍କ ନିକଟରେ ଦାବି କରିଛି।

ବିଜେପିର ଅଭିଯୋଗ ଯେ, ଏହି ବିଜ୍ଞପ୍ତି ଅନୁଯାୟୀ ତିନି ମହାନଗର ନିଗମରେ ପ୍ରାଥମିକ ଭୋଟର ତାଲିକା ଆସନ୍ତା ୧୦ ତାରିଖରେ ପ୍ରକାଶ ପାଇବ। କୌଣସି ଅଭିଯୋଗ ୧୧ ରୁ ୧୬ ତାରିଖ (୬ ଦିନ) ଭିତରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିହେବ। ଏହି ୬ ଦିନ ମଧ୍ୟରେ ସରକାରୀ ଛୁଟି ଦିବସ ଅଛି। ଅଭିଯୋଗ ଶୁଣାଣି ପାଇଁ ଅତି କମରେ ୧୦ ଦିନ ଦିଆଯିବାର ନିୟମ ଥିଲେ ସୁଦ୍ଧା ନିର୍ବାଚନ କମିସନ ୬ ଦିନ ସମୟ ଦେଇଛନ୍ତି। ସେହିପରି ନିର୍ବାଚନ କମିସନଙ୍କ ନିକଟରେ ଦାଖଲ ହୋଇଥିବା ଅଭିଯୋଗର ତଦନ୍ତ ଓ ଫଇସଲା ପାଇଁ ୩ ଦିନର ଅବଧି ଥିବାବେଳେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ମାତ୍ର ଗୋଟିଏ ଦିନ (୧୮/୦୨/୨୦୨୨) ସମୟ ରଖାଯାଇଛି । ରାଜ୍ୟର ଅନ୍ୟ ପୌରାଞ୍ଚଳ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ୫ ଦିନର ସମୟ ଅବଧି ଏବଂ ଦାବି ଓ ଆପତ୍ତିର ଶୁଣାଣି ପାଇଁ ୭ ଦିନର ସମୟ ଅବଧି ଥିବାବେଳେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ମାତ୍ର ଗୋଟିଏ ଦିନ ଧାର୍ଯ୍ୟ କରାଯାଇଛି। ଏହି ଅଳ୍ପ ସମୟରେ ଭୋଟର ତାଲିକାରେ ଥିବା ତ୍ରୁଟିକୁ ଅନୁଧ୍ୟାନ କରି ସଂଶୋଧନ ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବେଦନ କରିବା ଆଦୌ ସମ୍ଭବ ନୁହେଁ। ଧାର୍ଯ୍ୟ ଆଇନକୁ ଖିଲାପ କରି ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରିବା ପଛର କାରଣ କ'ଣ ? ନିର୍ବାଚନ କମିସନ ଏଭଳି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ପଛରେ ରହସ୍ୟ କଣ ? ଏହାଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ କି ବୋଲି ନିର୍ବାଚନ କମିସନଙ୍କୁ ଦଳର ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା, ଗଣମାଧ୍ୟମ ସହ ମୁଖ୍ୟ ସୁଜିତ କୁମାର ଦାସ ଏବଂ ସାମାଜିକ ସଂଗଠନ ରାଜ୍ୟ ସଂଯୋଜକ ରଶ୍ମୀରଂଜନ କାନୁନଗୋ ପ୍ରମୁଖ ସାମିଲ ଥିଲେ।




# ରାଜ୍ୟରେ ପୁଣି ୨୩ ଜଣ କରୋନା ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୬/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି। ରାଜ୍ୟରେ ୨୩ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୭୩୪କୁ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯ ଜଣଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷରେ ପୁରୀ ଜିଲ୍ଲାର ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଏଣେ କୋରାପୁଟ ଓ ନୟାଗଡ଼ ଜିଲ୍ଲାର ଦୁଇ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। ତେଣେ ଭଦ୍ରକ, ବଲାଙ୍ଗୀର, କଳାହାଣ୍ଡି, ଗଞ୍ଜାମ, କନ୍ଧମାଳ, ଜଗତସିଂହପୁର ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୧୦୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୨୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୮୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩୨୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୨୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୯୭ ଜଣ, ବାଲେଶ୍ୱରରୁ ୪୦ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୪୦ ଜଣ, ବଲାଙ୍ଗୀରରୁ ୬୫ ଜଣ, ବୌଦ୍ଧ ଜିଲ୍ଲାରୁ ୫୫, କଟକରୁ ୧୫୫ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ ୬୧ ଜଣ, ଗଜପତିରୁ ୬୪, ଗଞ୍ଜାମରୁ ୩୫ ଜଣ, ଜଗତସିଂହପୁରରୁ ୩୨ ଜଣ, ଯାଜପୁରରୁ ୫୩ ଜଣ, ଝାରସୁଗୁଡ଼ାରୁ ୫୬ ଜଣ, କଳାହାଣ୍ଡିରୁ ୩୬ ଜଣ, କନ୍ଧମାଳରୁ ୪୪ ଜଣ, କେନ୍ଦ୍ରାପଡ଼ାରୁ ୭୬ ଜଣ, କେଉଁଝରରୁ ୪୦ ଜଣ, ଖୋର୍ଦ୍ଧାରୁ ୪୨୯ ଜଣ, କୋରାପୁଟରୁ ୪୫ ଜଣ, ମାଲକାନଗିରିରୁ ୭ ଜଣ, ମୟୁରଭଞ୍ଜରୁ ୪୨ ଜଣ, ନବରଙ୍ଗପୁରରୁ ୪୩, ନୟାଗଡ଼ରୁ ୭୦ ଜଣ, ନୂଆପଡ଼ାରୁ ୩୮ ଜଣ, ପୁରୀରୁ ୩୪ ଜଣ, ରାୟଗଡ଼ାରୁ ୪୩ ଜଣ, ସମ୍ବଲପୁରରୁ ୫୬ ଜଣ, ସୋନପୁରରୁ ୩୭, ସୁନ୍ଦରଗଡ଼ରୁ ୨୧୯ ଜଣ ଓ ଷ୍ଟେଟ ପୁଲରୁ ୭୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୬୬,୮୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୩୪,୩୫୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୩,୬୭୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ତିନି ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଉଠାଇନେଲା ବେଙ୍ଗାଲୁରୁ ପୁଲିସ୍




ଭୁବନେଶ୍ୱର,୬/୨ (ନି.ପ୍ର): ଚାକିରି କରାଇଦେବାକୁ କହି ବେଙ୍ଗାଲୁରୁରେ ଠକାଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିଲେ ତିନି ଅଭିଯୁକ୍ତ। ଆଜି ସେମାନଙ୍କୁ ଗିରଫ କରିଛି ବେଙ୍ଗାଲୁରୁ ପୁଲିସ୍। ୨୦ ଲକ୍ଷ ଠକେଇ ଅଭିଯୋଗରେ ଭୁବନେଶ୍ୱରରୁ ୩ ଜଣଙ୍କୁ ଗିରଫ କରିଛି ବେଙ୍ଗାଲୁରୁ ପୁଲିସ୍। ଚନ୍ଦ୍ରଶେଖରପୁର ଥାନା ପୁଲିସ୍ ସହାୟତାରେ ବେଙ୍ଗାଲୁରୁ ପୁଲିସର ସ୍ୱତନ୍ତ୍ର ଟିମ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ଓଡ଼ିଆ ଥିବା ବେଳେ ଜଣେ ମହାରାଷ୍ଟ୍ର ପୁଣେ ଅଞ୍ଚଳର ବୋଲି ଜଣାପଡ଼ିଛି। ୨୦୧୮ ମସିହାରେ ହୋଇଥିଲା ଏହି ଠକେଇ। ସଫ୍ଟୱେର କମ୍ପାନୀରେ ଚାକିରି କରାଇ ଦେବାକୁ କହି ତିନି ଅଭିଯୁକ୍ତ ଛାତ୍ରଛାତ୍ରୀଙ୍କୁ ଠକୁଥିଲେ। ଏମାନେ ୨୦ ଲକ୍ଷରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ ବେଙ୍ଗାଲୁରୁ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରୁଥିଲା। ମାତ୍ର ଠକମାନେ ବାରମ୍ବାର ଠିକଣା ପରିବର୍ତ୍ତନ କରୁଥିବାରୁ ସେମାନଙ୍କୁ ପୁଲିସ ଗିରଫ କରିପାରୁନଥିଲା। ତେବେ ତିନି ଅଭିଯୁକ୍ତ ଭୁବନେଶ୍ୱରରେ ଥିବା ଜାଣିବାକୁ ପାଇଥିଲା ବାଙ୍ଗାଲୁରୁ ପୁଲିସ୍। ଏହା ପରେ କମିଶନରେଟ୍ ପୁଲିସ୍‌ର ସହାୟତା ନେଇଥିଲା। ଚନ୍ଦ୍ରଶେଖରପୁର ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ବେଙ୍ଗାଲୁରୁ ପୁଲିସକୁ ହସ୍ତାନ୍ତର କରିଛି। ବେଙ୍ଗାଲୁରୁ ପୁଲିସ ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି।

# ଓଡ଼ିଶାର କୋଭିଡ୍ ମୃତ୍ୟୁ ତଥ୍ୟକୁ ନେଇ ବିଭ୍ରାନ୍ତି : ବଞ୍ଚିଥିବା ଲୋକଙ୍କ ପାଖକୁ ଯାଉଛି କଲ୍

ଭୁବନେଶ୍ୱର,୬/୨ (ନି.ପ୍ର): ଓଡ଼ିଶାରେ କୋଭିଡଜନିତ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ଦେବା ଏବେ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କୋଭିଡ୍ ମୃତ୍ୟୁ ପାଇଁ କ୍ଷତିପୂରଣ ସଂକ୍ରାନ୍ତ ଦାବିକୁ ରାଜ୍ୟଗୁଡ଼ିକ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିବାବେଳେ ଓଡ଼ିଶାରେ କୋଭିଡଜନିତ ମୃତ୍ୟୁର ଶିକାର ହୋଇଥିବା ଲୋକଙ୍କୁ ଖୋଜିବାକୁ ପ୍ରଶାସନ ଏବେ ବଂଚିବା ଲୋକଙ୍କ ସମ୍ପର୍କୀୟଙ୍କୁ ବି ଫୋନ୍ କରି ମୃତ୍ୟୁକାଳୀନ ସହାୟତା ନେବାକୁ ପରାମର୍ଶ ଦେବାକୁ ପଛାଉ ନଥିବା ଜଣାପଡ଼ିଛି। କୋଭିଡ୍ ସଂକ୍ରମିତଙ୍କ ବାସ୍ତବ ତଥ୍ୟ ନରଖିବା କାରଣରୁ କୋଭିଡ୍ ମୃତ୍ୟୁର ଶିକାର ହୋଇଥିବା ପରିବାରକୁ ଖୋଜିବା ପରୋକ୍ଷରେ ରାଜ୍ୟ ସରକାରଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ପାଲଟିଥିବାବେଳେ ରାଜ୍ୟ ଆଇନସେବା ପ୍ରାଧିକରଣର ସହଯୋଗ ନେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଫେବୃୟାରୀ ୪ ତାରିଖ ସୁଦ୍ଧା ଓଡ଼ିଶା ସରକାରଙ୍କ କୋଭିଡ୍ ପୋର୍ଟାଲରେ କୋଭିଡଜନିତ ମୃତ୍ୟୁ ସଂଖ୍ୟା ୮୬୮୯ ଥିବାବେଳେ ରାଜ୍ୟ ସରକାର ଗତକାଲି ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ୧୦,୬୨୧ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କୋଭିଡ୍ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଏହାସହିତ ଆଉ ୩୦୧୭ଟି ଆବେଦନର ଆକଳନ କରାଯାଇ ସେଥିରୁ ୧୫୩୮ଟି ଆବେଦନକୁ ଅନୁମୋଦନ କରାଯାଇଥିବା ସୁପ୍ରିମକୋର୍ଟଙ୍କୁ ରାଜ୍ୟ ସରକାର ଜଣାଇଛନ୍ତି। ଅର୍ଥାତ୍ ଓଡ଼ିଶାରେ କୋଭିଡଜନିତ ମୃତ୍ୟୁ ସଂଖ୍ୟା ୧୩,୬୩୮ଜଣ ବୋଲି ସୁପ୍ରିମକୋର୍ଟଙ୍କ ପାଖରେ ସ୍ୱୀକାର କରିଥିବା ରାଜ୍ୟ ସରକାର ନିଜ କୋଭିଡ୍ ପୋର୍ଟାଲରେ ଏହି ସଂଖ୍ୟାକୁ ୮୬୮୯ଜଣ ବୋଲି ଦର୍ଶାଯାଇଛି। ତେବେ ମୃତ୍ୟୁ ସଂଖ୍ୟାରେ ଏଭଳି ଅସଙ୍ଗତି କାହିଁକି ହୋଇଛି ତାକୁ ନେଇ ରାଜ୍ୟ ସରକାର ଏପର୍ଯ୍ୟନ୍ତ ନିରବ ରହିଛନ୍ତି । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ଦ୍ୱାରା କୋଭିଡଜନିତ ମୃତ୍ୟୁ ଓ ସେମାନଙ୍କ ମେଡିକାଲ ସାର୍ଟିଫିକେଟ୍ ନିର୍ଦ୍ଧାରଣ କରାଯାଉଥିବାରୁ କରୋନାରେ ନିଜର ସମ୍ପର୍କୀୟଙ୍କୁ ହରାଇଥିବା ଆବେଦନକାରୀଙ୍କୁ ଏହି ଟେକନିକାଲ କାରଣରୁ



ଅନୁକମ୍ପାମୂଳକ ସହାୟତାରୁ ବଂଚିତ ହେବାକୁ ପଡ଼ିଛି। ଯାହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପୋଷଣ କରି ଟେକନିକାଲ କାରଣରୁ କୌଣସି ଆବେଦନକୁ ରାଜ୍ୟ ସରକାର ଖାରଜ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ତେବେ ଏବେ ପ୍ରଶ୍ନ ଉଠୁଛି, ରାଜ୍ୟ ସରକାର ଗୋଟିଏପଟେ ମୃତ୍ୟୁର ଭିନ୍ନ ଭିନ୍ନ ତଥ୍ୟ ଦେଉଥିବାବେଳେ ଅନ୍ୟପଟେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇବାକୁ କାହିଁକି ଉଦ୍ୟମ କରୁଛନ୍ତି । ଭୁବନେଶ୍ୱରରେ ରହୁଥିବା ଶାଶ୍ୱତ ଦେବଦତ୍ତ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ବିଏମସି କାର୍ଯ୍ୟାଳୟର କର୍ମଚାରୀ ଓ କଳାରାହାଙ୍ଗ ରାଜସ୍ୱ ନିରୀକ୍ଷକ ଫୋନ୍ କରି ତାଙ୍କ ମା'ଙ୍କ ମୃତ୍ୟୁ କୋଭିଡରେ ହୋଇଥିବାରୁ ସେଥିପାଇଁ ଅନୁକମ୍ପାମୂଳକ ସହାୟତା ୫୦ହଜାର ଟଙ୍କା ଆସିଛି ସେବାବଦରେ ଆବଶ୍ୟକ ପ୍ରକ୍ରିୟା କରିବାକୁ କହିଥିଲେ । କିନ୍ତୁ ତାଙ୍କ ମା' ସମ୍ପୂର୍ଣ୍ଣ ସୁସ୍ଥ ଥିବା ଓ କେବେ କୋଭିଡ୍ ସଂକ୍ରମିତ ହୋଇନଥିବା ସତ୍ତ୍ୱେ ପ୍ରଶାସନ କିଭଳି ତାଙ୍କ ମା'ଙ୍କୁ କୋଭିଡ ମୃତ୍ୟୁ ତାଲିକାରେ ସାମିଲ କରିଛି ବୋଲି ଶ୍ରୀ ଦେବଦତ୍ତ ଅଭିଯୋଗ କରିଛନ୍ତି ।

ତେଣୁ ରାଜ୍ୟ ସରକାର ଯଦି ପ୍ରଥମରୁ କୋଭିଡ୍ ମୃତ୍ୟୁକୁ ଲୁଚାଇବା ପରିବର୍ତ୍ତେ ସାର୍ବଜନୀନ କରି ତା'ର ହିସାବ ରଖିଥାନ୍ତେ ତା'ହେଲେ ହୁଏତ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା କି ଜୀବିତ ବ୍ୟକ୍ତିଙ୍କ ପାଖକୁ ମୃତ୍ୟୁକାଳୀନ ଅନୁକମ୍ପାମୂଳକ ସହାୟତା ନେବାକୁ କଲ୍ କରିବାକୁ ପଡୁନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# କଂଗ୍ରେସର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର ,୬/୨ (ନି.ପ୍ର): ରାଜ୍ୟର ସମସ୍ତ ବୁଥ ସ୍ତରରେ ଜଣେ ଲେଖାଏ ପୁରୁଷ ଓ ମହିଳା ସଭ୍ୟ ସଂଗ୍ରହକାରୀ ନିଯୁକ୍ତି କରିବ କଂଗ୍ରେସ। ବୁଥସ୍ତରରୁ ସଭ୍ୟ ସଂଗ୍ରହ କରାଯାଇ ସଂଗଠନକୁ ମଜବୁତ କରାଯିବ। ଏହି ପ୍ରକ୍ରିୟାରେ ସଭ୍ୟ ସଂଗ୍ରହକାରୀମାନେ ପ୍ରତି ବୁଥରେ ଶତାଧିକ ସଭ୍ୟ ସଂଗ୍ରହ କରିବେ ବୋଲି ସୂଚନା ଦେଇଛନ୍ତି ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ। ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବାବୁ କହିଲେ, କଂଗ୍ରେସର ଆଭ୍ୟନ୍ତରୀଣ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କେନ୍ଦ୍ରୀୟ ନିର୍ବାଚନ କମିଟିର ଅଧ୍ୟକ୍ଷଭାବେ ପୂର୍ବତନ ସାଂସଦ ମଧୁସୂଦନ ମିସ୍ତ୍ରିଙ୍କୁ ଦଳ ପକ୍ଷରୁ ନିଯୁକ୍ତ କରାଯାଇଛି। ସାଂସଦ ନିରଜ ଡାଙ୍ଗୀ ଓଡ଼ିଶା ପ୍ରଦେଶର ପ୍ରଦେଶ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଶ୍ରୀ ଡାଙ୍ଗୀ ପିସିସି ସଭାପତିଙ୍କ ସହ ଆଲୋଚନା କରିବେ ଓ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ବ୍ଲକ୍ ପାଇଁ ରିଟର୍ଣ୍ଣିଂ ଅଫିସର ଓ ଜିଲ୍ଲା ପାଇଁ ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରାଯିବ। ସଭ୍ୟ ସଂଗ୍ରହ ଅଭିଯାନରେ ଡିଜିଟାଲ ମାଧ୍ୟମକୁ ଉପଯୋଗ କରିବା ଲାଗି ଦଳ ନିଷ୍ପତ୍ତି ନେଇଥିଲା। ମାତ୍ର ରାଜ୍ୟବ୍ୟାପୀ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନାହିଁ। ତେଣୁ ଉଭୟ ଡିଜିଟାଲ ଓ ଅଫ୍‌ଲାଇନ୍ ବ୍ୟବସ୍ଥା ମାମଧ୍ୟରେ ସଭ୍ୟ ସଂଗ୍ରହ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ବିଜେଡି ଓ କେନ୍ଦ୍ରର ବିଜେପି ସରକାର ବିରୋଧରେ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଜନସାଧାରଣ ଉଭୟଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ଦଳକୁ ସମର୍ଥନ କରିବେ ଓ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ଶ୍ରୀ ବାବୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଉପସ୍ଥିତ ଥିଲେ।

## ଏମ୍‌ସିଏଲ୍ ଜମିହରାଙ୍କୁ କ୍ଷତିପୂରଣରେ ଜାଲିଆତି ଘଟଣା

# ୩ ଅଭିଯୁକ୍ତଙ୍କ ବିରୋଧରେ ଆଉ ଅଢ଼େଇ କୋଟି ଠକେଇ ଉଦ୍ୟମ ଅଭିଯୋଗ

ଭୁବନେଶ୍ୱର : ମହାନଦୀ କୋଲ୍ ଫିଲ୍‌ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଜମିହରାଙ୍କ କ୍ଷତିପୂରଣ ରାଶି ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ଆଜି ଆଉ ଅଢ଼େଇ କୋଟି ଟଙ୍କା ଠକେଇ ଉଦ୍ୟମ ଅଭିଯୋଗ ଯୋଡ଼ି ହୋଇଯାଇଛି। ଏହି ଅଭିଯୁକ୍ତମାନେ ସୁନ୍ଦରଗଡ଼ ଜିଲ୍ଲାର ସାବିତ୍ରୀ ମାଝିଙ୍କ ନାଁରେ କ୍ଲେମିଂ କମିସନଙ୍କ କାର୍ଯ୍ୟାଳୟରେ ପାଖାପାଖି ଅଢ଼େଇ କୋଟି ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ସାବିତ୍ରୀ ୨୦୧୯ ମସିହାରେ କ୍ଲେମିଂ କମିସନରେ କେସ୍ ଫାଇଲ୍ କରିଥିବା ଅଭିଯୁକ୍ତମାନେ ଜାଣିବା ପରେ ତାଙ୍କ ପାଖରେ ପହଞ୍ଚିଥିଲେ। କ୍ଷତିପୂରଣ ବାବଦକୁ ତାଙ୍କୁ ଅଢ଼େଇ କୋଟି ଟଙ୍କା ମିଳିଯିବ ବୋଲି କହିଥିଲେ। ଏଥିପାଇଁ ତାଙ୍କଠାରୁ ୩୦ ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ। ପରେ ଚଞ୍ଚକତା କରି ଏକ ଜାଲ୍ ଅର୍ଡର ପ୍ରସ୍ତୁତ କରି ଏଡିମଏଙ୍କ ନିକଟକୁ ପଠାଇଥିଲେ। ହେଲେ ଅର୍ଡର ଜାଲ୍ ଥିବା ଜଣାପଡ଼ିବା ପରେ ଏଡିଏମ୍ କ୍ଷତିପୂରଣ ବାବଦକୁ ଟଙ୍କା ନଦେଇ ତଦନ୍ତ କରାଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ଜାଲିଆତି ପଦାକୁ ଆସିଥିଲା।

ସୂଚନାଯୋଗ୍ୟ, କୋଇଲା ଖଣି ପାଇଁ ଏମ୍‌ସିଏଲ ସୁନ୍ଦରଗଡ଼ ଜିଲ୍ଲାର କେତେକ ଗାଁରେ ଜମି ଅଧିଗ୍ରହଣ କରିଥିଲା। ଜମି ହରାଇଥିବା ପରିବାରମାନଙ୍କୁ କ୍ଷତିପୂରଣ ରାଶି ଦେବାର ବ୍ୟବସ୍ଥା କରାଯାଇଥିଲା। ଏଥିରେ କୋଟି କୋଟି ଟଙ୍କାର କାରବାର ହେବାର ଥିବାରୁ କ୍ଲେମ୍ କମିସନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ କର୍ମଚାରୀ ସ୍ୱାଗତ ପ୍ରକାଶ ବରାଳ(୩୫), ଦୁଷ୍ମନ୍ତ ପଟେଲ(୪୩) ଏବଂ ଏମସିଏଲ୍ କର୍ମଚାରୀ ତ୍ରିଲୋଚନ ଦଣ୍ଡସେନା(୩୩) ମିଳିମିଶି ଠକେଇ ପାଇଁ ଯୋଜନା କରିଥିଲେ। ସେମାନଙ୍କ ଜାଲିଆତି ପଦାକୁ ଆସିବା ପରେ ଗତକାଲି ଖାରବେଳନଗର ଥାନା ପୁଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନେ ଚଞ୍ଚକତା କରି ହେମଗିରି ଥାନା ଗର୍ଜନବାହାଲ ଅଞ୍ଚଳର ହିତାଧିକାରୀ ମାଙ୍ଗାସିରା ଧୁରୁଆ ଓ ସମ୍ପର୍କୀୟଙ୍କୁ ମିଳିବାକୁ ଥିବା ପାଖାପାଖି ୧ କୋଟି ୧୬ ଲକ୍ଷ ଟଙ୍କାରୁ କମିସନ୍ ଭାବେ ୩୦ ଲକ୍ଷ ଟଙ୍କା ନେଇ ଯାଇଥିଲେ। ତେବେ ଅଭିଯୁକ୍ତମାନେ ଜମି ହରାଇଥିବା ଆଉ କିଛି ବ୍ୟକ୍ତିଙ୍କ ନାମରେ ଏଭଳି ଜାଲିଆତି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସେହିପରି ଏହି ଠକେଇ ରାକେଟ୍‌ରେ ମଧ୍ୟ ଅନ୍ୟମାନଙ୍କ ସମ୍ପୃକ୍ତି ଥାଇପାରେ। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ଆବଶ୍ୟକ ପଡ଼ିଲେ, ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି।

# ଏମବିବିଏସ୍ ଓ ବିଡିଏସ୍ ନାମଲେଖା : ପ୍ରଥମ ପର୍ଯ୍ୟାୟରେ ୧୪୬୬ ସିଟ୍ ଆଲଟ

ଭୁବନେଶ୍ୱର ,୬/୨ (ନି.ପ୍ର): ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ଲାଗି ଶନିବାର ଦିନ ପ୍ରଥମ ପର୍ଯ୍ୟାୟ ଅଲଟ୍‌ମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ପର୍ଯ୍ୟାୟରେ ୧୪୬୬ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମେଡିକାଲ କଲେଜରେ ନାମଲେଖାଇବା ପାଇଁ ସିଟ୍ ଦିଆଯାଇଛି। ଫେବ୍ରୁଆରି ୭ରୁ ୧୨ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ଯୋଗ୍ୟ ପ୍ରାର୍ଥୀମାନେ ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ ସେଲ୍‌ରେ ରିପୋର୍ଟିଂ କରିପାରିବେ କିମ୍ବା ଉକ୍ତ ଦିନ ରାତି ୮ଟା ସୁଦ୍ଧା ନାମଲେଖା ପ୍ରକ୍ରିୟାରୁ ଓହରିପାରିବେ। ପ୍ରଥମ ପର୍ଯ୍ୟାୟ କାଉନସେଲିଂ ପରେ ଖାଲି ଥିବା ସିଟ୍ ସମ୍ପର୍କରେ ୧୪ ତାରିଖରେ ଓଜେଇଇ ୱେବସାଇଟ୍‌ରେ ଉଲ୍ଲେଖ ହେବ। ୧୫ ଓ ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଓ ଅନ୍‌ଲାଇନ୍ ଆବେଦନ ଏବଂ ଅନ୍‌ଲାଇନ୍ ଯାଞ୍ଚ ଲାଗି ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିପାରିବେ। ଚଳିତ ବର୍ଷ ମୋଟ ୧୪୬୬ ସିଟ୍ ପାଇଁ ନାମଲେଖା ହେଉଛି। ସେଥିମଧ୍ୟରୁ ଏମ୍‌ବିବିଏସ୍‌ରେ ୧୩୧୨ ଓ ବିଡିଏସ୍‌ରେ ୧୫୪ ସିଟ୍ ରହିଛି। ୪୭୬୬ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ଉକ୍ତ ସଂଖ୍ୟକ ପିଲା ରାଜ୍ୟ ମେଧା ତାଲିକାରେ ସ୍ଥାନ ପାଇଥିଲେ।

# ପୁଣି ସଂକ୍ରମଣ ତଳମୁହାଁ : ଗତ ୨୪ ଘଣ୍ଟା ମଧ୍ୟରେ ୨,୧୦୬ କରୋନା ପଜିଟିଭ ଚିହ୍ନଟ, ୩୨୪ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୬/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୧୦୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୨୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୮୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩୨୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୨୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୯୭ ଜଣ, ବାଲେଶ୍ୱରରୁ ୪୦ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୪୦ ଜଣ, ବଲାଙ୍ଗୀରରୁ ୬୫ ଜଣ, ବୌଦ୍ଧ ଜିଲ୍ଲାରୁ ୫୫, କଟକରୁ ୧୫୫ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ ୬୧ ଜଣ, ଗଜପତିରୁ ୬୪, ଗଞ୍ଜାମରୁ ୩୫ ଜଣ, ଜଗତସିଂହପୁରରୁ ୩୨ ଜଣ, ଯାଜପୁରରୁ ୫୩ ଜଣ, ଝାରସୁଗୁଡ଼ାରୁ ୫୬ ଜଣ, କଳାହାଣ୍ଡିରୁ ୩୬ ଜଣ, କନ୍ଧମାଳରୁ ୪୪ ଜଣ, କେନ୍ଦ୍ରାପଡ଼ାରୁ ୭୬ ଜଣ, କେଉଁଝରରୁ ୪୦ ଜଣ, ଖୋର୍ଦ୍ଧାରୁ ୪୨୯ ଜଣ, କୋରାପୁଟରୁ ୪୫ ଜଣ, ମାଲକାନଗିରିରୁ ୭ ଜଣ, ମୟୁରଭଞ୍ଜରୁ ୪୨ ଜଣ, ନବରଙ୍ଗପୁରରୁ ୪୩, ନୟାଗଡ଼ରୁ ୭୦ ଜଣ, ନୂଆପଡ଼ାରୁ ୩୮ ଜଣ, ପୁରୀରୁ ୩୪ ଜଣ, ରାୟଗଡ଼ାରୁ ୪୩ ଜଣ, ସମ୍ବଲପୁରରୁ ୫୬ ଜଣ, ସୋନପୁରରୁ ୩୭, ସୁନ୍ଦରଗଡ଼ରୁ ୨୧୯ ଜଣ ଓ ଷ୍ଟେଟ ପୁଲରୁ ୭୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୬୬,୮୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୩୪,୩୫୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୩,୬୭୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସୂଚନାଯୋଗ୍ୟ, ଗତକାଲି ୨୬୦୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଫେବ୍ରୁଆରି ୪ ତାରିଖରେ ୨,୬୯୭ ଫେବ୍ରୁଆରି ୩ରେ ୩୬୨୯, ଫେବ୍ରୁଆରି ୨ ତାରିଖରେ ୩୪୫୦ ଫେବ୍ରୁଆରି ୧ ତାରିଖରେ ୩୦୮୬, ଜାନୁଆରି ୩୧ରେ ୩୩୨୯, ଜାନୁଆରି ୩୦ରେ ୪,୮୪୩, ଜାନୁଆରି ୨୯ରେ ୪୮୪୨, ଜାନୁଆରି ୨୮ରେ ୫୦୫୭, ଜାନୁଆରି ୨୭ରେ ୫୯୦୧, ଜାନୁଆରି ୨୬ରେ ୭୪୨୬ ଜଣ, ୨୫ରେ ୫,୮୯୧, ଜାନୁଆରି ୨୪ରେ ୭୯୨୧, ଜାନୁଆରି ୨୩ ତାରିଖରେ ୮,୫୨୦ ଜାନୁଆରି ୨୨ରେ ୮,୮୪୫ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।



# ଅବହେଳିତ ଶିକ୍ଷାବ୍ୟବସ୍ଥା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଆଜିକାଲି ସଂଚାର ଟେକନିକ ପର୍ଯ୍ୟବେକ୍ଷଣ କ୍ଷେତ୍ରକୁ ସୁଧାରି ଦେଇଛି । ଏବେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ପୂର୍ବରୁ ଯାହା ଜାଣିବା ସମ୍ଭବ ନଥିଲା। ଏପରିକି ସୁଧାରିବା କଠିନ ଥିଲା ତାହା ଏବେ ଅଧିକ ସହଜ ହୋଇଯାଇଛି । କିନ୍ତୁ ଏହା ସତ୍ତ୍ୱେ ସ୍କୁଲକୁ ଠିକ୍ ଭାବରେ ଚଳାଇବା ଅଧିକାରୀମାନଙ୍କର କର୍ତ୍ତବ୍ୟନିଷ୍ଠା, ସାଧୁତା ଏବଂ ସମର୍ପଣ ଭାବରେ ନିର୍ଭର କରିଥାଏ । ଅନ୍ୟପକ୍ଷରେ ଜନପ୍ରତିନିଧିମାନେ ଯଦି ନିଜ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ଦିଗରେ ପଦକ୍ଷେପ ନିଅନ୍ତେ ତେବେ ଶିକ୍ଷା ବ୍ୟବସ୍ଥା ମଧ୍ୟ ସୁଧୁରି ଯାଇପାରନ୍ତା । ସବୁ ସ୍ତରରେ ଶିକ୍ଷକଙ୍କ ଅଭାବ ପୁରା ପିଢ଼ିକୁ ପ୍ରଭାବିତ କରୁଛି । କିନ୍ତୁ ସବୁଠାରୁ ଅଧିକ ଭାବେ ପ୍ରଭାବିତ ହେଉଛନ୍ତି ଗାନ୍ଧୀଙ୍କ ଦ୍ୱାରା ଇଙ୍ଗିତ 'ଅନ୍ତିମ ପଂକ୍ତି'ରେ ଥିବା ପରିବାର ଏବଂ ସେମାନଙ୍କ ପିଲାମାନେ । ଦେଶର ଶିକ୍ଷା ବ୍ୟବସ୍ଥା ପ୍ରସଙ୍ଗରେ ଅଧିକ ତର୍ଜମା ହେବାର ଆବଶ୍ୟକତା ରହିଛି ।

ଶିକ୍ଷା ବ୍ୟବସ୍ଥାକୁ ନସୁଧାରିଲେ ସାମାଜିକ ସୁଧାର ମଧ୍ୟ ବିଳମ୍ବିତ ହୋଇଥାଏ ଏବଂ ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନାର ଉଲ୍ଲଂଘନ ହୋଇଥାଏ । ଭାରତର ପୁନଃନିର୍ମାଣର ସ୍ୱପ୍ନ ଦେଖିଥିବା ମନିଷୀମାନଙ୍କ ସ୍ୱପ୍ନ ଥିଲା ଯେ ଶିକ୍ଷାର ପ୍ରକାଶରେ ଭାରତରେ ସୁନେଲି ସକାଳ (ସୂର୍ଯ୍ୟୋଦୟ) ଅଣାଯାଇପାରିବ ଏବଂ ଏଥିପାଇଁ ସବୁ ଭାରତବାସୀଙ୍କୁ ସମୁଚିତ ଅବସର ପ୍ରଦାନ କରିବାର କୌଣସି ଅନ୍ୟ ବିକଳ୍ପ ନାହିଁ । ଏହାର ଜ୍ୱଳନ୍ତ ପ୍ରମାଣ ସମ୍ବିଧାନରେ ନିହିତ ଏହି ପ୍ରାବଧାନ ଯେଉଁଥିରେ ରାଜ୍ୟ ଅର୍ଥାତ ସରକାରଙ୍କ ପକ୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତର ସମସ୍ତ ପିଲାଙ୍କୁ ମାଗଣା ଏବଂ ଅନିର୍ବାର୍ଯ୍ୟ ଶିକ୍ଷାର ବ୍ୟବସ୍ଥା କରିବା ଏହା ସରକାରଙ୍କର ଉତ୍ତର ଦାୟିତ୍ୱ ହେବ ନିଶ୍ଚୟ । କିନ୍ତୁ ସରକାରୀ ସ୍କୁଲମାନଙ୍କରେ ପିଲାଙ୍କୁ ପଢ଼ାଇବା ପାଇଁ ଅଭିଭାବକମାନଙ୍କର ଆଗ୍ରହ କମିବା କାରଣରୁ ଘରୋଇ ଶିକ୍ଷାନୁଷ୍ଠାନ ଅଧିକ ଭାବରେ ଗଢ଼ିଉଠୁଛି । ଏହି ଘରୋଇ ଶିକ୍ଷାନୁଷ୍ଠାନମାନେ ଶିକ୍ଷା ପ୍ରଦାନ ନାମରେ ଅଧିକ ଅର୍ଥ ମଧ୍ୟ ଆଦାୟ କରୁଛନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ଏବେ ଦେଶରେ ଶିକ୍ଷାର ବ୍ୟବସାୟୀକରଣ ବଢ଼ିଚାଲିଛି ଓ ସରକାର ମଧ୍ୟ ଏହାକୁ ଅଧିକ ଭାବରେ ପ୍ରୋତ୍ସାହିତ କରୁଛନ୍ତି। ଏହା ଫଳରେ ଅନେକ ଗରୀବ ମେଧାବୀ ପିଲା ମଧ୍ୟ ଉତ୍ତମ ଶିକ୍ଷାପ୍ରାପ୍ତି କାରଣରୁ ବଞ୍ଚିତ ହେଉଛନ୍ତି । ଏହା ସମ୍ବିଧାନ ପ୍ରଦତ୍ତ ସମସ୍ତଙ୍କୁ ସମାନତା, ଶିକ୍ଷାଦାନ ଆଶ୍ୱାସନାର ଉଲ୍ଲଂଘନ ନୁହେଁ କି ? ଏ ଦିଗରେ ସରକାର ମଧ୍ୟ ବିଚାର କରିବା ଉଚିତ ।

ରାମଚନ୍ଦ୍ରପୁର, ରଣପୁର, ମୋ-୯୪୩୮୪୮୫୦୯୪

# ଏବେ ନିଶାମୁକ୍ତ ଗାଁର ପରିକଳ୍ପନା ଦିବାସ୍ୱପ୍ନ : କବୟିତ୍ରୀ ନମିତା

ଉଦଳା, ୦୬/୦୨ (ନି.ପ୍ର): ବର୍ତ୍ତମାନ ଚାଲିଛି ପଞ୍ଚାୟତ ନିର୍ବାଚନ। ଆଉ ଏତିକିବେଳେ ଉକ୍ତ ନିର୍ବାଚନର ଅବସ୍ଥାକୁ ଲକ୍ଷକରି କବୟିତ୍ରୀ ନମିତା କହିଛନ୍ତି ଏବେ ନିଶାମୁକ୍ତ ଗାଁର ପରିକଳ୍ପନା ଦିବାସ୍ୱପ୍ନ। ସେ ଆହୁରି କହିଛନ୍ତି ମୁଁ ଓଡ଼ିଶାର ଅନ୍ୟ ଅଞ୍ଚଳର କଥା କହୁନାହିଁ, ମୁଁ ମୋର ଜନ୍ମସ୍ଥାନ ମୟୂରଭଞ୍ଜର କଥା କହୁଛି । ନିର୍ବାଚନ ଘୋଷଣା ହେବା ପରେ ଅନେକ ଗୁଡ଼ିଏ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାର ଦେଖି ମୁଁ ବହୁତ ଖୁସିହେବା ସହିତ, ଏବେ ନିଶାମୁକ୍ତ ଗାଁର ପରିକଳ୍ପନା ନିଶ୍ଚିତ ରୁପେ ସାକାର ରୂପ ନେବ ବୋଲି ମନେ ମନେ ଭାବିଥିଲି । କାରଣ ମହିଳା ମାନେ ଗାଁର କଣ ଉନ୍ନତି କରନ୍ତୁ ବା ନକରନ୍ତୁ ଗାଁକୁ ଏକ ନିଶାମୁକ୍ତ ଗାଁ ଭାବରେ ନିଶ୍ଚିତ ରୂପେ ଗଢ଼ି ତୋଳିବେ। କିନ୍ତୁ ଏବେ ଗାଁ ଗୁଡ଼ିକରେ ଚାଲିଥିବା



ନିର୍ବାଚନର ଦୃଶ୍ୟ ଯାହା ଆଖିରେ ଦେଖିଲି ସେଥିରୁ ମୋର ବେଶ ଭଲଭାବରେ ହୃଦବୋଧ ହେଲା ଯେ ନିଶାମୁକ୍ତ ଗାଁର ପରିକଳ୍ପନା ଏବେ ଦିବା ସ୍ୱପ୍ନ। ମୋତେ କେହି ଭୁଲ ବୁଝିବେ ନାହିଁ, ଏହାର ମୋର ଅନୁଭବ ମୁଁ ବ୍ୟକ୍ତ କଲି ବୋଲି କବୟିତ୍ରୀ ନମିତା ଗଣ ମାଧ୍ୟମକୁ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୋଦୀ ଓ ନବୀନଙ୍କ ବ୍ୟକ୍ତିତ୍ୱ ....

କରିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଧନ୍ୟବାଦ ଜ୍ଞାପନ କରିଛନ୍ତି । ରାଜ୍ୟରେ ଟେଲିକମ ସେକ୍ଟରକୁ ସୁଦୃଢ କରିବା ପରିପ୍ରେକ୍ଷୀରେ ଏବଂ ଯେପରି ଗୋଟିଏ ବି ଗାଁ ଇଂଟରନେଟ ସେବା ପାଇବାରୁ ବଂଚିତ ନହୁଏ ସେଥି ସକାଶେ ନୂଆ ଟାୱାର ସ୍ଥାପନ ପାଇଁ ୩୯୩୩ଟି ସ୍ଥାନ ଚିହ୍ନଟ କରାଯାଇଛି । ୟୁପିଏ ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତି କାରଣରୁ ବିଏସଏନାଲ ଭଳି ସଂସ୍ଥା ଦେବାଳିଆ ହୋଇଯାଇଥିଲା । ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ବ୍ୟାପକ ସଂସ୍କାର ଆଣିବା ପରେ ଗତବର୍ଷ ବିଏସଏନଏଲ ଲାଭଜନକ ସଂସ୍ଥା ହୋଇପାରିଛି । ଭାରତବର୍ଷର ନିଜସ୍ୱ ଜ୍ଞାନକୌଶଳରେ ୪-ଜି ଏବଂ ୫-ଜି ନେଟୱାର୍କର ବିକାଶ ପାଇଁ କାର୍ଯ୍ୟ ଚାଲିଛି ଏବଂ ଅତିଶୀଘ୍ର ଦେଶବାସୀ ଏହି ସେବା ପାଇବେ । ଚାଷୀ, ଗରିବ ବାସହୀନଙ୍କୁ ଘର, ପାନୀୟ ଜଳ ଯୋଗାଣ, ରୋଜଗାର ସୃଷ୍ଟି ଆଦି ପାଇଁ ଚଳିତ ବଜେଟରେ ରେକର୍ଡ ପରିମାଣର ଅନୁଦାନ ପ୍ରଦାନ କରାଯାଇଛି । ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୁଲ୍ୟ ଟଙ୍କା ଯେପରି ଚାଷୀମାନେ ପାଇପାରିବେ, ସେଥି ପାଇଁ ଡିବିଟି ଜରିଆରେ ଉକ୍ତ ଟଙ୍କାକୁ ଚାଷୀଙ୍କ ବ୍ୟାଂକ ଖାତାକୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ମୋଦି ସରକାର ଶାସନ କାଳରେ ଖଣି କ୍ଷେତ୍ରରେ ବ୍ୟାପକ ମାତ୍ରରେ ସଂସ୍କାର ଆସିଥିବାରୁ ଆଜି ଓଡିଶା ରାଜ୍ୟର ଖଣି ଅଧୁଷିତ ଜିଲ୍ଲାମାନଙ୍କରେ ୩ ରୁ ୪ ହଜାର କୋଟି ପର୍ଯ୍ୟନ୍ତ ଟଙ୍କା ଗଚ୍ଛିତ ଅଛି । ଏହି ଅର୍ଥର ସଠିକ ଭାବେ ବିନିଯୋଗ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ର ବଜେଟରେ ରେଳ ମନ୍ତ୍ରଣାଳୟକୁ ୧,୪୦,୩୬୭.୧୩କୋଟି ଟଙ୍କା ମିଳିଛି। ଏହା ପୂର୍ବ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ତୁଳନାରେ ୨୦, ୩୧୧କୋଟି ଅଧିକ। ରେଳପଥ ସମେତ ରେଳ ଯାତ୍ରୀଙ୍କ ସୁରକ୍ଷା ଓ ଗମନାଗମନ, ରକ୍ଷଣବେକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରିବା ମୋଦି ସରକାର କାର୍ଯ୍ୟରତ । ବଜେଟରେ ରେଳ ଲାଇନର ନବୀକରଣ ପାଇଁ ୧୩,୩୩୫.୪୭କୋଟି, ଗଜ କନଭରସନ ପାଇଁ ୨,୮୫୦କୋଟି, ଦୋହରୀକରଣ ପାଇଁ ୧୨,୧୦୮କୋଟି ଟଙ୍କା ଦିଆଯାଇଛି। ଅତିରିକ୍ତ ଭାବେ ଡିଏଫସି ଭାବେ ୧୫,୭୧୦.୪୪କୋଟି ଦିଆଯାଇଛି। ନୂଆ ରେଳ ଲାଇନ ପାଇଁ ମଧ୍ୟ ୨୫,୨୪୩କୋଟି ଟଙ୍କା ଆବଂଟିତ କରାଯାଇଛି। ସାରା ଦେଶ ପାଇଁ ଆସନ୍ତା ୩ ବର୍ଷରେ ୪୦୦ଟି ବନ୍ଦେ ଭାରତ ଟ୍ରେନ ଚାଲିବ । ରାଜ୍ୟରେ ୯୮.୭କିମିର ଅନୁଗୋଳ - ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫କୋଟି ଟଙ୍କା, ୮୨କିମି ହରିଦାସପୁର - ପାରାଦ୍ୱୀପ ରେଳ ଲାଇନ ପାଇଁ ୮୫କୋଟି ଟଙ୍କା, ତାଳଚେର – ବିମଳାଗଡ ୧୫୪କିମି ରେଳ ଲାଇନ ପାଇଁ ୨୫୦କୋଟି ଟଙ୍କା, ଭଦ୍ରକ - ନିଗୁଣ୍ଡି ତୃତୀୟ ଲାଇନ ପାଇଁ ୨୫୧କୋଟି, ଖୋର୍ଦ୍ଧା – ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪କୋଟି, ସମ୍ବଲପୁର – ଟିଟିଲାଗଡ ୧୮୨.୧୧କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯କୋଟି ଟଙ୍କା, ସମ୍ବଲପୁର – ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨କୋଟି ଟଙ୍କା, ଝାରସୁଗୁଡା – ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭କୋଟି ଟଙ୍କା ଦିଆଯାଇଛି, ଜୟପୁର – ମାଲକାନଗିରି ୧୩୦କିମି ପାଇଁ ୧୩କୋଟି ଟଙ୍କା, ଜୟପୁର - ନବରଙ୍ଗପୁର ପାଇଁ ୮୧କୋଟି ଟଙ୍କା ଦିଆଯାଇଛି। ବଜେଟ୍ ଉପସ୍ଥାପନ କରିବା ବେଳେ ସଡକ, ରେଳ, ରାଜପଥ, ବନ୍ଦର ଓ ସାଧାରଣ ପରିବହନକୁ ସରକାର ଅଧିକ ଗୁରୁତ୍ୱ ଦିଆଯାଇଛି । ।ଜ୍ୟରେ ୧୨ଟି ରେଳ ଷ୍ଟେସନ ଡିଜାଇନର ଉନ୍ନତିକରଣ କାର୍ଯ୍ୟ ଚାଲୁରହିଛି ।

## ଝାଳ ବୁହାଇ ଅଦା ଅମଳ ....

ଅନ୍ୟପଟେ ଅମଳ ହୋଇଥିବା ବସ୍ତା ବସ୍ତା ଅଦା ଘରେ ପଡି ରହିଛି । ସେପଟେ କର୍ଣ୍ଣାଟକରୁ କୋରାପୁଟ ବଜାରକୁ ଅଦା ଆସୁଥିବାରୁ ଅଞ୍ଚଳରେ ଉତ୍ପାଦିତ ଅଦା ବିକ୍ରି ହୋଇପାରୁନଥିବା କହିଛନ୍ତି ଚାଷୀ । ଅର୍ଥକାରୀ ଫସଲ ଭାବେ ଅଦା ଚାଷ କରୁଥିଲେ ପଟାଙ୍ଗୀ, ନନ୍ଦପୁର, ଲମତାପୁଟ ବ୍ଲକର ଚାଷୀ । ବର୍ଷକୁ ୫୦ରୁ ୬୦ ହଜାର ଟନ୍ ଅଦା ରାଜ୍ୟ ତଥା ରାଜ୍ୟ ବାହାରକୁ ରପ୍ତାନି କରି ଭଲ ରୋଜଗାର ମଧ୍ୟ କରୁଥିଲେ । କିନ୍ତୁ ଗତ ୨ ବର୍ଷ ହେଲା ସମସ୍ୟା ଦେଖା ଦେଇଛି । ଗୋଟିଏ ପଟେ ବଜାରକୁ କର୍ଣ୍ଣାଟକରୁ ଅଦା ଆସୁଛି, ଅନ୍ୟପଟେ ଅମଳ ଅଦାକୁ ସରଂକ୍ଷିତ କରି ରଖିବା ପାଇଁ ଜିଲ୍ଲାରେ ଶୀତଳଭଣ୍ଡାରର ସୁବିଧା ନାହିଁ । ତେଣୁ ଚାଷୀ ଅଭାବି ବିକ୍ରିର ଶିକାର ହେଉଥିବା କହିଛନ୍ତି । ଜୀବନ ଜୀବିକାର ଦୋ ଛକିରେ କୋରାପୁଟର ଅଦା ଚାଷୀ । ନା ବିକ୍ରି ହେଉଛି ଅଦା- ନା ସଂରକ୍ଷଣ କରି ରଖି ହେଉଛି । ତେଣୁ ସରକାର ଶୀତଳଭଣ୍ଡାର ଟିଏ କଲେ ଅଦା ଚାଷୀ ଲାଭବାନ୍ ହେବା ସହ ରାଜ୍ୟ ସରକାରଙ୍କୁ ମଧ୍ୟ ରାଜସ୍ୱ ମିଳିପାରନ୍ତା ।

## କାହିଁକି ବିବାହ କରିନଥିଲେ ....

ହେଲେ ଏହି ଗୀତଟି ରିଲିଜ ହୋଇନଥିଲା । ପ୍ରଥମ ହିନ୍ଦୀ ଗୀତ 'ମାତା ଏକ ସପୁତ କି ଦୁନିଆ ବଦଲ ଦେ ତୁ' । ୧୯୪୨ରେ ପେହଲି ମଙ୍ଗଳ-ଗୌର ଫିଲ୍ମରେ ଛୋଟ ଭୂମିକାରେ ଅଭିୟନ କରିଥିଲେ । ୧୯୪୫ରେ ଲତା ମଙ୍ଗେସକର ମୁମ୍ବାଇ ଆସିଥିଲେ । ବିନାୟକ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇକୁ ସ୍ଥାନାନ୍ତର ପରେ ଆସିଥିଲେ । କଣ୍ଠଶିଳ୍ପୀ ନୁର ଜେହାନଙ୍କୁ ଅନସୁରଣ କରୁଥିଲେ ଲତା । ମ୍ୟୁଜିକ୍ ନିର୍ଦ୍ଦେଶକ ଗୁଲାମ ହାଇଦର ଲତାଙ୍କ ଗଡ ଫାଦର ଥିଲେ । ୧୯୫୫ ଲତା ପ୍ରଥମଥର ପାଇଁ ମ୍ୟୁଜିକ୍ କମ୍ପୋଜ କରିଥିଲେ । ଲତା ମଙ୍ଗେସକର ୪ ଟି ଫିଲ୍ମ ନିର୍ମାଣ କରିଛନ୍ତି । ବାଦଲ, ଜଂଜିର, କାଂଚନ ଗଙ୍ଗା, ଲେକିନ ଫିଲ୍ମ ନିର୍ମାଣ କରିଥିଲେ ।

## ଶରୀର ପଞ୍ଚତତ୍ୱରେ ବିଲୀନ....

ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷ ଯାତ୍ରାରେ ଜଡିତ ହଜାର ହଜାର ଲୋକ ଲତା ମଙ୍ଗେଶକରଙ୍କୁ ଅମର ରହେ ବୋଲି ଉଦଘୋଷ ଆକାଶରେ ଗୁଂଜାୟମାନ ହେଉଥିଲା । ଶେଷ ଯାତ୍ରାରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମୁମ୍ବାଇ ବିଜେପି ସଭାପତି ମଙ୍ଗଲ ପ୍ରଭାତ ଲୋଢା ଏବଂ ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ। ଶିବାଜୀ ପାର୍କ ପଡିଆରେ ସଂସଦର ସଦସ୍ୟ ସୁପ୍ରିୟା ସୁଲେ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ଦିଲୀପ ୱାଲସେ ପାଟିଲ, ଛଗନ ଭୁଜବଲ, ଏମଏନଏସ ସଭାପତି ରାଜ ଠାକରେ, ଚଳଚ୍ଚିତ୍ର ଅଭିନେତା ଶାହାରୁଖ ଖାନ, ଅଭିନେତ୍ରୀ ଶ୍ରଦ୍ଧା କପୁର, ଡ ପ୍ରତୀତ ସମଦାନୀ ଇତ୍ୟାଦି ଉପସ୍ଥିତ ଥିଲେ। କରୋନା କାରଣରୁ ଲତା ମଙ୍ଗେଶକରଙ୍କୁ ଜାନୁଆରୀ ୮ ରେ ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ୨୮ ଦିନ ପରେ, ସେ ରବିବାର ସକାଳ ୮.୧୨ ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

## ପୁଣି ବଢ଼ିଲା ନିର୍ବାଚନୀ....

କୋଭିଡ୍ ପରିସ୍ଥିତି ସଂକ୍ରାନ୍ତୀୟ ଆଲୋଚନା ପରେ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି । ତେବେ ଏଥର କିଛି ନିର୍ଦ୍ଦିଷ୍ଟ ସର୍ତ୍ତରେ ଆଉଟ୍ ଡୋର ମିଟିଂ ପାଇଁ କମିଶନ ଅନୁମିତି ଦେଇଛନ୍ତି। ଖୋଲା ମଞ୍ଚରେ ୩୦ ପ୍ରତିଶତ କ୍ଷମତାକୁ ନେଇ ରାଜନୈତିକ ସଭା ହୋଇ ପାରିବ ବୋଲି କୁହାଯାଇଛି। ଏଥିପାଇଁ ପ୍ରଶାସନିକ ସ୍ତରରୁ ଅନୁମତି ନେବାକୁ ପଡ଼ିବ। ଚଳିତ ମାସରେ ୟୁପି ସହ ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର, ଗୋଆ ଏବଂ ମଣିପୁରରେ ବିଧାନ ସଭା ନିର୍ବାଚନ ହେବ।

# ଲତା ମଙ୍ଗେଶକରଙ୍କ ମୃତ୍ୟୁରେ ଦୁଇ ଦିନିଆ ଜାତୀୟ ଶୋକ

ନୂଆଦିଲ୍ଲୀ, ୦୬/୦୨ (ନି.ପ୍ର): ରବିବାର ଦିନ ଭାରତ ରତ୍ନ ସ୍ୱର କୋକିଳା ଲତା ମଙ୍ଗେଶକରଙ୍କ ଦେହାନ୍ତରେ କେନ୍ଦ୍ର ସରକାର ଦୁଇ ଦିନିଆ ଶୋକ ଘୋଷଣା କରିଛନ୍ତି। ଫେବୃଆରୀ ୬ ଏବଂ ୭ ରେ ଲତା ମଙ୍ଗେଶକରଙ୍କ ସମ୍ମାନାର୍ଥେ ଜାତୀୟ ପତାକା ଅର୍ଦ୍ଧ ନମିତ କରାଯିବ । ଆଜି ୯୨ ବର୍ଷ ବୟସରେ ଲତା ମଙ୍ଗେଶକରଙ୍କ ଦେହାନ୍ତ ହୋଇଛି। ଜାନୁଆରୀ ୯ ଜାନୁଆରୀ ରେ ତାଙ୍କୁ ମୁମ୍ବାଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତି କରାଯାଇଥିଲା। ରବିବାର ସନ୍ଧ୍ୟାରେ ମୁମ୍ବାଇର ଶିବାଜୀ ପାର୍କରେ ତାଙ୍କୁ ରାଜ୍ୟ ସମ୍ମାନରେ ଶବଦାହ କରାଯାଇଛି ।

# ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେଶକରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେଶକରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀସମୀରମହାନ୍ତି ଗଭୀର ଶୋକ ବ୍ୟକ୍ତ କରିବା ସହ ରାଜ୍ୟକାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ କେନ୍ଦ୍ର ରେଳଏବଂ ସୁଚନା ଓ ପ୍ରଯୁକ୍ତିମନ୍ତ୍ରୀଶ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସଂଗୀତ ଦୁନିଆକୁଲତାଦିଦିଙ୍କ ଅବଦାନ ଚିରସ୍ମରଣୀୟ । ଲତା ଦିଦି ଆମହୃଦୟରେ ଯୁଗେ ଯୁଗେରହିବେ । ତାଙ୍କ ବିୟୋଗକୁ ଶବ୍ଦରେ ବର୍ଣ୍ଣନାକରିହେବ ନାହିଁ। ସଂଗୀତ ଜଗତ ପାଇଁ ଏକ ଅପୂରଣୀୟକ୍ଷତି । ମହାପ୍ରଭୁଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଲତାମଙ୍ଗେଶକରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ରାଜ୍ୟ ବିଜେପି ତରଫରୁ ଶ୍ରୀମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସମବେଦନା ଜ୍ଞାପନ କରିଛନ୍ତି । ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ପାର୍ଟିର ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ରଟିଣାରୁ ଭଜପା ପ୍ରାର୍ଥୀ ଗଜେନ୍ଦ୍ରଙ୍କ ପ୍ରଚାର ଆରମ୍ଭ



ଖଇରା, ୦୬/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଜୋନର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ ରଟିଣା ପଞ୍ଚାୟତରୁ ନିଜର ପ୍ରଚାର ଆରମ୍ଭ କରିଛନ୍ତି । ବର୍ତ୍ତମାନ ଖଣିବନ୍ଦ ଯୋଗୁଁ ଶ୍ରମିକ ସମସ୍ୟା ଉତ୍କଟ ହେଉଛି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଖଣିରୁ ଲାଭବାନ ହେଉଥିବା ବେଳେ ୯୦ଭାଗ ଲୋକ ଜିବିକା ହରାଇ ଦାଦନ ଖଟିବାକୁ ଯାଉଛନ୍ତି। ଏଣୁ ସେ ବିଜୟୀ ଏହି ସମସ୍ୟାର ସମାଧାନକୁ ପ୍ରାଧାନ୍ୟ ଦେବେ ବୋଲି କହିଥିଲେ। ଏଥିସହ ବର୍ତ୍ତମାନ କୁପାରୀ ଅଞ୍ଚଳରେ ବିକାଶ ନାମରେ ଚାଲିଥିବା ଦୁର୍ନିତି ମୁଳପ୍ତାନ ସହ ଦାରିଦ୍ର୍ୟ ଦୁରିକରଣ ଯୋଜନା ଲାଗୁ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ । ଭାଜପା ଯୁବ ନେତା ନିଳମାଧବ ପଣ୍ଡା,ଭାଜପା ସମର୍ଥୀତ ସରପଞ୍ଚ ପ୍ରାର୍ଥୀ ହରପ୍ରିୟା ପଣ୍ଡା ଓ ସମିତିସଭ୍ୟ ପ୍ରାର୍ଥୀ ସୁଧାଂଶୁ ଶେଖର ପାଢୀ,ଭାଜପା କର୍ମୀ ରମେଶ ପଣ୍ଡା, ଶଙ୍କର୍ଷଣ ଜେନା, ଅଲେଖ ସାହୁ, ବଟକୃଷ୍ଣ ପୁହାଣ ପ୍ରମୁଖ ରଟିଣାର ସମସ୍ତ ୱାର୍ଡ ରେ ବୁଲି ବୁଲି ପ୍ରଚାର କରିବା ସହ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ ।

# ବାଇକ,ସ୍କୁଟି ଧକ୍କା : ଜଣେ ମୃତ

ଜୟପୁର, ୦୬/୦୨ (ନି.ପ୍ର): ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ନମ୍ବର ଜାତୀୟରଜପଥ ପାର୍ଲି ନିକଟରେ ବାଇକ ଏବଂ ସ୍କୁଟି ମୁହାଁମୁହିଁ ଧକ୍କା ।ସଡକ ଦୁର୍ଘଟଣା ସ୍କୁଟି ଚାଳକ ଯୁବତୀ ଙ୍କ ମୃତ୍ୟୁ ଘଟିଛି ।ମୃତ ଯୁବତୀ ଜଣକ ଜଣକ ଜୟପୁର ନୂଆସହି ର କାଜଲ ଖୋର ବୋଲି ଜଣାପଡିଛି ।ସେ ଆଜି ନିଜ ସମ୍ପରିକୟ ଭଉଣୀ ସଞ୍ଜନା ଙ୍କ ସହ ଏକ ସ୍କୁଟି ଯୋଗେ ଖୁପିଆ ରୁ ଜୟପୁର ଅଭିମୁଖେ ଯାଉଥିବା ବେଳେ ପାର୍ଲି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ଧକ୍କା ହୋଇଥିଲା। ଫଳରେ କାଜଲ ଗୁରୁତର ଆହତ ହୋଇଥିଲେ ।ତାଙ୍କୁ ପ୍ରଥମେ ବୋରିଗୁମା ଓ ପରେ କୋରାପୁଟଜିଲା ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇ ଥିଲା ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।ବୋରିଗୁମ୍ମା ପୋଲିସ ପହଂଚି ଏକ ମାମଲା ରୁଜୁ କରି ଦୁର୍ଘଟଣା ଗସ୍ତ ଦୁଇଟି ଗାଡି କୁ ଜବତ କରିବା ସଙ୍ଗେ ସଙ୍ଗେ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଖବରଦାତାଙ୍କ ବିୟୋଗରେ ଶୋକ

ଖଇରା, ୦୬/୦୨ (ନି.ପ୍ର): କଳାହାଣ୍ଡି ଜିଲା ର ମାଓ ଅଧ୍ୟୁଷିତ ମଦନପୁର ରାମପୁର ଥାନା ଅଧୀନ କର୍ଲାଖୁଣ୍ଟା ନିକଟରେ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ଧରିତ୍ରୀ ପ୍ରତିନିଧିଙ୍କ ବିୟୋଗରେ ଖଇରା ସାମ୍ବାଦିକ ସଂଘ ତରଫରୁ ଖଇରାଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ତଥା ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ଦୟାନିଧି ମହାପାତ୍ର, ନିଶିକାନ୍ତ ମହାନ୍ତି, କିଶୋର କୁମାର ବେହେରା, ସଞ୍ଜୟ ବେହେରା, ତପୋଧନ ବାରିକ, ଦେବବ୍ରତ ଦାସ, ସାଧାରଣ ସମ୍ପାଦକ ବଳରାମ ଲେଙ୍କା ପ୍ରମୁଖ ଯୋଗ ଦେଇ ଅମରଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ପରିବାରକୁ ସହାୟତା ବାବଦକୁ ୫୦ଲକ୍ଷ ଟଙ୍କା ଓ ଶହିଦ ମାନ୍ୟତା ପ୍ରଦାନ ପାଇଁ ସଦସ୍ୟ ମାନେ ଦାବି କରିଥିଲେ ।

# ଶହୀଦ ସାମ୍ବାଦିକଙ୍କୁ ଓଜେୟୁ ଜିଲ୍ଲା ଶାଖା ପକ୍ଷରୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୦୬/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ମୋହନଗିରି ଅଂଚଳର ସାମ୍ବାଦିକ ତଥା ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ସକ୍ରୀୟ ସଦସ୍ୟ ରୋହିତ ବିଶ୍ୱାଳ ଶନିବାର ଦିନ ମାଓ ଆକ୍ରମଣରେ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟି ଶହୀଦ ହୋଇଥିବାରୁ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଓଡିଶା ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ଆଜି ଦିବା ୧୧ ଘଟିକା ସମୟରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ ଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖାର ସାଧାରଣ ସମ୍ପାଦକ ଅଭିଜିତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ରାଜ୍ୟ ଉପସଭାପତି ଦୀପକ କୁମାରନାୟକ, ରାଜ୍ୟ କାର୍ଯ୍ୟକାରିଣି ସଦଶ୍ୟ ପ୍ରିୟବ୍ରତ ମିଶ୍ର, ଜିଲ୍ଲା କୋଷାଧକ୍ଷ ଶ୍ରୀକାନ୍ତ ରାଉତ, ଉପଦେଷ୍ଟା ସୁକାନ୍ତ କୁମାର ଜୀଉ, ସଦଶ୍ୟ ସୁବ୍ରତ ପ୍ରଧାନ, ପ୍ରଭାସ କୁମାର ସାହୁ, ରୁପମ ସ୍ୱାଇଁ, ସୁକାନ୍ତ କୁମାର ସାହୁ, ସନ୍ତୋଷ କୁମାର ବରଜ, କ୍ଷୀରୋଦ ଚନ୍ଦ୍ର ଦାସ, ଶାରଦା ପ୍ରସାଦ ବାରିକ, ହରେକୃଷ୍ଣ ପାତ୍ର, ଦିଲ୍ଲିପ କୁମାର ପାତ୍ର, ରଜତ କୁମାର ବୈଠା, ଅଭିଷେକ ଖୁଂଟିଆ, ରମାକାନ୍ତ ରାଉତ, ଦିଲ୍ଲିପ ଚୌଧୁରୀ, ଦୀପକ ପାଣିଗ୍ରାହୀ ପ୍ରମୁଖ ବହୁ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତଃ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ପ୍ରଥମେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫୋଟଚିତ୍ର ରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ସରକାର ତାଙ୍କ ପରିବାର ବର୍ଗଙ୍କୁ ୧୩ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ବେଳେ, ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ସହ ମାଓବାଦୀ ଆକ୍ରମଣ ପରି ସମ୍ବେଦନ ଶୀଳ ଘଟଣାରେ ସାମ୍ବାଦିକ ମୃତ୍ୟୁବରଣ କଲେ ଶହୀଦର ମାନ୍ୟତା ଦେବା ପାଇଁ ସରକାର ଆଇନ ପ୍ରଣୟନ କରିବାକୁ ସଂଘ ପକ୍ଷରୁ ଦାବୀ କରାଯାଇଛି । ଏବାବଦରେ ୭ ତାରିଖ ଦିନ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ବିଧିବଦ୍ଧ ଦାବୀପତ୍ର ପ୍ରଦାନ କରାଯିବ ବୋଲି ଜଣା ଯାଇଛି ।

# ସିନ୍ଧିଆରେ ବିଜେପିର ପ୍ରଚାର

ବାଲେଶ୍ୱର,୦୬/୦୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ସାଧାରଣ ଜନତାଙ୍କ ପାଇଁ ପ୍ରଚାର କରୁଛନ୍ତି। ଆଜି ସକାଳେ ଶ୍ରୀ ଦତ୍ତ ସିନ୍ଧିଆ ପଞ୍ଚାୟତରେ ଡୋର ଟୁ ଡୋର କ୍ୟାମ୍ପେନିଂ ଆରମ୍ଭ କରିଥିଲେ। ଘରକୁ ଘର ଯାଇ ଜନତାଙ୍କୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଶ୍ରୀ ଦତ୍ତ କହିଛନ୍ତି ଗତ ଉପ ନିର୍ବାଚନରେ ବିଜୁ ଜନତା ଦଳ ଯେଉଁ ସବୁ ପ୍ରତିଶୃତି ସାଧାରଣ ଜନତାକୁ ଦେଇଥିଲେ, ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି। ଉପ ନିର୍ବାଚନକୁ ୧ ବର୍ଷ ବିତିଯାଇ ଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରି ନାହିଁ। ଏଠି ରାଜ୍ୟ ସରକାର ବିଭିନ୍ନ ଯୋଜନା ନାମରେ ଲୋକଙ୍କୁ ଭୁଆଁ ବୁଲାଉଛି। ଶ୍ରୀ ଦତ୍ତ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବାଜିମାତ କରିବ ଓ ପଞ୍ଚାୟତରେ ବିକାଶର ନୂଆ ସୂର୍ଯ୍ୟୋଦୟ ହେବ ବୋଲି ସଦର ନେତା ଶ୍ରୀ ଦତ୍ତ ପରିପ୍ରକାଶ କରିଛନ୍ତି। ପରେ ବଇଁଚା ପଞ୍ଚାୟତର ପାଖରାବାଡ ଠାରେ ଅନୁଷ୍ଠିତ ହନୁମାନ ମନ୍ଦିରର ୨ୟ ବାର୍ଷିକୀରେ ଶ୍ରୀ ଦତ୍ତ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୫ ନଂ ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୟାଧର ବେହେରା, ସିନ୍ଧିଆ ସରପଞ୍ଚ ପ୍ରାର୍ଥିନୀ ସସ୍ମିତା କର, ସମିତିସଭ୍ୟ ପ୍ରାର୍ଥୀ ଅଞ୍ଜନ କୁମାର ପରିଡା, ବଇଁଚା ସରପଞ୍ଚ ପ୍ରାର୍ଥୀ ରବିନାରାୟଣ ପ୍ରଧାନ, ସମିତିସଭ୍ୟା ପ୍ରାର୍ଥିନୀ ଗୀତା ସରେନ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ପଞ୍ଚାୟତ ସଭାପତି ବିରେନ୍ଦ୍ର ସେନାପତି, ମଣ୍ଡଳ ହରିଜନ ମୋର୍ଚ୍ଚା ସଭାପତି ଶ୍ରୀନିବାସ ମହାଳିକ, ପୂର୍ଣ୍ଣଚନ୍ଦ୍ର ବେହେରା, ଭୀମକାନ୍ତ ତରେଇ, ମାୟାଧର ପ୍ରଧାନ, ଅତୁଲ ଖଟୁଆ, ଅନନ୍ତ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡିତ ଦାମୋଦର ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତଜ୍ଞ ଗୁରୁ ତଥା ପଣ୍ଡିତ ଦାମୋଦର ହୋତାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ଉଡ୍ର ପଦ୍ଧତୀୟ ସଂଗୀତର ଗବେଷଣା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ଉଦଳା ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପ୍ରସଙ୍ଗ : ହସ୍ତକ୍ଷେପ କଲେ ମହାମହିମ ରାଜ୍ୟପାଳ

ଉଦଳା, ୦୬/୦୨ (ନି.ପ୍ର): ଉଦଳା ସହର ମଧ୍ୟରେ ଦିର୍ଘବର୍ଷ ଧରି ଚାଲିଛି ସରକାରୀ ଆୟୁର୍ବେଦ ଚିକିତ୍ସାଳୟ । ଯେଉଁ ଛାତ ତଳେ ଉକ୍ତ ଚିକିତ୍ସାଳୟ ଚାଲିଛି ଉକ୍ତ ଛାତରୁ ବର୍ତ୍ତମାନ ପାଣି ଗଳିବା ସହିତ ଲକ୍ଷ ଲକ୍ଷ ଟଙ୍କାର ଔଷଧ ଓ ଆସବାବ ପତ୍ର ନଷ୍ଟ ହେବାକୁ ବସିଲାଣି । ଏହି ଚିକିତ୍ସାଳୟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଏବେ ସରକାରୀ ଅନୁଦାନ ଆସିଛି । କିନ୍ତୁ ଗୃଡ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇ ନପାରିବାରୁ ଉକ୍ତ ଅନୁଦାନ ଫେରିବାକୁ ବସିଥିଲା । ଏଥିରେ ପ୍ରତିକ୍ରୀୟା ପ୍ରକାଶ କରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଦସ୍ୟ ବୃନ୍ଦ ଏ ବାବଦରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କର ଦୃଷ୍ଟି ଆକର୍ଷଣ କରି ସ୍ଥାନୀୟ ଉପଜିଲ୍ଲାପାଳଙ୍କ




କାର୍ଯ୍ୟାଳୟ ସମ୍ମୁଖରେ ଗତ ବିଶ୍ୱ ଅହିଂସା ଦିବସ ଦିନ ଧାରଣାରେ ବସିଥିଲେ । ମହାମହିମ ରାଜ୍ୟପାଳ ମଧ୍ୟ ଏଥିରେ ହସ୍ତକ୍ଷେପ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ଚିଠି କରିଥିବାର ଜଣାଯାଇଛି । ସିଧାସଳଖ ରାଜଭବନରୁ ରେଜିଷ୍ଟାଡ୍ ପୋଷ୍ଟ ଯୋଗେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ନିକଟକୁ ଉକ୍ତ ଚିଠିର ମେମୋ କପି ଆସିଥିବାର ସେ ଗଣମାଧ୍ୟମକୁ ଜଣାଇଛନ୍ତି ।

# ଗୋଟିଏ ଦିନରେ ୨୧୦୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୧୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୬୮୧୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୩୪ ହଜାର ୩୫୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୬୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୦୬ ଜଣଙ୍କ ମଧ୍ୟରୁ ୧୨୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୭୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୯୭, ବାଲେଶ୍ୱର ଜିଲ୍ଲାରୁ ୪୦ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫୫, କଟକରୁ ୧୪୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୪, ଗଂଜାମ ଜିଲ୍ଲାରେ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୨, ଯାଜପୁରରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୪, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଓଡିଶା ବ୍ୟାକେରୀ ହାଉସର ରିଟେଲ ସେଣ୍ଟର ଉଦ୍‌ଘାଟିତ



ବାଲେଶ୍ୱର,୦୬/୦୨ (ନି.ପ୍ର): ଷ୍ଟାର୍ଟ ଅପ କମ୍ପାନୀର 'ଓଡ଼ିଶା ବ୍ୟାକେରୀ ହାଉସ'ର ଏକ ଶାଖା କାଉଣ୍ଟର ଫକୀର ମୋହନ କଲେଜ ରାସ୍ତାରେ ରବିବାର ଉଦଘାଟିତ ହୋଇଯାଇଛି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହାକୁ ଉଦଘାଟନ କରିଥିଲେ। ଜିଲାରେ ଷ୍ଟାର୍ଟ ଅପ୍ କମ୍ପାନୀ ଖୋଲାଯିବା ଏବଂ ତାହାର ବିସ୍ତାର ହେବା ଏକ ଶୁଭ ସଂଙ୍କେତ ବୋଲି ସେ ମତପ୍ରକାଶ କରିଥିଲେ। ଏହା ଦ୍ୱାରା ନିଜେ ଯୁବଗୋଷ୍ଠୀ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ମଧ ରୋଜଗାର ଯୋଗାଇ ପାରିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ଓଡିଶା ବ୍ୟାକେରୀ ହାଉସ୍‌ର ପ୍ରତିଷ୍ଠାତା ସୁଶାନ୍ତ ମହାକୁଡ ଏଥିରେ ଯୋଗଦେଇ ବ୍ୟାକେରୀ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ନିଜର ଅନୁଭୁତି କହିଥିଲେ। ଓଡିଶାର ବଜାର ଚାହିଦା ପୂରଣ ପାଇଁ ବାହାର ରାଜ୍ୟର କମ୍ପାନୀଙ୍କ ଉପରେ ନିର୍ଭର ହେବାକୁ ପଡୁଥିବା ବେଳେ ତାଙ୍କର ଏହି ଷ୍ଟାର୍ଟ ଅପ୍‌କୁ ଜନସାଧାରଣ ଆଶାନୁରୂପ ପସନ୍ଦ କରୁଛନ୍ତି ବୋଲି ସେ କହିଥିଲେ। ସୋର ଓ ଭୁବନେଶ୍ୱରରେ ବ୍ୟାକେରୀ ସାମଗ୍ରୀ ପ୍ରସ୍ତୁତ ହେଉଥିବା ବେଳେ ସମସ୍ତ ସାମଗ୍ରୀ ଉପରେ ଅପେକ୍ଷାକୃତ ୩୦ ପ୍ରତିଶତ କମ ଦାମ ରହିଛି ବୋଲି ଶ୍ରୀ ମହାକୁଡ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ଶୁଭମ ସାଇ ମହାପାତ୍ରଙ୍କ ସମେତ ଓଡିଶା ବ୍ୟାକେରୀ ହାଉସ୍ ନୂତନ ଆଉଟ୍‌ଲେଟର ସତ୍ୱାଧିକାରୀ ସଦାନନ୍ଦ ଜେନା, କୁମୁଦିନୀ ଜେନା, କିଶୋର କୁମାର ଜେନା, ଅଶୋକ କୁମାର ଜେନା, ମାନସ କୁମାର ଜେନା, ଅଭିଜିତ ବିଶ୍ୱାଳ, ଦିଲୀପ କୁମାର ଜେନା, ଲିପ୍ସିତା ଜେନା, ବର୍ଷା ଜେନା, ଦେବାଂଶୁ ଶେଖର ଜେନା, ଦେବାଂଶୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାରରେ ସଂଘ ପକ୍ଷରୁ ଦୀପଦାନ

ପୁରୀ, ୦୬/୦୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପୁରୀ ଶାଖା ପକ୍ଷରୁ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ କଳାହାଣ୍ଡି ଜିଲ୍ଲାର ମୋହନଗିରି ଅଞ୍ଚଳର ସାମ୍ବାଦିକ ରୋହିତ ବିଶ୍ୱାଳ(୪୭)ଙ୍କ ଆତ୍ମାର ସଦଗତି ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା । ତାଙ୍କ ପରିବାରଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ସଂଘ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା । ଏହା ସହ ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ପରଲୋକ ପରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ଦୀପଦାନ କରାଯାଇଛି । ଏହି ଦୀପଦାନ କାର୍ଯ୍ୟକ୍ରମରେ ପୁରୀଜିଲ୍ଲା ସଂଘର ସଭାପତି ବିଜୟ ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର କର, ଉପସଭାପତି ବିଶ୍ୱନାଥ ମିଶ୍ର, ସଂଗଠନ ସମ୍ପାଦକ ନିରଞ୍ଜନ ମିଶ୍ର, ସହ ସମ୍ପାଦକ ଦେବେନ୍ଦ୍ର କୁମାର ନନ୍ଦ (ରୁବି) , କୋଷାଧ୍ୟକ୍ଷ ସାଗର ମଦନ ମୋହନ ପ୍ରତିହାରୀ, ସୁଶାନ୍ତ କୁମାର ସାହୁ, ଅନିମେଶ ପଟ୍ଟନାୟକ, ପ୍ରମୁଖ ଯୋଗ ଦେଇଥିଲେ ।

# 'ସମୃଦ୍ଧ ବାଲେଶ୍ୱର ପାଇଁ ଜନ ଇସ୍ତାହାର' ଶୀର୍ଷକ ଆଲୋଚନାଚକ୍ର



ବାଲେଶ୍ୱର,୦୬/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଓଡିଶା ନିର୍ମାଣ ଅଭିଯାନ' ପକ୍ଷରୁ 'ସମୃଦ୍ଧ ବାଲେଶ୍ୱର ପାଇଁ ଏକ ଜନ ଇସ୍ତାହାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଜୟ ଦାସଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ନିର୍ମାଣ ଅଭିଯାନର ରାଜ୍ୟ ଆବାହକ ଗୋବିନ୍ଦ ବଲ୍ଲଭ ଦଳାଇ ପୌର ପ୍ରଶାସନରେ ନାଗରିକମାନଙ୍କର ଭାଗିଦାରୀ ସହିତ ସମାବେଶୀ ବିକାଶରେ ସେମାନଙ୍କର ସାମାଜିକ ଓ ରାଜନୈତିକ ଦାୟିତ୍ୱବୋଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଗତ ଦୁଇ ଦଶନ୍ଧି ଧରି ବାଲେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁପାତରେ ବିକାଶମୂଳକ କାର୍ଯ୍ୟକ୍ରମ ପରିଲକ୍ଷିତ ହୋଇପାରିନାହିଁ । ୨୦୧୧ ଜନଗଣନା ଅନୁଯାୟୀ ସହରର ଜନସଂଖ୍ୟା ୧.୭ ଲକ୍ଷ ଥିଲା, ଯାହା ହୁଏତ ୨୦୨୨ ସୁଦ୍ଧା ୨.୫ ଲକ୍ଷ ଅତିକ୍ରମ କରିପାରେ । ରାଜନୈତିକ ଦଳମାନେ ଜନସାଧାରଣଙ୍କ ପରାମର୍ଶ ନେବାକୁ ଭୁଲି ଯାଇଛନ୍ତି । ଏକ ସମୃଦ୍ଧ ଗଣତନ୍ତ୍ରର ମୂଳଦୁଆ ସୃଷ୍ଟି ପାଇଁ ୯୦ ପ୍ରତିଶତ ସାକ୍ଷରତା ହାର ଥିବା ସହରର ଜନସାଧାରଣଙ୍କୁ ସେହି ଅନୁପାତରେ ବିକାଶମୁଖୀ ଯୋଜନାରେ ମତବ୍ୟକ୍ତ କରିବାର ସୁଯୋଗ ପ୍ରଦାନ ଉପସ୍ଥିତ ସୁବ୍ରତ ନାୟକ ସମାଜସେବୀ ମମତା ମହାପାତ୍ର,ଐତିହ୍ୟବିତ ପ୍ରଶାନ୍ତ କୁମାର ପାଢ଼ୀ, ବନିତା ପାଢୀ, ସୁବ୍ରତ କର, କେଶୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପାତ୍ର, ଡ. ତାରାକାନ୍ତ ନନ୍ଦ, ଭାବଗ୍ରାହୀ ମହାନ୍ତି, ସୁବ୍ରତ କର, ସୁରଞ୍ଜନ ଦାଶମହାପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପ୍ରଭାକର ସାହୁ, ପ୍ରତାପ ଚନ୍ଦ୍ର ନନ୍ଦ, ପ୍ରତିଭା ସିଂ, ସନ୍ଦିପ କୁମାର ସାହୁ, ରାମନାରାୟଣ ଦାସ, ସ୍ୱସ୍ତିକ କୁମାର ଦେ, ଭାସ୍କର ଜେନା, ପ୍ରଫୁଲ୍ଲ କୁମାର ସାହୁ, ବେଣୁଧର ସାହୁ, ବସନ୍ତ ପ୍ରଧାନ, କ୍ରୀଷ୍ଣା ସିଂ, ଦିନେଶ କୁମାର ସାହା, ପ୍ରସନ୍ନ କୁମାର ପାଢୀ, କମଳାକାନ୍ତ ଦାସ, ଭାସ୍କର ଚନ୍ଦ୍ର ସିଂ, ସୀତାରାମ ପ୍ରଧାନ, ସୁଧାଂଶୁ ଦାସ, ବନିତା ପାଢୀ, ନାରାୟଣ ଦଳାଇ, ପଙ୍କଜ ଘୋଷ ଏବଂ ଅଭୟ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଭିଯାନର ବାଲେଶ୍ୱର ଶାଖା ସଂଯୋଜକ ତୁଷାରକାନ୍ତୀ ତପସ୍ୱୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ

ଘସିପୁରା,୦୬/୦୨ (ନି.ପ୍ର): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରପରିସର ରେ ଲୋକତନ୍ତ୍ର ସେନାନୀ ସଂଘ ଓ ଆର ଏସ ଏସ ର ମିଳିତ ଆନୁକୁଲ୍ୟରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ କୁ ବିଶ୍ୱହିନ୍ଦୁ ପରିଷଦ ର ବରିଷ୍ଠ କାର୍ଯ୍ୟକର୍ତା । ନିତ୍ୟାନନ୍ଦ ନାୟକ ସଂଯୋଜନ। କରିଥିବା ବେଳେ ସତ୍ୟା ଗ୍ରହୀ ଗଦାଧର ମିଶ୍ର ହୃଦବୋଧନ ଦେଇଥିଲେ, ରବୀନ୍ଦ୍ର ପ୍ରାସାଦ ଚାନ୍ଦ ଧ୍ୱଜ ସ୍ଥାପନ କରିଥିଲେ । ଅରବିନ୍ଦ ମିଶ୍ର ଶୁଭା ଶୀତାନୀ ପାଠ କରିଥିବ ବେଳେ ଦୂର୍ଗା ପ୍ରସାଦ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ନିରାକାର ସାହୁ, ନଗେନ ଚାନ୍ଦ, ନିରାକାର ଦଳେଇ, ଶ୍ରୀ ଧର ସାହୁ, ହରେକୃଷ୍ଣ ପାତ୍ର, ପଦ୍ମନାଭ ପାତ୍ର, ହରେକୃଷ୍ଣ ପାଟି, ସରୋଜ ମିଶ୍ର, ମୁନା ସେଥି, ସମ୍ବାଦିକ ରତିକାନ୍ତ ସାହୁ, ପରେସ ସାହୁ ଓ ରାହସ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀରାଧାରମଣ ଫାଉଣ୍ଡେସନର ୩୨ତମ ପ୍ରତିଷ୍ଠା ଦିବସ

ପୁରୀ, ୦୬/୦୨ (ନି.ପ୍ର): ଶ୍ରୀରାଧାରମଣ ଫାଉଣ୍ଡେସନର ୩୨ତମ ପ୍ରତିଷ୍ଠା ଦିବସ ଓ ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ପ୍ରତିଷ୍ଠା ସମ୍ପାଦକ ଶ୍ରୀଗୁରୁଚରଣ ଦାସଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ବରିଷ୍ଠ ବୈଜ୍ଞାନିକ ଡ଼ଃ ପ୍ରଦୀପ୍ତ ମିଶ୍ର , ଇଞ୍ଜିନିୟର ଦିଲିପ କୁମାର ପଟ୍ଟନାୟକ, ହାଇକୋର୍ଟ ଆଇନଜୀବୀ ଅବକାଶ ନନ୍ଦ, ଗବେଷକ ଡ଼ଃ ଉମେଶଚନ୍ଦ୍ର ଚିନରା, ନିଳମଣୀ ଗୁରୁ, ଡ଼ାକ୍ତର ଆଶୁତୋଷ ମିଶ୍ର ଓ ପଣ୍ଡିତ ହରିଶଙ୍କର ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଟାଟାମେନ ହସପିଟାଲ ଚିକିତ୍ସାଧିକାରୀ ଡ଼ାକ୍ତର ଜଗନ୍ନାଥ ଆଚାର୍ଯ୍ୟ । ବୈଜ୍ଞାନିକ ଡ଼ଃ ପ୍ରଦୀପ୍ତ ମିଶ୍ରଙ୍କୁ ଶ୍ରୀରାଧାରମଣ ସ୍ମୃତି, ଅବକାଶ ନନ୍ଦଙ୍କୁ ମଧୁସୂଦନ ସ୍ମୃତି ଓ ହରିଶଙ୍କର ମିଶ୍ରଙ୍କୁ ହରିପୁରୁଷ ସମ୍ମାନ ଓ ସାମ୍ବାଦିକ ସୁଧାଂଶୁ ଶେଖର କରଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଗତ ୨୪ ଘଂଟାରେ କରୋନାରୁ ସୁସ୍ଥ ହେଲେ ୩୬୨୪ ଜଣ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୩ହଜାର ୬୨୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୪୮ ଜଣ ଅଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୩୭ହଜାର ୯୭୬ରେ ପହଚିଛି ବୋଲି ବିଭାଗ ପକ୍ଷରୁ କୁହା ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନାଅନୁସାରେ ଆଜି କଟକ ଜିଲ୍ଲାରୁ ୨୮୮ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସୁନ୍ଦରଗଡ଼ରୁ ୨୩୭, ସମ୍ବଲପୁରରୁ ୨୨୪, ନୂଆପଡ଼ାରୁ ୧୫୭, ବାଲେଶ୍ୱରରୁ ୧୫୧, ମୟୂରଭଂଜରୁ ୧୪୫, ଯାଜପୁରରୁ ୧୨୮, ନୟାଗଡ଼ରୁ ୧୧୯ ଓ କଳାହାଣ୍ଡିରୁ ୧୦୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଝାରସୁଗୁଡ଼ାରୁ ୧୦୮, ବରଗଡ଼ରୁ ୧୦୨, ଭଦ୍ରକରୁ ୯୧, ପୁରୀରୁ ୭୩, ବଲାଙ୍ଗୀରରୁ ୬୨, ଢେଙ୍କାନାଳରୁ ୬୧, ନବରଂଗପୁରରୁ ୫୬, ଜଗତସିଂହପୁରରୁ ୫୧, କେନ୍ଦ୍ରାପଡ଼ାରୁ ୪୮, ଗଂଜାମରୁ ୪୩, କନ୍ଧମାଳରୁ ୩୯, ମାଲକାନଗିରିରୁ ୩୦, ରାୟଗଡ଼ାରୁ ୨୩, କୋରାପୁଟରୁ ୧୯, ଗଜପତିରୁ ୧୨, ସୁବର୍ଣ୍ଣପୁରରୁ ୮, କେନ୍ଦୁଝରରୁ ୭ ଓ ରାଜ୍ୟପୁଲରୁ ୧୮୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# କବି ଭରତ ଚନ୍ଦ୍ର ଦାଶଙ୍କ ଦଶମ ଏକପଦୀ 'ପ୍ରୀତିଲତା' ପାଠକାର୍ପିତ



ବାଲେଶ୍ୱର, ୦୬/୦୨ (ନି.ପ୍ର): ନିଷ୍କାମ ପ୍ରେମ ଯନ୍ତ୍ରଣାରହିତ ଓ ବେଦଦାବିବର୍ଜିତ । ସମସ୍ତଙ୍କୁ ଆପଣାର କରିବା ମଧ୍ୟରେ କବିଟିଏ ପ୍ରେମିକ ହୋଇଉଠେ। କବିତାର ସୌନ୍ଦର୍ଯ୍ୟବୋଧ ମଧ୍ୟରେ ଜୀବନ ଦର୍ଶନର ମାର୍ମିକ ଉପଲବ୍ଧି ଅନୁଭବ କରେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ଭରତ ଚନ୍ଦ୍ର ଦାଶଙ୍କ ଏକପଦୀ କବିତା ସଂକଳନ 'ପ୍ରୀତିଲତା'ର ପାଠକାର୍ପଣ ଅବସରରେ ଉନ୍ମୋଚକ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ବିଭାଗମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମତ ପ୍ରକାଶ କରିଛନ୍ତି। ଫକୀରମୋହନ ସାହିତ୍ୟ ପରଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରି କହିଲେ ଯେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' ସହ 'ପ୍ରୀତିଲତା'ର ଆତ୍ମୀକ ସଂପର୍କ ରହିଛି। ରେମୁଣା ସାହିତ୍ୟ ସଂସଦର ସଂପାଦକ ତଥା ଗବେଷକ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉକ୍ତ ଏକପଦୀ କବିତା ସଂକଳନରେ ଜୀବନ ଦର୍ଶନ ସହ ପ୍ରେମବୋଧ ଓ ଜୀବନବୋଧର ଭାଷା ରହିଛି ବୋଲି ମତ ଦେଇଥିଲେ। ସମୀକ୍ଷକ ଭାବେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ତଥା ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା କହିଲେ ଯେ ପାଠକ ଏ ପୁସ୍ତକଟି ପାଠ କରିବା ଆରମ୍ଭ କଲେ ଶେଷ କରିବାକୁ ବାଧ୍ୟ। ତେଣୁ ଏହା ଏକ ସାର୍ଥକ ରଚନା ବୋଲି କୁହାଯାଇପାରେ। ନିଜର ଲେଖକୀୟ ଅଭିବ୍ୟକ୍ତିରେ କବି ଶ୍ରୀ ଦାଶ ତାଙ୍କର କବି ଜୀବନର ସାର୍ଥକତା ପାଇଁ ପାଠକମାନଙ୍କର ପ୍ରେରଣା ଓ ଭଲପାଇବା ହିଁ ଦାୟୀ ବୋଲି କହିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କବିପତ୍ନୀ ଗାୟତ୍ରୀ ଦାଶ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁର ସାମ୍ରାଜ୍ଞୀ ଲତା ମଙ୍ଗେସରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାରିପଦା, ୦୬/୦୨ (ନି.ପ୍ର): ସୁର ସାମ୍ରାଜ୍ଞୀ ଲତା ମଙ୍ଗେସରଙ୍କ ବିୟୋଗରେ ମହାରାଜା କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏମ.କେ.ସି. ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କବି ଅମିତାଭ ମିଶ୍ର, ଡ.ସରୋଜ କୁମାର ନାୟକ, ଶିକ୍ଷକ ପ୍ରଦୀପ କୁମାର ଦୁଣ୍ଡପାଟ, ଉପେନ୍ଦ୍ର ନାଥ ବେହେରା, ଅମୂଲ୍ୟ କୁମ୍ଭକାର, ପ୍ରବୀଣ କୁମାର ନ୍ଦ, ଅର୍ଜୁନ କୁମାର ଜେନା ପ୍ରମୁଖ ଯୋଗଦେଇ ଲତା ମଙ୍ଗେସରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାରତୀୟ ସଂଗୀତ ଜଗତକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାକୁ ସମ୍ମାନ ଜଣାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଓ ଲତା ମଙ୍ଗେସରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ଡ. ଶକ୍ତି ଶଙ୍କର ଆର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟରେ ଆଉ ୨୩ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୬/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୭୩୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯ ଜଣଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷରେ ପୁରୀ ଜିଲ୍ଲାରୁ ୩ଜଣ ରହିଛନ୍ତି । ସେହିପରି ନୟାଗଡ଼ ଓ କୋରାପୁଟ ଜିଲ୍ଲାରୁ ୨ଜଣ ଲେଖାଏଁ ରହିଥିବା ବେଳେ କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ଜଗତସିଂହପୁର, ଗଞ୍ଜାମ, ବଲାଙ୍ଗୀର,ଭଦ୍ରକ ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

# ନିର୍ବାଚନ ପରିଚାଳନାରେ ନିଯୁକ୍ତ ଶିକ୍ଷକଙ୍କ ଅସନ୍ତୋଷ



ଖଇରା, ୦୬/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରୁ ଅନ୍ୟ ବ୍ଲକ ମାନଙ୍କରେ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ଶିକ୍ଷକ ଓ ଅଧ୍ୟାପକ ମାନଙ୍କୁ ଶୁକ୍ରବାର ନିର୍ବାଚନ ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରାଯାଇଛି । ତେବେ ତାଲିମ ପରେ ନିର୍ବାଚନ କମିଶନଙ୍କର ନିର୍ଦ୍ଦେଶନାମାକୁ ନେଇ ଶିକ୍ଷକ ଓ ଅଧ୍ୟାପକ ମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି । ସେମାନଙ୍କର ଅଭିଯୋଗ ଅନୁଯାୟୀ ବିଗତ ବର୍ଷ ମାନଙ୍କରେ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଉଥିବା ଶିକ୍ଷକ ଓ କର୍ମଚାରୀ ନିର୍ବାଚନ ତାରିଖର ୨ଦିନ ପୂର୍ବରୁ ପୋଲିଂବୁଥକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା । ହେଲେ ଚଳିତ ବର୍ଷ ନିର୍ବାଚନ ତାରିଖର ପୂର୍ବଦିନ ସକାଳ ୮ଟା ସୁଦ୍ଧା ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଭଳି ଦିଆଯାଇଥିବା ବ୍ଲକରେ ରିପୋର୍ଟିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖଇରାରୁ ଭୋଗରାଇ ବ୍ଲକର ଦୁରତା ପାଖାପାଖି ୧୫୦କିମି ହୋଇଥିବା ବେଳେ ୮ଟା ସୁଦ୍ଧା ଏହି ଶିତକାଳରେ ପହଞ୍ଚିବା କଷ୍ଟକର ବୋଲି ଉକ୍ତ ଶିକ୍ଷକ ମାନେ କହିଛନ୍ତି । ଏଣୁ ଏହା ଉପରେ ବିଚାର କରି ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରି ୨ଦିନ ପୂର୍ବରୁ ଯିବାକୁ ଅନୁମତି ପ୍ରଦାନ କରିବାକୁ ତାଲିମ ନେଇଥିବା ଶିକ୍ଷକ ଓ ଅଧ୍ୟାପକ ମାନେ ଦାବି କରିଛନ୍ତି । ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ଏମ୍‌ଆଇ ନିରଞ୍ଜନ ସାହୁ, ଏବିଇଓ ଶ୍ରୀଧର ବେହେରା, ସହକାରୀ ଶିକ୍ଷକ ଭରତ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସେଣ୍ଠ, ଯଦୁନାଥ ଶିଅଳ, ରମାକାନ୍ତ ମହାପାତ୍ର, ଅଧ୍ୟାପକ ମୃତ୍ୟୁଞ୍ଜୟ ସାମଲ ଓ ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ୨୫ଜଣଙ୍କ ଦ୍ୱାରା ଏହି ତାଲିମ ପ୍ରଦାନ କରାଯାଇଥିଲା ।

# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ ସୁପରିଚାଳନା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ବାରିପଦା, ୦୬/୦୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତରାଜ ଅନୁଷ୍ଠାନର ସାଧାରଣ ନିର୍ବାଚନ- ୨୦୨୨ ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ତା. ୦୪.୦୨.୨୦୨୨ ରିଖରେ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମୟୂରଭଂଜ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା, ପଡି ଡିଆରଡିଏ, ମୟୂରଭଞ୍ଜ ପି. ଅନ୍ୱେଷା ରେଡ୍ଡି, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର, ହେମନ୍ଦ କୁମାର ସିଂ, ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଡିଆରଡିଏ, ମୟୁରଭଞ୍ଜ, ପ୍ରିୟବ୍ରତ ପାଢୀ, ଜିଲ୍ଲା ପଂଚାୟତ ଅଧିକାରୀ ଭଗବାନ ଗୌଡା ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ ପ୍ରମୁଖ ସମେତ ଆଇଟିଡିଏ ପ୍ରକଳ୍ପ ପ୍ରସାସକ, ବିଡିଓ, ତହସିଲଦାର, ଉପଖଣ୍ଡ ପଂଚାୟତ ଅଧିକାରୀ ଏବଂ ସଂପୃକ୍ତ ଲାଇନ୍ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇ ପଂଚାୟତ ନିର୍ବାଚନ ସୁପରିଚାଳନା ପାଇଁ ରାଜ୍ୟ ନିର୍ବାଚନ କମିସନଙ୍କ ନିୟମା ନିର୍ଦ୍ଦେଶାବଳୀ ଅନୁସାରେ ପ୍ରଶାସନିକ ସ୍ତରୀୟ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତ୍ରିସ୍ତରୀୟ ପଂଚାୟତରାଜ ଅନୁଷ୍ଠାନର ନିର୍ବାଚନ ସଂକ୍ରାନ୍ତୀୟ ଗ୍ରାମପଂଚାୟତ, ପଂଚାୟତ ସମିତ ଓ ଜିଲ୍ଲା ପରିଷଦ ନିୟମାବଳୀ ଅନ୍ତର୍ଗତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅର୍ପିତ କ୍ଷମତା ବଳରେ ନିର୍ବାଚନ ଅଧିକାରୀ ଦାୟୀତ୍ୱରେ ନିଯୁକ୍ତ ସମସ୍ତ ବିଡିଓ / ତହସିଲଦାର ତଥା ସଂପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ଦାୟୀତ୍ୱ ଓ ଭୂମିକା, ପୋଲିଂ ପାର୍ଟି ଓ ସେକ୍ଟର ଅଫିସର ନିୟୋଜିତ, ଡିସପରସାଲ କେନ୍ଦ୍ରରେ ସିଙ୍ଗିଲଓ୍ୱିଣ୍ଡୋ କାଉଣ୍ଟର ବ୍ୟବସ୍ଥା କରାଯିବା, ଆବଶ୍ୟକୀୟ ଯାନବାହାନ ବ୍ୟବସ୍ଥା, ଭୋଟ ଗ୍ରହଣ କେନ୍ଦ୍ର (ପୋଲିଂ ବୁଥ୍)ରେ ଆନୁସାଙ୍ଗିକ ବ୍ୟବସ୍ତା, ଷ୍ଟ୍ରଙ୍ଗ ରୁମ ବ୍ୟବସ୍ଥା, ଭୋଟ ଗଣନା ପ୍ରକ୍ରିୟା, ପୋଲିସ ନିରାପତା ଆଦି ବିଷୟ କ୍ରମ ଉପରେ ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଶ୍ରୀ ସିଂ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଡିଆରଡିଏ ମୟୁରଭଞ୍ଜ ଶ୍ରୀ ପାଢୀ ପାଓ୍ୱାର ପଏଣ୍ଟ ପ୍ରଜେକ୍ଟ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବେ ସୂଚାଇ ତାଲିମ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ପ୍ରସଙ୍ଗ କ୍ରମରେ ନିର୍ବାଚନ ପରିଚାଳନା ସକାଶେ ନିୟଜିତ ପ୍ରିଜାଇଡିଂ ଓ ପୋଲିଂ ଅଫିସର, ସେକ୍ଟର ଅଫିସର ମାନଙ୍କୁ ୦୭ ତାରିଖରୁ ୯ ରାତିଖ ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ପ୍ରଶିକ୍ଷଣ ପ୍ରଦାନ କରାଯିବା, ବ୍ୟବସ୍ଥା ନିୟନ୍ତ୍ରଣ କକ୍ଷକାର୍ଯ୍ୟକ୍ଷ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା ଆଦି ବ୍ଲକସ୍ତରେ ତୀକ୍ଷଣ ଦୃଷ୍ଟି ଦେଇ କାର୍ଯ୍ୟ, ତ୍ୱରନ୍ୱିତ କରିବା ସହିତ ତ୍ରିସ୍ତରୀୟ ପଂଚାୟତ ନିର୍ବାତନକୁ ଜିଲ୍ଲାରେ ସ୍ୱଚ୍ଛ ନିରପେକ୍ଷ ତଥା ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରି ସଂପନ୍ନ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଭରଦ୍ୱାଜ ଗୁରୁତ୍ୱ ଆରୋପ କରି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ମୟୂରଭଂଜ ଜିଲ୍ଲାରେ ତ୍ରୀସ୍ତରୀୟ ପଂଚାୟତରାଜ ଅନୁଷ୍ଠାନର ୫୩୮୩ ୱାର୍ଡ ମେମ୍ବର, ୪୦୪ ଗ୍ରାମପଂଚାୟତ ସରପଂଚ ଓ ୪୦୪ ପଂଚାୟତ ସମିତି ସଭ୍ୟ ଏବଂ ୫୬ ଗୋଟି ଜିଲ୍ଲା ପରିଷଦ ସଭ୍ୟ ପଦବୀ ପାଇଁ ଚଳିତ ଫେବୃଆରୀ ୧୬,୧୮,୨୦,୨୨ ଓ ୨୪ ତାରିଖରେ ପାଂଚଟି ପର୍ଯ୍ୟାୟରେ ୫୩୮୩ ଭୋଟ ଗ୍ରହଣ କେନ୍ଦ୍ର (ପୋଲିଂ ବୁଥ୍)ରେ ନିର୍ବାଚନ ଅନୁଷ୍ଠିତ ହେବ। ଚଳିତ ପଂଚାୟତ ନିର୍ବାଚନରେ ଭୋଟଗ୍ରହଣ କେନ୍ଦ୍ରରେ ମତଦାତା ମାନେ କୋଭିଡ ନିୟମ ଅନୁପାଳନ ଭିତିରେ ନିଜର ମତସାବ୍ୟସ୍ତ କରିବେ। ଏଥିପାଇଁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ପୋଲିଂ ପାର୍ସନାଲ ତଥା କର୍ମଚାରୀ ମାନଙ୍କ ସରକାରଙ୍କ ସ୍ୱସ୍ଥ୍ୟ ବିଭାଗ କୋଭିଡ ଗାଇଡ ଲାଇନ ଅନୁସାରେ ପ୍ରିକସନ ଡୋଜ୍ କୋଭିଡ ଟିକା ୭ ତାରିଖ ସୁଦ୍ଧା ସମସ୍ତ ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ର / ଉପଖଣ୍ଡ ଚିକିତ୍ସାଳୟରେ ଖୋଲାଯାଇଥିବା ସ୍ୱତନ୍ତ୍ର ଟିକା କରଣ କେନ୍ଦ୍ରରେ ଟିକା ନେବାପାଇଁ ପରାମର୍ଶ ଦିଆଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo